JMC-13
BLOCK-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

Odisha State Open University
Sambalpur, Odisha

## ସାମ୍ବାଦିକତା ଓ ଗଣ ଯୋଗାଯୋଗ

# ଗଣମାଧ୍ୟମ ଓ ଉପେକ୍ଷିତ

## ଭାରତରେ ଉପେକ୍ଷା



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

## JMC-13

## ଗଣମାଧ୍ୟମ ଓ ଉପେକ୍ଷିତୀକରଣ

ବ୍ଲକ୍-୦୨

## ଭାରତରେ ଉପେକ୍ଷା

ୟୁନିଟ୍ -୧ ଭାରତରେ ସାମାଜିକ ବିବିଧତା ଓ ଉପେକ୍ଷା
ୟୁନିଟ୍ -୨ ଭାରତରେ ରାଷ୍ଟ୍ର ଗଠନ ପ୍ରକ୍ରିୟା ଓ ଉପେକ୍ଷା
ୟୁନିଟ୍ -୩ ଭାରତରେ ବିକାଶର ରୂପରେଖ ଓ ଆଞ୍ଚଳିକ ଉପେକ୍ଷା
ୟୁନିଟ୍ -୪ ଜାତି ବ୍ୟବସ୍ଥା ଓ ପରିଚୟ
ୟୁନିଟ୍ -୫ ଜନଜାତି ପରିଚୟ ଓ ରାଜନୀତି

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**

ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ,** ଆସିଷ୍ଟାଣ୍ଟ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,** ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**

ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| ଭୂମିକା | ନାମ | ସମ୍ବନ୍ଧନ |
|---|---|---|
| **ମୁଖ୍ୟ ଗବେଷକ** | **ପ୍ରଫେସର୍ ବିଶ୍ୱଜିତ ଦାସ** | ସେଣ୍ଟର୍ ଫର୍ କଲଚର, ମିଡିଆ ଆଣ୍ଡ ଗଭର୍ଣ୍ଣାନ୍‌ସ, ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ- ୧୧୦୦୨୫ |
| **ଗବେଷଣା ସଂଯୋଜକ** (ଯଦି କେହି ଥାଆନ୍ତି) | **ପ୍ରଫେସର୍ ଜଗତି ଚିନ୍ନାରାଓ, ଡ. ଅମୀୟ କୁମାର ଦାସ** | ସିଏସ୍‌ଡିଇ/ଏସ୍‌ଏସ୍‌ଏସ୍/ଜେଏନ୍‌ୟୁ, ତେଜପୁର ବିଶ୍ୱବିଦ୍ୟାଳୟ |
| **ପାଠ୍ୟକ୍ରମ ଲେଖକ** | **ଡ. ଅମୀୟ କୁମାର ଦାସ (ୟୁନିଟ୍-୧)**<br>**ସୁଶ୍ରୀ ପମିଦି ହାଗ୍‌ଜେର୍ (ୟୁନିଟ୍-୨)**<br>**ଡ. ପ୍ରଫୁଲ୍ଲ କୁମାର ନାଥ (ୟୁନିଟ୍-୩)**<br>**ସୁଶ୍ରୀ ପ୍ରାର୍ଥନା ବରୁଆ (ୟୁନିଟ୍-୪)**<br>**ସୁଶ୍ରୀ କୁନ୍ତଳା ଦୋୱରା (ୟୁନିଟ୍-୫)** | ତେଜପୁର ବିଶ୍ୱବିଦ୍ୟାଳୟ<br>ତେଜପୁର ବିଶ୍ୱବିଦ୍ୟାଳୟ<br>ଆସାମ ବିଶ୍ୱବିଦ୍ୟାଳୟ<br>କଟନ୍ ବିଶ୍ୱବିଦ୍ୟାଳୟ<br>କଟନ୍ ବିଶ୍ୱବିଦ୍ୟାଳୟ |
| ବିଷୟବସ୍ତୁ ସମୀକ୍ଷକ | **ପ୍ରଫେସର୍ ବିଶ୍ୱଜିତ ଦାସ** | ସେଣ୍ଟର୍ ଫର୍ କଲଚର, ମିଡିଆ ଆଣ୍ଡ ଗଭର୍ଣ୍ଣାନ୍‌ସ, ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ, |
| ଭାଷା ସଂପାଦକ | **ପି. କେ. ଶତପଥୀ** | ଇଂରାଜୀ ବିଭାଗ, ସ୍କୁଲ୍ ଅଫ୍ ଓପନ ଲର୍ଣ୍ଣିଂ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ |

## ଅନୁବାଦ ସମ୍ପାଦନା

**ଅନୁବାଦ- ବିଘ୍ନେଶ୍ୱର ସାହୁ,** କାର୍ଯ୍ୟନିର୍ବାହୀ ସମ୍ପାଦକ, ସମଦୃଷ୍ଟି

**ସମ୍ପାଦନା- ଅରବିନ୍ଦ ପରିଡ଼ା,** ସମ୍ପାଦକୀୟ ପରାମର୍ଶଦାତା, 'ନିତିଦିନ'

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021 **MARGNALISATION IN INDIA** is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0

Printed by :

# ୟୁନିଟ– ୧:  ଭାରତରେ ସାମାଜିକ ବିବିଧତା ଓ ଉପେକ୍ଷା


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ଅନୁସୂଚୀତ ଜନଜାତିର ଲୋକଙ୍କୁ ଉପେକ୍ଷା

୧.୪: ଅନୁସୂଚୀତ ଜାତିର ଲୋକଙ୍କୁ ଉପେକ୍ଷା

୧.୫: ମହିଳାମାନଙ୍କୁ ଉପେକ୍ଷା

୧.୬: ବରିଷ୍ଠ ନାଗରିକମାନଙ୍କୁ ଉପେକ୍ଷା

୧.୭: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ଆମେ ଭାରତୀୟ ସମାଜର ବିବିଧତା ଓ ଉପେକ୍ଷାକରଣର ପ୍ରକ୍ରିୟା ବିଷୟରେ ପଢ଼ିବା। ବିବିଧତା ଓ ଭିନ୍ନତାକୁ ଭାରତୀୟ ସମାଜର ବିଶେଷତ୍ୱ ବୋଲି ଧରାଯାଇପାରେ। ଏହାର ସଂସ୍କୃତି, ଜାତୀୟତା, ଧର୍ମ, ପ୍ରଥା ଓ ଭାଷା ଦୃଷ୍ଟିରୁ ରାଷ୍ଟ୍ରରେ ବ୍ୟାପକ ବିବିଧତା ରହି ଥିବାରୁ ଏହା କେତେକ ବୈଷମ୍ୟର ପ୍ରଦର୍ଶନ କରିଥାଏ। ଉପେକ୍ଷାକରଣ ଓ ବୈଷମ୍ୟ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି ଏବଂ ଗୋଟିଏ ଅନ୍ୟଟିକୁ ଦୃଢ଼ କରିଥାଏ। ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ବୈଷମ୍ୟ ରହି ଥିବାରୁ ବିଭିନ୍ନ ଗୋଷ୍ଠୀରେ ଉପେକ୍ଷାର ମାତ୍ରା ଭିନ୍ନ ଭିନ୍ନ ହୋଇଥାଏ। ବିଭିନ୍ନ ଗୋଷ୍ଠୀରେ ଉପେକ୍ଷାର ମାତ୍ରା ଓ ସେମାନଙ୍କ ଉପରେ ଏହାର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ଆମେ ପ୍ରୟାସ କରିବା।

## ୧.୨: ବିଷୟ ପରିଚୟ

ଉପେକ୍ଷାକରଣ ଏକ ସାଂସ୍କୃତିକ ଦୃଶ୍ୟପଟ୍ଟ ଯାହାର ଅର୍ଥ ହେଉଛି ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସାମୂହିକ ବିବିଧତା। ଏହା ସମାନତାର ବିପରୀତ। ଅଧିକାଂଶ ସମାଜ ହେଉଛି ପ୍ରଥା, ଜାତୀୟତା, ଧର୍ମ, ଭାଷା ଭଳି ଉପାଦାନକୁ ନେଇ ଭିନ୍ନ ସାମାଜିକ ଗୋଷ୍ଠୀଗୁଡ଼ିକର ଏକ ସମ୍ମିଶ୍ରଣ ଯାହାକୁ ଆମେ ଦେଶାନ୍ତରଣ, ଆକ୍ରମଣ ଓ ଧର୍ମୀୟ ବିଭାଜନ ଆଦି ଅନେକ କାରଣ ଦ୍ୱାରା ଉପସ୍ଥାପିତ କରି ପାରିବା। ଏଠାରେ ଆମେ ଯୁକ୍ତ ରାଜ୍ୟ ଆମେରିକାର ଉଦାହରଣ ନେବା ଯେଉଁଠାରେ ବିବିଧତାମୟ ଜନସଂଖ୍ୟା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତୀ ଦେଶାନ୍ତରଣ ପ୍ରକ୍ରିୟାର ପରିଣତି। ଅନେକ ସମୟରେ ବୈଷମ୍ୟକୁ ବିବିଧତା, ବିବାଦ ଓ ଭେଦଭାବ ସହ ଯୋଡ଼ି ଦିଆଯାଏ ବୋଲି ଏଠାରେ ଉଲ୍ଲେଖ କରିବା ଉଚିତ ହେବ। ବିଭିନ୍ନ ସାମାଜିକ ଗୋଷ୍ଠୀ ନିଜ ନିଜ ସମ୍ପର୍କରେ ଭିନ୍ନ ଚିନ୍ତାଧାରା ପୋଷଣ କରିବା ଦ୍ୱାରା ସାମାଜିକ ସମ୍ପର୍କ ବାଧାପ୍ରାପ୍ତ ହୁଏ: ଚାକିରି, ନିଯୁକ୍ତି ଓ ବସତିରେ ଏହି ଭେଦଭାବ ଗଭୀର ହୋଇପାରେ। ଏହା ସହିତ ସାମ୍ପ୍ରଦାୟିକ ଦଙ୍ଗା ମଧ୍ୟ

ଉପେକ୍ଷା ବା ବଞ୍ଚିତ ହେବାର ଏକ ସାଧାରଣ ଉତ୍ପାଦ ହୋଇପାରେ (ଆବରକ୍ରୋମ୍ବି ଓ ଅନ୍ୟମାନେ, ୨୦୦୬)।

ଏଭଳି ଭେଦଭାବ ଦ୍ୱାରା ଭାରାକ୍ରାନ୍ତ ସମାଜଗୁଡ଼ିକ ପ୍ରଚଳିତ ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବାକୁ ଚେଷ୍ଟା କଲେ। ଉଦାହରଣ ସ୍ୱରୂପ, ଭାରତରେ ଏଭଳି ବୈଷମ୍ୟର ମୁକାବିଲା କରିବା ପାଇଁ ଅନେକ ନୀତି ଅଛି ଯାହାକୁ ସକାରାତ୍ମକ କାର୍ଯ୍ୟ ବା ସୁରକ୍ଷାତ୍ମକ ସଂରକ୍ଷଣ ନୀତି ବୋଲି କୁହାଯାଏ। ଏହୀ ନୀତିଗୁଡ଼ିକରେ ସରକାର ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତିର ଲୋକଙ୍କ ପାଇଁ ୩ଟି ଗରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରିଛନ୍ତି। ସେଗୁଡ଼ିକ ହେଲା, ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ପାଇଁ ରାଜ୍ୟ ବିଧାନସଭାରେ ଆସନ ସଂରକ୍ଷଣ, ଚାକିରି କ୍ଷେତ୍ରରେ ସଂରକ୍ଷଣ (ସରକାରୀ ଓ ଅର୍ଦ୍ଧ-ସରକାରୀ) ଏବଂ ତୃତୀୟରେ, ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂରକ୍ଷଣ। ଏଭଳି ନୀତିଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସେମାନଙ୍କ ସାମାଜିକ ଓ ଶୈକ୍ଷିକ ବିକାଶରେ ସହାୟତା କରିବା।

ଭାରତ ହେଉଛି ବିଶ୍ୱର ସପ୍ତମ ବୃହତ୍ତମ ଓ ସର୍ବାଧିକ ଜନବହୁଳ ରାଷ୍ଟ୍ର। ବିଭିନ୍ନ ଭୌଗୋଳିକ, ସାମାଜିକ, ଅର୍ଥନୈତିକ ସ୍ଥିତିରେ ଏହା ବିଶ୍ୱ ଜନସଂଖ୍ୟାର ଏକ ବୃହତ୍ ଅଂଶକୁ ଧାରଣ କରିଛି। ଏଥିରେ ବିଦେଶାଗତ ଆର୍ଯ୍ୟ ଓ ସ୍ୱଦେଶୀ ଦ୍ରାବିଡ଼ୀୟମାନଙ୍କ ସାଂସ୍କୃତିକ ଐତିହ୍ୟର ଧାରା ରହିଛି। ଏଠାକାର ଲୋକମାନେ ଭାରତୀୟ-ମଙ୍ଗୋଲୀୟ, କକେସୀୟ, ପ୍ରୋଟୋ-ଅଷ୍ଟ୍ରୋଲଏଡ୍ ଇତ୍ୟାଦି ବିଭିନ୍ନ ଜାତିଗତ ପୃଷ୍ଠଭୂମିର। ଭାରତର ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭିନ୍ନ ଧର୍ମୀୟ ଓ ସାଂସ୍କୃତିକ ପୃଷ୍ଠଭୂମିର ଲୋକେ ଏକାଠି ବାସ କରନ୍ତି। ଭାରତ ମଧ୍ୟ ଏକ ବହୁଭାଷୀ ଦେଶ। ଭାରତର ବିବିଧତାର ମୂଳ ହେଉଛି ଭାଷା, ଏଠାରେ ୧୬୫୨ଟି ଭାଷା ମାତୃଭାଷା ରୂପେ ପ୍ରଚଳିତ ଅଛି। ଭାରତୀୟ ସମ୍ବିଧାନ ୧୮ଟି ପ୍ରମୁଖ ଭାଷାକୁ ସ୍ୱୀକୃତି ପ୍ରଦାନ କରିଛି। ଭାରତରେ ମଧ୍ୟ ଧର୍ମୀୟ ବିବିଧତା ରହିଛି, ଯେଉଁଠି ହିନ୍ଦୁ, ମୁସଲିମ୍, ଶିଖ, ଖ୍ରୀଷ୍ଟ, ଜୈନ, ବୌଦ୍ଧ ଓ ଜୋରାଷ୍ଟ୍ରୀୟ ଇତ୍ୟାଦି ଏକାଠି ବାସ କରନ୍ତି। ତେଣୁ ଏହି ଭୂମି ସଂସ୍କୃତି, ଧର୍ମ, ଭାଷା ଓ ଭୌଗୋଳିକ ଭିନ୍ନତା (ପାହାଡ଼ିଆ ଓ ସମତଳ ଭୂମି)କୁ ନେଇ ବିବିଧତାରେ ଭରା। ଏହି ଭୌଗୋଳିକ ଭିନ୍ନତା କାରଣରୁ କିଛି ଲୋକ କେନ୍ଦ୍ର ସ୍ଥଳରେ ଓ ଉତ୍ତମ ଜଳବାୟୁରେ ବାସ କରୁଥିବା ବେଳେ ଅନ୍ୟମାନେ ପରିପାର୍ଶ୍ୱ ନିକଟରେ କଷ୍ଟକର ଜଳବାୟୁରେ ଓ ଅନେକ ପ୍ରତିବନ୍ଧକ ସହିତ ରହିଥାନ୍ତି। ସେମାନଙ୍କ ପାଇଁ ବିଭିନ୍ନ ସେବାର ସୁବିଧା ସମସ୍ୟାମୁକ୍ତ ହୋଇ ନଥାଏ। ଏଥିରୁ ସ୍ପଷ୍ଟ ଯେ ଭାରତର ବିବିଧତା ସହ ତାଳ ଦେଇ ଜୀବନର ସାମାଜିକ-ଅର୍ଥନୈତିକ ଦିଗରେ ବିଭିନ୍ନ ଗୋଷ୍ଠୀର ସଫଳତା ଭିନ୍ନ ଭିନ୍ନ ହୋଇଥାଏ। ସେମାନଙ୍କ ମଧ୍ୟରୁ କେତେକ ସ୍ୱଚ୍ଛଳ ହୋଇଥିବା ବେଳେ ଆଉ କେତେକ ବଞ୍ଚିତ ଓ ଉପେକ୍ଷିତ। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ, ସେମାନେ କାହିଁକି ଉପେକ୍ଷିତ ଓ ଏହା ପଛର କାରଣ କ'ଣ? ଏଭଳି ବିବିଧତା ଭିତରେ ଉପେକ୍ଷା ଏକ ଅତି ଉଦ୍‌ବେଗଜନକ ପ୍ରସଙ୍ଗ। କେତେକ ସମାଜରେ ନିମ୍ନ ସ୍ତରର ଲୋକେ (ଭାରତରେ ଦଳିତ ଓ ଜନଜାତିର ଲୋକମାନେ) ବିଭିନ୍ନ ଐତିହାସିକ ଓ ବିକାଶ-ସମ୍ପର୍କିତ କାରଣରୁ ସମାଜର ପରିଧି ଆଡ଼କୁ ଠେଲି ହୋଇଯାନ୍ତି। ଏଠାରେ ଉପେକ୍ଷା ଓ ଏହାର ପ୍ରକାର ଭେଦ ସମ୍ପର୍କରେ ଏକ ସଂକ୍ଷିପ୍ତ ଆଲୋଚନା କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପରସ୍ପର ସହ ଜଡ଼ିତ ଅନେକ କାରଣରୁ ଉପେକ୍ଷା ସୃଷ୍ଟି ହୋଇଥାଏ। ସାଧାରଣ ଅର୍ଥରେ,

ଉପେକ୍ଷା ହିଁ ସାଧାରଣତଃ ସମାଜର କେତେକ ଖୋଲା କାର୍ଯ୍ୟ ବା ଉଦ୍ଦେଶ୍ୟ ଦ୍ୱାରା କେତେକ ଲୋକଙ୍କୁ ବାଦ୍ ଦିଆ ଯିବାକୁ ବୁଝାଏ, ଏ ସମ୍ପର୍କରେ ଆମେ ପୂର୍ବ ମୋଡ୍ୟୁଲଗୁଡ଼ିକରେ ଆଲୋଚନା କରି ସାରିଛେ। ଅବଧେଶ ସିଂହଙ୍କ ମତରେ, 'ଉପେକ୍ଷାକରଣ ହେଉଛି ବ୍ୟବସ୍ଥା (ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ)ର ସୀମା ବା ପରିଧି ନିକଟରେ ଆପେକ୍ଷିକ ନିର୍ବାସନରେ ଦୂରେଇ ରଖିବା ଯେତେବେଳେ ମାନସିକ ସ୍ତରରେ ମୁଖ୍ୟସ୍ରୋତର ଚିନ୍ତାଧାରା ସହ ଖାପ ଖାଉ ନଥିବା କାରଣରୁ ଜଣେ ଅନ୍ୟ ଜଣକର ଭାବନାର କୌଣସି ଧାରଣା ବା ପ୍ରକ୍ରିୟାରୁ ବାସନ୍ଦ ହୋଇଥାଏ।'

ଉପେକ୍ଷାକରଣ ପଦଟି ସମାଜର ପରିଧିରେ ଅବସ୍ଥାନ କରୁଥିବା ବ୍ୟକ୍ତି ବା ସମାଜ ସହିତ ସମ୍ପର୍କିତ ବୋଲି ମଧ୍ୟ ଆମେ କହି ପାରିବା। ସେମାନଙ୍କ ପରିସ୍ଥିତି ଐତିହାସିକ କିମ୍ବା ସାଂସ୍କୃତିକ ହୋଇପାରେ କାରଣ ସେମାନେ କୌଣସି ସାମାଜିକ ବର୍ଗ ଓ ସାଂସ୍କୃତିକ ଗୋଷ୍ଠୀରେ ସଂପୂର୍ଣ୍ଣ ମିଶି ନ ପାରି ଏହା ମଝିରେ ଦୋଳାୟମାନ ଅବସ୍ଥାରେ ରହିଥାନ୍ତି। ଉପେକ୍ଷାକରଣର ମୁଖ୍ୟ କାରଣକୁ ୩ଟି ବୃହତ ଭାଗରେ ବିଭକ୍ତ କରାଯାଇପାରେ, ଯଥା:- ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବାସନ୍ଦ। ସାମାଜିକ ନୃତତ୍ତ୍ୱରେ ଉପେକ୍ଷାକରଣ ହେଉଛି ଅନ୍ୟତମ ଗବେଷଣାର ପାଠ, ଯେଉଁଥିରେ ମୂଳ ନିବାସୀ ଗୋଷ୍ଠୀ ଓ ସେମାନଙ୍କ ସାମାଜିକ ସ୍ଥିତି ଉପରେ ଅନୁଧ୍ୟାନ କରାଯାଏ। ଶ୍ରେଣୀ, ଜାତି, ଲିଙ୍ଗ ଓ ସମ୍ପ୍ରଦାୟ ଭଳି ଏହାର ଅନେକ ରୂପ ଥାଇପାରେ, ଯେଉଁଗୁଡ଼ିକର ଅର୍ଥନୈତିକ ଓ ସାମାଜିକ ଦୁର୍ଦ୍ଦଶାର ସମ୍ମୁଖୀନ ହେବାର ସମ୍ଭାବନା ଥାଏ। ସ୍ୱାଧୀନତା ପୂର୍ବରୁ ଓ ପରେ ବ୍ୟାପକ ସାମାଜିକ-ରାଜନୈତିକ ପରିବର୍ତ୍ତନ ଦେଖିଥିବା ଭାରତ ଭଳି ଦେଶରେ ଏହି ଗୋଷ୍ଠୀଗୁଡ଼ିକ ଏବେ ବି ବିଭିନ୍ନ ସ୍ତରରେ ଉପେକ୍ଷିତ ହୋଇ ପାରନ୍ତି (ସଞ୍ଜୀବ ଓ ଅନ୍ୟମାନେ, ୨୦୧୪)। ଉପେକ୍ଷାକରଣର ପ୍ରକ୍ରିୟା ଅନେକ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରଭାବିତ କରିଥାଏ। ଆମେ ଉପେକ୍ଷାକରଣର ପ୍ରକ୍ରିୟାକୁ ଦୁଇ ଭାଗରେ ବିଭକ୍ତ କରି ପାରିବା:- ସାମାଜିକ ଉପେକ୍ଷାକରଣ (ଯଥା:- ଅସ୍ପୃଶ୍ୟତା, ଲିଙ୍ଗ, ଜାତି, ଜନ୍ମ ଇତ୍ୟାଦି) ଓ ଆଞ୍ଚଳିକ ଉପେକ୍ଷାକରଣ (ଦୁର୍ଗମ ବା ପରିଧି ଅଞ୍ଚଳ)। ସାମାଜିକ ଉପେକ୍ଷାକରଣ ଜନସଂଖ୍ୟା, ଧର୍ମ, ସଂସ୍କୃତି ଓ ସାମାଜିକ ବର୍ଗୀକରଣର କଥା କହୁଥିବା ମାନବ ସମାଜର ମୋଟାମୋଟି ଛବିକୁ ଉପସ୍ଥାପିତ କରେ, ଯାହା ବିଷୟରେ ଆମେ ପୂର୍ବରୁ କିଛି ଉଦାହରଣ ଦେଇ ସାରିଛୁ। ସାମାଜିକ ଉପେକ୍ଷାକରଣ ସ୍ୱାଭାବିକ କିମ୍ବା ସ୍ୱେଚ୍ଛାକୃତ ନୁହେଁ। ଏହା ସବୁବେଳେ ସମାଜ ଦ୍ୱାରା ସୃଷ୍ଟ ଓ ଅନିଚ୍ଛାକୃତ। ଏକ କ୍ଷମତାଶାଳୀ ଗୋଷ୍ଠୀ ସର୍ବଦା ଉପେକ୍ଷାକରଣର ପ୍ରକ୍ରିୟାରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ଓ ଏହାକୁ ସମାଜର ଦୁର୍ବଳ ଗୋଷ୍ଠୀ ଉପରେ ଲଦି ଦେଇଥାନ୍ତି। ଯଦିଓ ଆଞ୍ଚଳିକ ଉପେକ୍ଷାକରଣ ତତ୍ତ୍ୱଟି ସାମାଜିକ ଉପେକ୍ଷାକରଣଠାରୁ ଭିନ୍ନ, ଉଭୟ ସାଧାରଣତଃ ପରସ୍ପର ସହ ଛନ୍ଦାଛନ୍ଦି ହୋଇ ରହିଥାନ୍ତି। ସାଧାରଣତଃ ଭୌଗୋଳିକ ଭିନ୍ନତା ଯୋଗୁଁ ଆଞ୍ଚଳିକ ଉପେକ୍ଷାକରଣ ସୃଷ୍ଟି ହୋଇଥାଏ। ଭୌଗୋଳିକ ଦୁର୍ଗମତା ଓ କେତେକ ଅଞ୍ଚଳର ବିଚ୍ଛିନ୍ନତା ସେଠାରେ ବାସ କରୁଥିବା ଜନ ସମୁଦାୟର ଉପେକ୍ଷାକରଣ ପଛର ପ୍ରମୁଖ କାରଣ ହୋଇଥାଏ। ସେମାନେ ବହୁ ସମୟରେ ଆତ୍ମ-ବିକାଶ ପାଇଁ ଏକାନ୍ତ ଅପରିହାର୍ଯ୍ୟ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଇତ୍ୟାଦି ଅନେକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଥାନ୍ତି। ଅନ୍ୟ ପକ୍ଷରେ, କେନ୍ଦ୍ରସ୍ଥଳରେ କିମ୍ବା

ଉତ୍ତମ ଯୋଗଯୋଗ ବ୍ୟବସ୍ଥା ସହ ସଂଯୁକ୍ତ ଅଞ୍ଚଳରେ ରହୁଥିବା ଲୋକମାନେ ଏହିସବୁ ସୁବିଧା ପାଉଥାନ୍ତି, ଯାହା ସେମାନଙ୍କ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ସହାୟକ ହୋଇଥାଏ। ବେଳେବେଳେ ଲୋକମାନେ ମଧ୍ୟ ସାମାଜିକ ସଂରଚନା ଦ୍ୱାରା ଏକାନ୍ତ ବାସରେ ରହିବାକୁ ବାଧ୍ୟ ହୋଇଥାନ୍ତି। ଉଦାହରଣ ସ୍ୱରୂପ, ପାରମ୍ପରିକ ଭାରତରେ ଉଚ୍ଚ ଜାତି ବର୍ଗର ଲୋକମାନଙ୍କ ସହ ରହିବା ପାଇଁ ନିମ୍ନ ଜାତିର ଲୋକମାନଙ୍କୁ ଅନୁମତି ଦିଆ ଯାଉ ନଥିଲା। ଉପେକ୍ଷାକରଣ ପ୍ରକ୍ରିୟାଟିରେ ସବୁବେଳେ ଜଟିଳତା ରହିଥାଏ। ତେଣୁ ଏଭଳି ପ୍ରତିକୂଳ ଅବସ୍ଥାରୁ ଲୋକମାନଙ୍କୁ ସୁରକ୍ଷିତ ରଖିବା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସମ୍ଭବତଃ ଏହି କାରଣରୁ ଉପେକ୍ଷିତ ଲୋକମାନଙ୍କ ପାଇଁ ଆମର ଅନେକ ନୀତି ରହିଛି।

ଭାରତରେ, ଆମେ ଦେଖୁ ଯେ ଉଭୟ ସାମାଜିକ ଉପେକ୍ଷାକରଣ ଓ ଆଞ୍ଚଳିକ ଉପେକ୍ଷାକରଣ ଜାତି, ଶ୍ରେଣୀ, ଧର୍ମ, ଲିଙ୍ଗ, ଜନ୍ମ, ବୟସ ଓ ବାସଗୃହହୀନତା ଇତ୍ୟାଦି ଆଧାରରେ ଘଟିଥାଏ। ଭାରତରେ ଆଦିବାସୀ ଲୋକମାନେ ଉପେକ୍ଷିତ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ସେମାନେ ଭୌଗୋଳିକ ବିଚ୍ଛିନ୍ନତା କାରଣରୁ ଉପେକ୍ଷିତ ହୋଇଥାନ୍ତି। ସେମାନଙ୍କୁ ଏକାନ୍ତ ବାସରୁ ମୁକ୍ତ କରିବା ଓ ସେମାନଙ୍କ ଉପେକ୍ଷିତ ଅବସ୍ଥା ଦୂର କରିବା ପାଇଁ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଜି.ଏସ୍.ଘୁର୍ୟେଙ୍କ ସମେତ ଅନେକ ସମାଜ ବିଜ୍ଞାନୀ ଗୁରୁତ୍ୱ ଦିଅନ୍ତି। ଏବେ ଆସନ୍ତୁ, ଭାରତରେ ବିଭିନ୍ନ ଉପେକ୍ଷିତ ଗୋଷ୍ଠୀଙ୍କ ଉପରେ ଆଲୋଚନା କରିବା।

ଆମେ ଭାରତରେ ଉପେକ୍ଷିତ ଗୋଷ୍ଠୀଙ୍କ ବିଷୟରେ ଆଲୋଚନା କରିବା ବେଳେ ନିମ୍ନ ଜାତିର ବିଭିନ୍ନ ଗୋଷ୍ଠୀ, ଆଦିବାସୀ ଗୋଷ୍ଠୀ, ମହିଳା, ଶିଶୁ ଏବଂ ଅନେକ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ବିଭିନ୍ନ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ସମ୍ପର୍କରେ ଉଲ୍ଲେଖ କରିବା ଖୁବ୍ ଅପରିହାର୍ଯ୍ୟ। ଅଧିକାଂଶ କ୍ଷେତ୍ରରେ ଆମେ ଦେଖୁ ଯେ କେତେକ ଗୋଷ୍ଠୀ ବହୁସ୍ତରୀୟ ଉପେକ୍ଷାକରଣ ଅଧୀନରେ ରହିଥାନ୍ତି। ଉଦାହରଣ ସ୍ୱରୂପ, ଉଭୟ ମହିଳା ଓ ନିମ୍ନ ଜାତିର ଲୋକେ ଉପେକ୍ଷିତ ଗୋଷ୍ଠୀ ଅନ୍ତର୍ଗତ। ତେଣୁ ନିମ୍ନ ଜାତି ବର୍ଗର ମହିଳାମାନେ ବହୁସ୍ତରୀୟ ଉପେକ୍ଷାକରଣ ପରିସ୍ଥିତିରେ ରହିଥାନ୍ତି। ଭାରତରେ ଉଭୟ ସାମାଜିକ ଉପେକ୍ଷାକରଣ ଓ ଆଞ୍ଚଳିକ ଉପେକ୍ଷାକରଣ ରହିଛି ବୋଲି ଆମେ ପୂର୍ବରୁ ଉଲ୍ଲେଖ କରିଛୁ। ଆସନ୍ତୁ, ଆଞ୍ଚଳିକ ଉପେକ୍ଷାକରଣରୁ ଆରମ୍ଭ କରିବା।

## ୧.୩: ଅନୁସୂଚୀତ ଜନଜାତିର ଉପେକ୍ଷା

ଆମେ ଆଞ୍ଚଳିକ ଉପେକ୍ଷାକରଣ ପ୍ରସଙ୍ଗ କଥା କହିବା ବେଳେ ଭାରତର ଆଦିବାସୀ ସମ୍ପ୍ରଦାୟ ଉପରେ ଆଲୋଚନା କରିବା ଏକାନ୍ତ ଅପରିହାର୍ଯ୍ୟ। ଭାରତରେ ଜନଜାତିର ଲୋକେ ସୀମାବର୍ତ୍ତୀ ଅଞ୍ଚଳ କିମ୍ବା ପରିଧି ନିକଟବର୍ତ୍ତୀ ଅଞ୍ଚଳରେ ବାସ କରନ୍ତି। ଫଳ ସ୍ୱରୂପ, ସେମାନେ କେଉଁ ଅନାଦି କାଳରୁ ମୁଖ୍ୟସ୍ରୋତଠାରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ସେମାନଙ୍କ ଅଞ୍ଚଳକୁ ସୁବିଧାଜନକ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଇତ୍ୟାଦି ବିଭିନ୍ନ ସୁବିଧା ପାଇବା ଦୃଷ୍ଟିରୁ ସେମାନେ ଉପେକ୍ଷିତ ହୋଇଥାନ୍ତି। ଯଦିଓ ସେମାନଙ୍କ ପାଇଁ ସୁରକ୍ଷାମୂଳକ ସଂରକ୍ଷଣ ନୀତିର ସୁବିଧା ରହିଛି, ତଥାପି ସେମାନଙ୍କ ମଧ୍ୟରୁ ଏକ କ୍ଷୁଦ୍ର ଅଂଶ ଏହାର ସୁବିଧା ପାଇ ପାରନ୍ତି ଓ ଜୀବନର ସାମାଜିକ-ଅର୍ଥନୈତିକ ଦିଗ ଦୃଷ୍ଟିରୁ ପ୍ରଗତି କରି

ପାରନ୍ତି। ବିଚ୍ଛିନ୍ନାଞ୍ଚଳଗୁଡ଼ିକରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ବି ପୂର୍ବ ଭଳି ନିମ୍ନ ସାମାଜିକ-ଅର୍ଥନୈତିକ ସ୍ଥିତିରେ ରହିଛନ୍ତି। ଶିକ୍ଷା କ୍ଷେତ୍ର ବା ଶିକ୍ଷକ ପଦରେ ସେମାନଙ୍କ ନିଯୁକ୍ତି ହାର ସନ୍ତୋଷଜନକ ନୁହେଁ।

ଏଠାରେ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ବିକାଶର ଅନେକ ନୀତି ଓ ପ୍ରକଳ୍ପ ସେମାନଙ୍କ ସମସ୍ୟା ଦୂର କରିବାରେ ବିଫଳ ହୋଇଛି। ସେମାନେ କେବଳ ବିକାଶ କାର୍ଯ୍ୟକ୍ରମରୁ ବାଦ୍ ପଡ଼ି ନଥାନ୍ତି , ବିକାଶ ନାଁରେ ସେମାନଙ୍କୁ ନିଜ ଭିଟାମାଟିରୁ ସ୍ଥାନାନ୍ତର କରି ଦିଆଯାଏ, ନିଜ ଘରୁ ବାହାର କରି ଦିଆଯାଏ ଏବଂ ଜୀବନ ଜୀବିକା ତଥା ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ କରି ଦିଆଯାଏ। ଏତଦ୍ ବ୍ୟତୀତ ସଂରକ୍ଷଣ ନାଁରେ ଜଙ୍ଗଲ ନୀତି ମଧ୍ୟ ଯୁଗ ଯୁଗ ଧରି ବନ୍ୟଜାତ ସାମଗ୍ରୀ ଉପରେ ସେମାନଙ୍କର ଥିବା ଅଧିକାରରୁ ସେମାନଙ୍କୁ ବଞ୍ଚିତ କରିଥାଏ। ଆଜିର ସମୟରେ ଜନଜାତିର ଲୋକଙ୍କ ଉଚ୍ଛେଦ ସମସ୍ୟା ଏକ ଉଦ୍‌ବେଗଜନକ ପ୍ରସଙ୍ଗ ପାଲଟିଛି, କାରଣ ଏହା ଭାରତର ସବୁ ରାଜ୍ୟରେ ଘଟୁଛି। ଉଦାହରଣ ସ୍ୱରୂପ, ଓଡ଼ିଶା ଓ ଝାଡ଼ଖଣ୍ଡରେ ୟୁରାନିୟମ ଖଣି ପାଇଁ ଜନଜାତିର ଅନେକ ଲୋକଙ୍କୁ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦ କରାଯାଇଛି। ଉତ୍ତର-ପୂର୍ବ ଭାରତରେ ଜଳବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ଓ ପୋଲ ପାଇଁ ଆଦିବାସୀ ଲୋକଙ୍କୁ ଉଚ୍ଛେଦ କରା ଯାଇଛି।

ଶିଳ୍ପାୟନ, ସହରୀକରଣ ଓ ଆଧୁନିକୀକରଣ ପ୍ରକ୍ରିୟା ଏବଂ ବିକାଶ ପ୍ରକଳ୍ପଗୁଡ଼ିକ ଭାରତରେ ଆଦିବାସୀ ଗୋଷ୍ଠୀର ଲୋକଙ୍କୁ ସାଂସ୍କୃତିକ, ଅର୍ଥନୈତିକ ଓ ସାମାଜିକ ଭାବେ ବଞ୍ଚିତ କରାଯିବାର ହାରକୁ ବାସ୍ତବରେ ବଢ଼ାଇଛି, ଏହାର ଫଳାଫଳ ସ୍ୱରୂପ ସେମାନେ ଉପେକ୍ଷିତ ହୋଇଛନ୍ତି। ତେଣୁ, ଆଜି ବି ଦେଶର ବିଭିନ୍ନ ସ୍ଥାନରେ ଆଦିବାସୀ ଲୋକେ ଉପେକ୍ଷିତ ହୋଇ ରହିଛନ୍ତି।

## ୧.୪: ଅନୁସୂଚିତ ଜାତିର ଉପେକ୍ଷା

ଆମେ ଏବେ ସାମାଜିକ ଉପେକ୍ଷାକରଣର ପ୍ରକ୍ରିୟା ଉପରେ ଆଲୋଚନା କରିବା। ସାମାଜିକ ଉପେକ୍ଷାକରଣ ଯୋଗୁଁ ଭାରତରେ ବହୁସଂଖ୍ୟକ ଗୋଷ୍ଠୀ ସଢୁଛନ୍ତି। ଆମେ ଏଠାରେ ଭାରତର ସର୍ବାଧିକ ଉପେକ୍ଷିତ ତଥା ବିଭିନ୍ନ କ୍ଷେତ୍ରରେ ବୈଷମ୍ୟ, ବିଭେଦ, ଶୋଷଣ ଓ ପ୍ରବଞ୍ଚନାର ଶିକାର ହେଉଥିବା ଅନୁସୂଚୀତ ଜାତି (ନୀଚ ଜାତି/ ଅସ୍ପୃଶ୍ୟ/ ଦଳିତ)ର ଲୋକଙ୍କଠାରୁ ଆଲୋଚନା ଆରମ୍ଭ କରିବା। ନୀଚ ଜାତି ବର୍ଗର ଲୋକମାନେ ବିଭିନ୍ନ ସ୍ତରରେ ସୁବିଧାସୁଯୋଗରୁ ବାଦ୍ ପଡ଼ିବା ପାଇଁ ଭାରତୀୟ ସମାଜର ବଦ୍ଧମୂଳ ଜାତିପ୍ରଥା ହିଁ ଦାୟୀ। ଭାରତୀୟ ସମାଜରେ ବୈଷମ୍ୟକୁ ଜାତିପ୍ରଥା ସହ ନିହିତ ହୋଇ ରହିଛି। ବୈଷମ୍ୟ ସର୍ବଦା ଉପେକ୍ଷା ସହ ଜଡ଼ିତ ବୋଲି ଆମେ ଉଲ୍ଲେଖ କରି ସାରିଛୁ। ଆମର ଜାତିପ୍ରଥାରେ ବୈଷମ୍ୟ ରହି ଥିବାରୁ ଏହି ବୈଷମ୍ୟ ଉପେକ୍ଷା ଆଡ଼କୁ ବାଟ କଢ଼ାଇ ନିଏ।

ଭାରତରେ ଆମର ଜାତି ବ୍ୟବସ୍ଥା ରହିଛି ଯାହା କି ସମାଜକୁ ଉଚ୍ଚ ଜାତି ଓ ନୀଚ ଜାତି- ଏହି ଭଳି ଊର୍ଦ୍ଧ୍ୱରୁ ନିମ୍ନ କ୍ରମରେ ସମାଜକୁ ବିଭକ୍ତ କରିଥାଏ ଓ ବ୍ୟବସ୍ଥିତ କରିଥାଏ। ଏହି କ୍ରମରେ ସର୍ବନିମ୍ନ ସ୍ଥାନରେ ଥିବା ଲୋକମାନଙ୍କୁ ଅଶୁଦ୍ଧ ବା ଅସ୍ପୃଶ୍ୟ ବୋଲି ବିଚାର କରାଯାଏ। ଏହା ଫଳରେ ସେମାନଙ୍କୁ ସେହି ଏକା ଗାଁରେ ଉଚ୍ଚ ଜାତି ବର୍ଗର ଲୋକଙ୍କ ସହିତ ରହିବାକୁ ସୁଯୋଗ ଦିଆଯାଏ ନାହିଁ।

ସର୍ବସାଧାରଣ କୂଅରୁ ସେମାନେ ପାଣି କାଢ଼ି ପାରନ୍ତି ନାହିଁ ଓ ମନ୍ଦିର ଭିତରେ ପ୍ରବେଶ ଲାଗି ସେମାନଙ୍କୁ ଅନୁମତି ଦିଆଯାଏ ନାହିଁ। ନୀଚ ଜାତି ବର୍ଗର ଲୋକମାନେ ଉଚ୍ଚ ଜାତି ବର୍ଗର ଲୋକଙ୍କ ଭଳି ପୋଷାକ ଓ ଅଳଙ୍କାର ପିନ୍ଧି ପାରିବେ ନାହିଁ। ସେମାନେ ଗାଁ ବାହାରେ ରହନ୍ତି ଏବଂ ଅସ୍ପୃଶ୍ୟତା ପ୍ରଥା ବିଭିନ୍ନ ସ୍ତରରେ ଜଳଜଳ ହୋଇ ଦେଖାଯାଏ। ଏପରିକି ଧାର୍ମିକ ଉତ୍ସବରେ ବି ଏକାଠି ପଙ୍‌କ୍ତି ଭୋଜନ ପାଇଁ ମଧ୍ୟ ସେମାନଙ୍କୁ ଅନୁମତି ଦିଆଯାଏ ନାହିଁ। ଏଭଳି ଅନେକ ପ୍ରଥା ଏବେ ସୁଦ୍ଧା ବଜାୟ ରହିଛି।

ଦ୍ୱିତୀୟତଃ, ପୁରାତନ ଭାରତରେ ବୃତ୍ତି ସମ୍ପୂର୍ଣ୍ଣ ରୂପେ ଜାତିଭିତ୍‌ତିକ ଥିଲା। ଉଚ୍ଚ ଜାତି ବର୍ଗର ଲୋକଙ୍କ ବୃତ୍ତିକୁ ନୀଚ ଜାତି ବର୍ଗର ଲୋକଙ୍କ ବୃତ୍ତି ତୁଳନାରେ ଉଚ୍ଚ ଓ ଶୁଦ୍ଧ ବୋଲି ଧରା ଯାଉଥିଲା, ନୀଚ୍ଚ ଜାତିର ଲୋକଙ୍କ ବୃତ୍ତିକୁ ନୀଚ୍ଚ ଓ ଅଶୁଦ୍ଧ କୁହା ଯାଉଥିଲା। ନୀଚ ଜାତିର ଲୋକମାନେ ନିଜ ପସନ୍ଦ ଓ ଦକ୍ଷତା ଅନୁଯାୟୀ ଅନ୍ୟ ବୃତ୍ତି ଗ୍ରହଣ କରି ପାରୁ ନଥିଲେ। ଏହି ଭଳି ଭାବରେ ନୀଚ ଜାତିର ଲୋକମାନେ ଉପେକ୍ଷିତ ଓ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ସେମାନେ ନିଜର କୌଳିକ ବୃତ୍ତିକୁ ଚାଲୁ ରଖିବା ପାଇଁ ବାଧ୍ୟ ହେଉଥିଲେ। ସାମାଜିକ ଓ ଅର୍ଥନୈତିକ ସ୍ତରରେ ଏଭଳି ଉପେକ୍ଷା କାରଣରୁ ନୀଚ୍ଚ ଜାତିର ଅନେକ ଲୋକ ଏବେ ମଧ୍ୟ ମୁଣ୍ଡରେ ମଳ ବୋହିବା କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ହାତଗଣତି ଲୋକେ ଅନ୍ୟ ବୃତ୍ତିକୁ ଆପଣାଇଛନ୍ତି। ସମସାମୟିକ କାଳରେ ଠିକା ନିଯୁକ୍ତି ବ୍ୟବସ୍ଥା ଯୋଗୁଁ ଡାକ୍ତରଖାନା, ରେଳବାଇ ଓ ବ୍ୟାଙ୍କ୍ ଇତ୍ୟାଦିରେ ଝାଡୁ ମରା, ସଫେଇ ଭଳି ସମସ୍ତ ପାରମ୍ପରିକ ବୃତ୍ତି ସର୍ବୋଚ୍ଚ ନିଲାମଧାରୀଙ୍କ ହାତକୁ ଚାଲିଯିବା ଫଳରେ ଦଳିତମାନେ ପୁଣି ଗରିବ ହୋଇଗଲେ (କୁମାର, ୨୦୦୭)। ଆର୍ଥିକ ସ୍ତର ସମ୍ବନ୍ଧରେ ୨୦୦୪-୦୫ର ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଦର୍ଶାଏ ଯେ ଅସଙ୍ଗଠିତ ଓ ଅଣଆନୁଷ୍ଠାନିକ କ୍ଷେତ୍ରରେ କାମ କରୁଥିବା ୭୯% ଶ୍ରମ ଶକ୍ତି ମଧ୍ୟରୁ ୮୮% ହେଉଛନ୍ତି ଦଳିତ ଓ ଆଦିବାସୀ। ନିଯୁକ୍ତି ସୁଯୋଗ ଓ ସାମାଜିକ ସୁରକ୍ଷା ପଦକ୍ଷେପର ଅଭାବ ଯୋଗୁଁ ଉଭୟ ଗାଁ ଓ ସହରାଞ୍ଚଳରେ ସେମାନେ ଗରିବ ହୋଇ ରହିଛନ୍ତି (ଜି.ଏସ୍ ୨୦୧୩)।

ସରକାରୀ ସହାୟତାପ୍ରାପ୍ତ ଯୋଜନାର ରୂପାୟନରେ ନୀଚ୍ଚ ଜାତିର ଲୋକମାନେ ଗୁରୁତର ଭେଦଭାବର ସମ୍ମୁଖୀନ ହେଉଛନ୍ତି। ଆମେ ଏଠାରେ ଦକ୍ଷିଣ ଭାରତର ଏକ ଉଦାହରଣ ଦେଇ ପାରିବା। ସୁନାମି ପରବର୍ତ୍ତୀ ରିଲିଫ୍ ବ୍ୟବସ୍ଥାରୁ ଉପକୂଳ ଅଞ୍ଚଳବାସୀ ଦଳିତମାନଙ୍କୁ ବଞ୍ଚିତ କରାଯାଇଥିଲା। ସେମାନଙ୍କ ଜାତି ପୃଷ୍ଠଭୂମିକୁ ନେଇ ଏହା ହୋଇଥିଲା। ଜାତି, ବୃତ୍ତି ଓ ପଛୁଆ ରହିବା ମଧ୍ୟରେ ସବୁବେଳେ ଏକ ମଧୁଚନ୍ଦ୍ରିକା ରହିଛି, ଫଳରେ ନୀଚ ଜାତିର ଲୋକମାନେ ଦାରିଦ୍ର୍ୟ, ନିରକ୍ଷରତା ଓ ଅସୁସ୍ଥତା ଭିତରେ ସଢୁଛନ୍ତି। ଯଦି ଆମେ ମାନବ ବିକାଶ ସୂଚୀ ଓ ଅନ୍ୟ ଅର୍ଥନୈତିକ ସୂଚକଗୁଡ଼ିକ ଉପରେ ଦୃଷ୍ଟି ଦେବା, ତେବେ ସେମାନେ ଅନ୍ୟ ପ୍ରଭାବଶାଳୀ ଓ ଉଚ୍ଚ ଜାତି ବର୍ଗଠାରୁ ପଛରେ ପଡ଼ିଛନ୍ତି। ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ ଉପେକ୍ଷାକରଣର ପ୍ରକ୍ରିୟାଟି ନିମ୍ନ ବର୍ଗ ମଧ୍ୟରେ ଖୁବ୍ ଗଭୀରକୁ ଯାଇଛି।

## ୧.୫: ମହିଳା ସମାଜର ଉପେକ୍ଷା

ଉପରୋକ୍ତ ଗୋଷ୍ଠୀମାନଙ୍କ ଛଡ଼ା ଉପେକ୍ଷାକରଣର ପ୍ରକ୍ରିୟା ହେତୁ ମହିଳାମାନେ ମଧ୍ୟ ଯନ୍ତ୍ରଣା ଭୋଗୁଥିବା ଆମେ ଲକ୍ଷ୍ୟ କରି ପାରିବା। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ

ବିଭିନ୍ନ ପ୍ରକାରର ଉପେକ୍ଷା ଓ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଅର୍ଥନୈତିକ କ୍ଷେତ୍ରରୁ ଆରମ୍ଭ କରିବା। ସମାନ ମଜୁରୀ ଆଇନ, ୧୯୭୬ ପ୍ରଣୟନ ସତ୍ତ୍ୱେ ଅଧିକାଂଶ ସମୟରେ ମହିଳାମାନେ, ବିଶେଷକରି ଶାରୀରିକ ଶ୍ରମ କରୁଥିବା ନୀଚ ଜାତି ବର୍ଗର ମହିଳାମାନେ ପୁରୁଷମାନଙ୍କ ସହ ସମାନ ମଜୁରୀ ପାଇ ନଥାନ୍ତି। ସେମାନଙ୍କୁ ସମ୍ପତ୍ତି ତଥା ଜୀବନର ଅନ୍ୟାନ୍ୟ ଭିଭିନ୍ନ କ୍ଷେତ୍ରରେ ସମାନ ଅଧିକାର ମିଳିନଥାଏ। ଆମେ ଭଲଭାବେ ଜାଣୁ ଯେ ମହିଳାମାନେ ରୋଷେଇ, ସଫାସଫି, ବୟସ୍କ ଓ ଶିଶୁମାନଙ୍କ ଲାଳନପାଳନ ଇତ୍ୟାଦି ଘରୋଇ କାମରେ ନିୟୋଜିତ ହୋଇଥାନ୍ତି, କିନ୍ତୁ ସେମାନଙ୍କୁ ଏଥିପାଇଁ ପାରିଶ୍ରମିକ ବା ପ୍ରଶଂସା ମିଳେନାହିଁ। ସେମାନେ ଉଭୟ କାର୍ଯ୍ୟକ୍ଷେତ୍ର ଓ ଘରେ ଶୋଷିତ ହେଉଛନ୍ତି। ଏପରିକି ସାମାଜିକ କ୍ଷେତ୍ରରେ ସେମାନେ ଭେଦଭାବ ଓ ଶୋଷଣ ବିରୋଧରେ ଲଢ଼ୁଛନ୍ତି। ଶ୍ରେଣୀ, ଜାତି ଓ ବୟସ ନିର୍ବିଶେଷରେ ପ୍ରତ୍ୟେକ ମହିଳାଙ୍କୁ ଯୌନ ନିର୍ଯାତନା ବିରୋଧରେ ଲଢ଼ିବାକୁ ପଡ଼ିଥାଏ। ସେମାନଙ୍କୁ ଅନେକ ଧର୍ମୀୟ ଅନୁଷ୍ଠାନରେ ପ୍ରବେଶ କରିବାକୁ ଦିଆଯାଏ ନାହିଁ। ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ପାଇଁ ସେମାନଙ୍କୁ ଅନୁମତି ଦିଆଯାଏ ନାହିଁ। କ୍ଷମତା ବିଭାଜନରେ ଏହି ବୈଷମ୍ୟ ଶେଷରେ ମହିଳାମାନଙ୍କୁ ଏକ ନ୍ୟୂନ ସ୍ଥିତି ଆଡ଼କୁ ଠେଲିନିଏ। ଏପରିକି ମହିଳାଙ୍କ ବିରୋଧରେ ଭେଦଭାବ ମାତୃଗର୍ଭରୁ ଆରମ୍ଭ ହୋଇଥାଏ। ସମ୍ଭବତଃ ଏହା ଭାରତରେ କନ୍ୟାଭ୍ରୂଣ ହତ୍ୟାର ଉଚ୍ଚ ହାର ପାଇଁ ଦାୟୀ। ଏପରିକି ଜନ୍ମ ପରେ ଝିଅମାନଙ୍କ କ୍ଷେତ୍ରରେ ଖାଦ୍ୟ ବଣ୍ଟନ, ଟୀକାକରଣ, ସ୍ୱାସ୍ଥ୍ୟ ସେବାର ସୁବିଧା, ଘରୋଇ ଉପଚାର ଇତ୍ୟାଦିରେ ଲିଙ୍ଗଗତ ଭେଦଭାବ ଦେଖାଯାଏ। ଆମ ସମାଜ ପିତୃକୈନ୍ଦ୍ରିକ ହୋଇ ଥିବାରୁ ପୁଅକୁ ଅଧିକ ଗୁରୁତ୍ୱ ଦିଆଯାଏ।

ଅତୀତରେ ଭାରତରେ ମହିଳାମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦିଆ ଯାଉନଥିଲା। ଏବେ ଝିଅମାନେ ଶିକ୍ଷାନୁଷ୍ଠାନରେ ନାମ ଲେଖାଉ ଥିଲେ ମଧ୍ୟ ଅନେକ ପରିବାର ଝିଅଙ୍କ ତୁଳନାରେ ପୁଅଙ୍କୁ ପଢ଼ାଇବା ପାଇଁ ଅଧିକ ପସନ୍ଦ କରୁଛନ୍ତି ଏବଂ ଏହା ପରିବାରର ଆର୍ଥିକ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏହି କାରଣରୁ ଭାରତର ଅଧିକାଂଶ ରାଜ୍ୟରେ ମହିଳା ସାକ୍ଷରତା ହାର ପୁରୁଷ ସାକ୍ଷରତା ହାରଠାରୁ କମ୍।

## ୧.୬: ବରିଷ୍ଠ ନାଗରିକଙ୍କୁ ଉପେକ୍ଷା

ଭାରତର ଅନ୍ୟ ଉପେକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ବରିଷ୍ଠ ନାଗରିକମାନେ ସାମିଲ। ବୃଦ୍ଧାବସ୍ଥାରେ ଲୋକମାନେ ଜୀବନର ସମସ୍ତ ଦିଗ ଯଥା ସାମାଜିକ- ଅର୍ଥନୈତିକ ଦିଗ, ଆର୍ଥିକ, ସ୍ୱାସ୍ଥ୍ୟ ଓ ଆଶ୍ରୟ ଭଳି ଅନେକ କ୍ଷେତ୍ରରେ ଯତ୍ନ ଲୋଡ଼ନ୍ତି। ସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ବୟସ୍କ ଲୋକମାନେ ପେନ୍‌ସନ୍, ଗ୍ରାଚ୍ୟୁଇଟି ଓ ପିଏଫ୍ ଭଳି ବିଭିନ୍ନ ଯୋଜନା ପରିସରଭୁକ୍ତ ହୋଇଥାନ୍ତି। ଏହିପରି ସେମାନେ ଅର୍ଥନୈତିକ ଭାବରେ ସ୍ୱାବଲମ୍ବୀ ହୋଇଥାନ୍ତି, କିନ୍ତୁ ସାମାଜିକ ସଙ୍ଗଠନରୁ ଆବେଗିକ ସହଯୋଗ ହେଉଛି ସେମାନଙ୍କର ମୌଳିକ ଆବଶ୍ୟକତା । ଆଧୁନିକୀକରଣ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ଯୌଥ ପରିବାରଗୁଡ଼ିକ ଆଜିକାଲି ଭାଙ୍ଗିଏକକ ପରିବାରରେ ପରିଣତ ହେଉଛି ଯାହା ଫଳରେ ବରିଷ୍ଠ ଲୋକମାନେ ଉପଯୁକ୍ତ ଯତ୍ନ ପାଇବାରୁ ବଞ୍ଚିତ ହେଉଛନ୍ତି। ଦ୍ୱିତୀୟତଃ, ସହରକୁ ଯୁବ ବର୍ଗଙ୍କ ସ୍ଥାନାନ୍ତରଣ ଓ ବ୍ୟସ୍ତ କାର୍ଯ୍ୟସୂଚୀ ଇତ୍ୟାଦି ହେଉଛି ବୟସ୍କ ଲୋକମାନେ ଆବେଗିକ ସହଯୋଗ ପାଇବାରୁ ବଞ୍ଚିତ ହେବାର ଅନ୍ୟତମ ପ୍ରମୁଖ କାରଣ। ତୃତୀୟତଃ, ପାରମ୍ପରିକ କୃଷିଭିତ୍ତିକ ଭାରତୀୟ ସମାଜରେ ପରିଣତ ବୟସକୁ ଜ୍ଞାନର ପ୍ରତୀକ ଭାବେ ଗ୍ରହଣ

କରା ଯାଉଥିଲା। ଏହି କାରଣରୁ ବୟସ୍କ ଲୋକମାନେ ଏହିସବୁ ସମାଜରେ ସମ୍ମାନଜନକ ସ୍ଥାନ ପାଉଥିଲେ ଏବଂ ସେମାନଙ୍କ ନିଷ୍ପତ୍ତିକୁ ଖୁବ୍ ଉଚ୍ଚ ସ୍ଥାନ ଦିଆଯାଉଥିଲା। କିନ୍ତୁ ଆଜିର ସମୟରେ ସମ୍ଭବତଃ ମୂଲ୍ୟବୋଧର ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁ ପରିସ୍ଥିତି ବଦଳି ଯାଇଛି ଏବଂ ଏପରିକି ସେମାନେ ନିଷ୍ପତ୍ତି ନେବାର ପ୍ରକ୍ରିୟାରେ ସେମାନଙ୍କ ମତ ରଖିବାର ଅଧିକାର ହରାଇ ବସୁଛନ୍ତି (ରାମ, ୨୦୧୩)। ବରିଷ୍ଠ ନାଗରିକ ବା ବୟସ୍କମାନେ କ୍ଷମତା ଯଥା: ଆବେଗିକ ସହଯୋଗ ଓ ସମ୍ମାନ ଇତ୍ୟାଦି ହରାଇ ବସିଛନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସେମାନଙ୍କୁ ବାଦ୍ ଦିଆ ଯିବାର ତୀବ୍ରତା ବଢ଼ି ଚାଲିଛି।

ଉପରୋକ୍ତ ବଞ୍ଚିତ ଗୋଷ୍ଠୀମାନଙ୍କ ଛଡ଼ା ଆହୁରି ଅନେକ ଗୋଷ୍ଠୀ ଯଥା: ଶିଶୁ, ଶରଣାର୍ଥୀ, ତୃତୀୟ ଲିଙ୍ଗ, ଏଲ୍‌ଜିବିଟି ସମ୍ପ୍ରଦାୟ ଓ ଦିବ୍ୟାଙ୍ଗ ଲୋକମାନେ ଭାରତର ଉପେକ୍ଷିତ ବର୍ଗ ରୂପେ ପରିଗଣିତ ହୁଅନ୍ତି। ଉପେକ୍ଷାକରଣର ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇ ଥିବାରୁ ଓ ସମାଜ ଉପରେ ଏହାର କିଛି ପ୍ରଭାବ ରହି ଥିବାରୁ ଏହି ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନିଆଯିବା ଆବଶ୍ୟକ। ଆମ ଦେଶରେ ଅନେକ ସୁରକ୍ଷାପ୍ରଦାନକାରୀ ସଂରକ୍ଷଣ ନୀତି ରହିଥିଲେ ମଧ୍ୟ ସମସ୍ତ ଉପେକ୍ଷିତ ବର୍ଗଙ୍କ ପାଇଁ ସେଗୁଡ଼ିକ ପ୍ରଯୁଜ୍ୟ ହୋଇ ପାରିନାହିଁ। ଏବେ ବି ଭାରତରେ ବଞ୍ଚିତ କରାଯିବା, ବାଛବିଚାର ଓ ବିସ୍ଥାପନ ବହୁଳ ଭାବରେ ଦେଖାଯାଏ, ଯାହା ଫଳରେ ଅନେକ ସମୟରେ ଅନେକ ଗୋଷ୍ଠୀ ଭିତରେ ବହୁସ୍ତରୀୟ ଉପେକ୍ଷାକରଣ ସଂଘଟିତ ହୋଇଥାଏ। କେତେକ ଗୋଷ୍ଠୀକୁ ବାଦ୍ ଦେଇ କୌଣସି ଦେଶର ବିକାଶ ସମ୍ଭବ ହୋଇ ନଥାଏ। ଏହି ଗୋଷ୍ଠୀମାନଙ୍କ ପାଇଁ ଉପଯୁକ୍ତ ନୀତି ପ୍ରଣୀତ ହେବା ଜରୁରୀ। ଗୋଷ୍ଠୀ ଭିତରେ ଉପେକ୍ଷାକରଣର ମାତ୍ରା ଓ କାରଣର ଭିନ୍ନତା ଯୋଗୁ ସମସ୍ତଙ୍କ ପାଇଁ ସମାନ ନୀତି ଭାରତ ଭଳି ଏକ ବିବିଧତାଭରା ଦେଶରେ କାମ କରି ନପାରେ।

## ୧.୭: ଆସ ପ୍ରଗତି ମାପିବା

୧. ଭାରତ ଏକ ବିବିଧତାଭରା ଦେଶ। ବର୍ଣ୍ଣନା କର।

-----------------------------------------------------------------

-----------------------------------------------------------------

------------------------------

୨. ଭାରତରେ ବରିଷ୍ଠ ନାଗରିକମାନେ ଉପେକ୍ଷିତ ବର୍ଗର ହେବାର କାରଣ କ'ଣ ? ସେମାନଙ୍କ ସ୍ଥିତିରେ ଉନ୍ନତି ପାଇଁ କି କି ପଦକ୍ଷେପ ନିଆ ଯାଇପାରିବ, ସେ ସମ୍ପର୍କରେ କେତେକ ପରାମର୍ଶ ପ୍ରଦାନ କର।

-----------------------------------------------------------------

-----------------------------------------------------------------

------------------------------

୩. ଭାରତରେ ମହିଳାଙ୍କୁ ଉପେକ୍ଷା କରାଯିବା ଏକ ଉଦ୍‌ବେଗଜନକ ପ୍ରସଙ୍ଗ । ତୁମେ ଏଥିରେ ସହମତ କି ?

---------------------------------------------------------------------

---------------------------------------------------------------------

--------------------------------

# ୟୁନିଟ୍ – ୨: ରାଷ୍ଟ୍ର ଗଠନ ପ୍ରକ୍ରିୟା ଏବଂ ଭାରତରେ ଉପେକ୍ଷାକରଣ

୨.୦: ବିଷୟର ଗଠନ
୨.୧: ପଠନର ଉଦ୍ଦେଶ୍ୟ
୨.୨: ବିଷୟ ପରିଚୟ
୨.୩: ରାଷ୍ଟ୍ର ଓ ରାଷ୍ଟ୍ରବାଦର ପରିକଳ୍ପନା
୨.୪: ରାଷ୍ଟ୍ର ନିର୍ମାଣର ସଂଜ୍ଞା
୨.୫: ରାଜ୍ୟ ନିର୍ମାଣ ଓ ରାଷ୍ଟ୍ର ଗଠନ
୨.୬: ଭାରତରେ ରାଷ୍ଟ୍ର ନିର୍ମାଣ
୨.୭: ଅନ୍ତର୍ଭୁକ୍ତି ବିକାଶର ପରିକଳ୍ପନା
୨.୮: ଉପେକ୍ଷାକରଣ
୨.୯: ଉପସଂହାର
୨.୧୦: ସାରାଂଶ
୨.୧୧: ଆସ ପ୍ରଗତି ମାପିବା

## ୨.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ତୁମେ ଭାରତରେ ରାଷ୍ଟ୍ର ଗଠନ ପ୍ରକ୍ରିୟା ଓ ଏହି ପ୍ରକ୍ରିୟା ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନଗୁଡ଼ିକ ବିଷୟରେ ଶିକ୍ଷା ଲାଭ କରିବ। ଏହା ସହିତ ତୁମେ ମଧ୍ୟ ଉପେକ୍ଷାକରଣର ପ୍ରକ୍ରିୟା, ଭାରତର ବିଭିନ୍ନ ଉପେକ୍ଷିତ ବର୍ଗ ଓ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ବିଷୟରେ ଶିକ୍ଷା ଲାଭ କରିବ। ସରକାରଙ୍କ ଅନ୍ତର୍ଭୁକ୍ତି ନୀତି ଏହି ଉପେକ୍ଷିତ ବର୍ଗଙ୍କ ଅଧିକାରକୁ ସୁରକ୍ଷିତ କରି ପାରୁଛି କି ନା, ଏହାର ବିଶ୍ଳେଷଣ କରିବା ପାଇଁ ମଧ୍ୟ ଏହି ମୋଡ୍ୟୁଲ୍ ତୁମକୁ ସାହାଯ୍ୟ କରିବ।

## ୨.୨: ବିଷୟ ପରିଚୟ

ରାଷ୍ଟ୍ର ଗଠନ ଏକ ମାନଦଣ୍ଡ ସମ୍ବନ୍ଧୀୟ ଶବ୍ଦ ଯାହା ଆମେରିକୀୟ ରାଜନୀତି ବିଜ୍ଞାନୀଙ୍କ ମହଲରେ ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶେଷ ଆଦୃତ ହୋଇଥିଲା। ତେବେ, ରାଜନୀତି ବିଜ୍ଞାନୀମାନଙ୍କ ବ୍ୟବହାର ଅନୁଯାୟୀ ଏହି ପଦଟିରେ ରାଷ୍ଟ୍ରର ନେତାଙ୍କ ଦ୍ୱାରା ସଚେତନ ଭାବେ ବ୍ୟବହୃତ ରଣନୀତି ସହ ଅସଂଯୋଜିତ ସାମାଜିକ ପରିବର୍ତ୍ତନ ମଧ୍ୟ ସାମିଲ ହୋଇଥାଏ। ସାଧାରଣତଃ 'ରାଷ୍ଟ୍ର ନିର୍ମାଣ' ଶବ୍ଦଟି ଜାତୀୟ ସଂହତି ଓ ସୁଦୃଢ଼ୀକରଣକୁ ବୁଝାଏ ଯାହା ପାରମ୍ପରିକ ରାଜ୍ୟ ଯଥା: ସାମନ୍ତବାଦୀ, ରାଜତନ୍ତ୍ର, ଗୀର୍ଜା-ରାଜ୍ୟ, ସାମ୍ରାଜ୍ୟଠାରୁ ଭିନ୍ନ ଆଧୁନିକ ଗଣ-ରାଜ୍ୟ ପ୍ରତିଷ୍ଠା ପାଇଁ ବାଟ ଫିଟାଇଲା। ରାଷ୍ଟ୍ର ଗଠନର ଶାସ୍ତ୍ରୀୟ ମତବାଦଟି କେବଳ ପାଶ୍ଚାତ୍ୟ ସମାଜ ସହ ସମ୍ପର୍କିତ। ତେବେ ଅଣ-ପାଶ୍ଚାତ୍ୟ ସମାଜର ଗବେଷଣା ପାଇଁ ମଧ୍ୟ ଏହି ମତବାଦଟି ପ୍ରଯୁଜ୍ୟ ବୋଲି ଏହାର ପ୍ରଣେତାମାନେ କହୁଥିଲେ। ଏହାର ପ୍ରମୁଖ ପ୍ରଣେତାମାନେ ହେଲେ- କାର୍ଲ ଡିଉସ୍, ଚାର୍ଲସ୍ ଟିଲି ଓ ରେନହାର୍ଡ ବେଣ୍ଡିକ୍ସ।

## ୨.୩: ରାଷ୍ଟ୍ର ଓ ରାଷ୍ଟ୍ରବାଦ ତତ୍ତ୍ୱର ପରିକଳ୍ପନା

ରାଷ୍ଟ୍ର-ଗଠନ ତତ୍ତ୍ୱକୁ ବୁଝିବା ପାଇଁ ହେଲେ ଜଣକୁ ରାଷ୍ଟ୍ର ପ୍ରକୃତରେ କ'ଣ, ତାହା ଜାଣିବାକୁ ପଡ଼ିବ। ରାଷ୍ଟ୍ର ହେଉଛି ସଂସ୍କୃତି, ଧର୍ମ, ଇତିହାସ, ଭାଷା ଓ ଜନ୍ମ ପରିଚୟର ନିବିଡ଼ ସମ୍ପର୍କରେ ବନ୍ଧା ଏକ ସମୂହ ବା ବୃହତ୍ ଜନଗୋଷ୍ଠୀ। ଆଧୁନିକ ରାଷ୍ଟ୍ରବାଦର ଅନ୍ୟତମ ପ୍ରମୁଖ ତତ୍ତ୍ୱବିତ୍ ବେନେଡିକ୍ଟ ଆଣ୍ଡରସନ ଆଧୁନିକ ରାଷ୍ଟ୍ରର ବର୍ଣ୍ଣନା କରିବା ପାଇଁ 'କାଳ୍ପନିକ ସମ୍ପ୍ରଦାୟ' ଭାବରେ ଏକ ନୂତନ ପଦ ସୃଷ୍ଟି କଲେ। ତାଙ୍କ ମତରେ କଳ୍ପନାରୁ ରାଷ୍ଟ୍ରର ସୃଷ୍ଟି ହୋଇଥାଏ, ଏହାର ଅର୍ଥ- ସମ୍ପ୍ରଦାୟର ସଦସ୍ୟମାନେ ପରସ୍ପରକୁ ବ୍ୟକ୍ତିଗତ ଭାବେ ଜାଣି ନଥାନ୍ତି, କିନ୍ତୁ କେବଳ ପରସ୍ପର ସହ ଏକାଠି ଅଛନ୍ତି ବୋଲି କଳ୍ପନା କରି ପାରନ୍ତି (ଆଣ୍ଡରସନ, ୧୯୯୫)।

ରାଷ୍ଟ୍ର ଗଠନକୁ ମଧ ରାଷ୍ଟ୍ରବାଦଠାରୁ ଅଲଗା କରାଯାଇପାରେ। ରାଷ୍ଟ୍ର ଗଠନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ରାଷ୍ଟ୍ରବାଦର ସୃଷ୍ଟି ହୋଇଥାଏ। ଏହା ହେଉଛି ଆମ ନିଜର ଆପଣାପଣିଆ ଭାବନା, ଯାହା ଲୋକମାନଙ୍କଠାରେ ନିଜର ପରିଚୟ ସୃଷ୍ଟି ଓ ପ୍ରଭାବ ଜାହିର କରିବାର ଲାଳସା ସୃଷ୍ଟି କରିଥାଏ। ଏହି ପରିଚୟ ସୃଷ୍ଟି କରିବା ପାଇଁ ଲୋକମାନେ ନିଜ ସମ୍ବଳଗୁଡ଼ିକୁ ଏକାଠି କରିଥାନ୍ତି। ଯେତେବେଳେ ଏହି ମନୋଭାବ କୌଣସି ଗଠନମୂଳକ କାର୍ଯ୍ୟ ପାଇଁ ପ୍ରେରଣା ଦିଏ, ସେତେବେଳେ ତାହା ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ପରିଣତ ହୋଇଯାଏ। ରାଷ୍ଟ୍ରବାଦୀ ଚେତନାକୁ ଦୃଢ଼ କରିବାରେ ଏହି ପ୍ରକ୍ରିୟା ସାହାଯ୍ୟ କରେ।

## ୨.୪: ରାଷ୍ଟ୍ର ନିର୍ମାଣର ସଂଜ୍ଞା

ଉଭୟ ସମ୍ପ୍ରସାରିତ ଓ ସଂକୁଚିତ ଅର୍ଥରେ 'ରାଷ୍ଟ୍ର ନିର୍ମାଣ' ଶବ୍ଦର ସଂଜ୍ଞା ଦିଆ ଯାଇ ପାରିବ। ସାଧାରଣତଃ, ଏହି ଶବ୍ଦଟି 'ପାରମ୍ପରିକ'ରୁ 'ଆଧୁନିକ' ହେବା ପାଇଁ ନବ ସ୍ୱାଧୀନ ଦେଶର ସରକାର କାର୍ଯ୍ୟକାରୀ କରୁଥିବା ନୀତି ଓ ପ୍ରକଳ୍ପଗୁଡ଼ିକୁ ବୁଝାଏ। ପରିବର୍ତ୍ତନର ଏହି ଅଭିଯାନରେ ସାମାଜିକ ଯାନ୍ତ୍ରିକତାର ଏକ ସମ୍ପୂର୍ଣ୍ଣ ଓ ବୃହତ୍ ଉଦ୍ୟମ ସାମିଲ ଥାଏ, ଯେଉଁଥିରେ ଏକ ଆଧୁନିକ ରାଷ୍ଟ୍ରର ସମସ୍ତ ଉପାଦାନ ସମ୍ମିଳିତ ହୋଇ ରହିଥାଏ। ଏହି ଉପାଦାନଗୁଡ଼ିକ ଭିତରେ ସାମାଜିକ ତତ୍ତ୍ୱବିତ୍ ମ୍ୟାକ୍ସ ୱେବରଙ୍କ ଦ୍ୱାରା ଅନୁମୋଦିତ ପ୍ରଶାସନିକ, ନ୍ୟାୟିକ, ସ୍ୱାର୍ଥ ହାସଲକାରୀ ଓ ଚାପ ପ୍ରୟୋଗକାରୀ ସଂସ୍ଥାଗୁଡ଼ିକ ରାଷ୍ଟ୍ରର କେନ୍ଦ୍ର ରୂପେ କାର୍ଯ୍ୟ କରିଥାନ୍ତି। ଅଧିକ ସଙ୍କୁଚିତ ଅର୍ଥରେ କହିଲେ, 'ରାଷ୍ଟ୍ର ନିର୍ମାଣ' ସଚେତନ ଭାବେ ଜାତୀୟ ଚେତନା ଓ ଜାତୀୟ ଅସ୍ମିତାର ଅନୁଭୂତ ଧାରଣା ସୃଷ୍ଟି ଓ ପ୍ରସାରଣକୁ ବୁଝାଏ। କିଛି ଜ୍ଞାନୀ ବ୍ୟକ୍ତି ଓ ସରକାରୀ ଅଧିକାରୀମାନଙ୍କର ଏକ କ୍ଷୁଦ୍ର ବା ସଂଖ୍ୟାଲଘୁ ଗୋଷ୍ଠୀ ଦ୍ୱାରା ଏହି କାର୍ଯ୍ୟ କରା ଯାଇଥାଏ।

'ରାଷ୍ଟ୍ର ନିର୍ମାଣ' ଶବ୍ଦର ସଂଜ୍ଞାକୁ ନେଇ ତତ୍ତ୍ୱବିତ୍‌ମାନଙ୍କ ମଧ୍ୟରେ ଐକ୍ୟ ନାହିଁ ବୋଲି କୁହାଯାଇ ପାରେ। ତେବେ, ଅନେକ ଦାର୍ଶନିକ ସେମାନଙ୍କ ନିଜ ଢଙ୍ଗରେ ଏହାର ସଂଜ୍ଞା ପ୍ରଦାନ କରିଛନ୍ତି।

ଏଲାଇଗ୍ୟୁଙ୍କ (୨୦୧୧) ମତରେ, 'ରାଷ୍ଟ୍ର ନିର୍ମାଣ'କୁ ଅସ୍ମିତା ବା ପରିଚୟର ଦୁଇଟି ପ୍ରମୁଖ ଦିଗରୁ ଦେଖା ଯାଇପାରେ। ପ୍ରଥମତଃ, ଏହା ରାଜ୍ୟ-ନିର୍ମାଣ ସହ ନିବିଡ଼ ସମ୍ପର୍କିତ ଯାହା କେନ୍ଦ୍ରୀୟ ସରକାରଙ୍କ ପ୍ରଭାବଶାଳୀ ଗୋଷ୍ଠୀର ଗ୍ରହଣୀୟତାକୁ ସୂଚାଏ ଯେଉଁଠାରେ କି କେନ୍ଦ୍ର ସରକାର ଏକ ପ୍ରତୀକ।

ଦ୍ୱିତୀୟତଃ, 'ରାଷ୍ଟ୍ର ନିର୍ମାଣ'ରେ ନାଗରିକ ସମାଜର ଅନ୍ୟ ସଦସ୍ୟଙ୍କ ଗ୍ରହଣୀୟତା ଅନ୍ତର୍ଭୁକ୍ତ, ଯେଉଁଥିରେ ଶିକ୍ଷ ସମୃଦ୍ଧ ରାଷ୍ଟ୍ରର ସଦସ୍ୟମାନେ ସହ-ସଦସ୍ୟମାନଙ୍କ ରାଜ୍ୟର ସାଧାରଣ ଇତିହାସ, ମୂଲ୍ୟବୋଧ ଓ ଅନ୍ୟ ଗୁଣାବଳୀକୁ ସ୍ୱୀକୃତି ପ୍ରଦାନ କରିଥାନ୍ତି।

ୱାକର୍ (୨୦୧୧)ଙ୍କ ମତରେ, 'ରାଷ୍ଟ୍ର ନିର୍ମାଣ' ହେଉଛି ସାମୂହିକ ଅସ୍ମିତା ସୃଷ୍ଟି ପ୍ରକ୍ରିୟାର ଅତି ସାଧାରଣ ରୂପ, ଯାହାକି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସାଧାରଣଙ୍କ କ୍ଷମତାକୁ ବୈଧତା ପ୍ରଦାନ କରିଥାଏ। ଏହା ମୂଳତଃ ଏକ ସ୍ୱଦେଶୀ ପ୍ରକ୍ରିୟା, ଯାହା କେବଳ ଏକ ଅର୍ଥପୂର୍ଣ୍ଣ ଭବିଷ୍ୟତର ସମ୍ଭାବନା ପ୍ରଦାନ କରି ନଥାଏ, ଏହା ମଧ୍ୟ ପ୍ରଚଳିତ ପରମ୍ପରା, ଅନୁଷ୍ଠାନ ଓ ପ୍ରଥାରୁ ଶକ୍ତି ସଂଚୟ କରି ରାଷ୍ଟ୍ରର ସାର୍ବଭୌମତ୍ୱ ଓ ସ୍ୱତନ୍ତ୍ରତା ଦାବିକୁ ସମର୍ଥନ କରିବା ପାଇଁ ଜାତୀୟ ଚରିତ୍ର ରୂପେ ସେଗୁଡ଼ିକର ପୁନଃସଂଜ୍ଞା ପ୍ରଦାନ କରିଥାଏ।

ସ୍ମିଥ୍ (୨୦୧୨)ଙ୍କ ମତରେ, 'ରାଷ୍ଟ୍ର ନିର୍ମାଣ' ହେଉଛି ମୁକ୍ତି ପାଇଁ ମାନସିକ ଓ ଆଙ୍ଗିକ ସ୍ଥାନ ସୃଷ୍ଟି ପାଇଁ ଜନତାର ସାମୂହିକ ସମ୍ବଳ, ଶକ୍ତି, ଜ୍ଞାନର ସଚେତନ ଓ ଧ୍ୟାନପୂର୍ଣ୍ଣ ପ୍ରୟାସ ଯାହାକୁ ଆମେ ନିଜର ବୋଲି ଭାବିଥାଉ। ଏଥିରେ ଆମ ଇତିହାସ ଓ ସଂସ୍କୃତିର ପ୍ରତୀକ ସାଜିଥିବା, ବର୍ତ୍ତମାନକୁ ସୁଦୃଢ଼ ଓ ସୁରକ୍ଷିତ କରୁଥିବା ଏବଂ ଭବିଷ୍ୟତର ପରିଚୟ ଓ ସ୍ୱାଧୀନତାକୁ ସୁନିଶ୍ଚିତ କରୁଥିବା ଆଚରଣ, ମୂଲ୍ୟବୋଧ, ଭାଷା, ଅନୁଷ୍ଠାନ ଓ ଭୌତିକ ସଙ୍ଗଠନର ବିକାଶ ଅନ୍ତର୍ଭୁକ୍ତ। ତେଣୁ ରାଷ୍ଟ୍ର ନିର୍ମାଣ ହେଉଛି ଜାତୀୟ ସଂସ୍କୃତି ଓ ସାମୂହିକ ଅସ୍ମିତାର ସ୍ୱେଚ୍ଛାକୃତ, ସୁନିର୍ଦ୍ଦେଶିତ ଓ ଧ୍ୟାନକେନ୍ଦ୍ରିତ ତଥା ଶକ୍ତିଶାଳୀ ଉପସ୍ଥାପନା। ରାଷ୍ଟ୍ର ନିର୍ମାଣ ଉପରେ ଆଧାରିତ ଅନେକ ସାହିତ୍ୟରେ ଲୋକମାନେ ସେମାନଙ୍କ ପ୍ରତିବଦ୍ଧତା ଓ ଆନୁଗତ୍ୟକୁ କ୍ଷୁଦ୍ର ଜନଜାତି, ଗ୍ରାମ ଓ କ୍ଷୁଦ୍ର ରାଜ୍ୟଠାରୁ ବୃହତ୍ତର କେନ୍ଦ୍ରୀୟ ରାଜନୈତିକ ବ୍ୟବସ୍ଥା ଆଡ଼କୁ ବଦଳାଇବା ପ୍ରସଙ୍ଗ ବର୍ଣ୍ଣିତ ହୋଇଥାଏ।

## ୨.୫: ଦେଶ ନିର୍ମାଣ ଓ ରାଷ୍ଟ୍ର ନିର୍ମାଣ

'ରାଷ୍ଟ୍ର ନିର୍ମାଣ' ପଦଟି ଅନେକ ସମୟରେ 'ଦେଶ-ନିର୍ମାଣ' ସହିତ ବ୍ୟବହାର କରାଯାଇଥାଏ। ଯଦିଓ ଉଭୟ ଶବ୍ଦର ଅର୍ଥ ଖୁବ୍ ପାଖାପାଖି, ତଥାପି 'ରାଷ୍ଟ୍ର ନିର୍ମାଣ' ଓ 'ଦେଶ-ନିର୍ମାଣ' ଦୁଇଟି ଭିନ୍ନ ପ୍ରକ୍ରିୟା। ବର୍ତ୍ତମାନର କାର୍ଯ୍ୟକ୍ଷମ ଦେଶକୁ ଆଧୁନିକ ଦେଶର ମୌଳିକ ଆବଶ୍ୟକତା ପୂରଣ ଲାଗି ସମର୍ଥ କରାଇବା ହେଉଛି 'ଦେଶ-ନିର୍ମାଣ'। ଅନ୍ୟ ପକ୍ଷରେ 'ରାଷ୍ଟ୍ର ନିର୍ମାଣ' କୌଣସି ନିର୍ଦ୍ଦିଷ୍ଟ ରାଜ୍ୟର ସମୂହ ଜନତାଙ୍କ ମଧ୍ୟରେ ଏକ ସାମୂହିକ ଅସ୍ମିତା ବା ଗୋଷ୍ଠୀ-ଅନୁଭବ ବିକାଶ କରିବାର ଏକ ଅଦୃଶ୍ୟ ପ୍ରକ୍ରିୟାକୁ ବୁଝାଏ। ତେଣୁ 'ଦେଶ-ନିର୍ମାଣ' ସରକାରୀ ସଂସ୍ଥାଗୁଡ଼ିକର ଗଠନ ଓ ଦୃଢ଼ୀକରଣ ପ୍ରକ୍ରିୟାର ବାସ୍ତବ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ, ଯେତେବେଳେ କି, 'ରାଷ୍ଟ୍ର ନିର୍ମାଣ' ନାଗରିକମାନଙ୍କ ସହିତ ସେମାନଙ୍କ ରାଷ୍ଟ୍ରର ସମ୍ପର୍କର ଚରିତ୍ର ଉପରେ ବିଶେଷ ଧ୍ୟାନ ଦେଇଥାଏ। ଦୀର୍ଘ କାଳରୁ 'ଦେଶ-ନିର୍ମାଣ' ପ୍ରମୁଖ ଅନୁଷ୍ଠାନଗୁଡ଼ିକର ବିବିଧ ଦକ୍ଷତା-ବିକାଶ କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତିକ ବିକାଶ ସହାୟତା ଉପରେ କେନ୍ଦ୍ରୀଭୂତ ହୋଇ ଆସିଛି। ଅନ୍ୟ ପକ୍ଷରେ 'ରାଷ୍ଟ୍ର ନିର୍ମାଣ'କୁ ବୈଦେଶିକ ସହାୟତାର କମ୍ ସୁଯୋଗ ଥିବା ଏକ ପବିତ୍ର ପ୍ରକ୍ରିୟା ରୂପେ ଧରାଯାଏ।

ଅନେକଙ୍କର ବିଶ୍ୱାସ, ରାଷ୍ଟ୍ର ନିର୍ମାଣ ବିପ୍ଳବାତ୍ମକ ନ ହୋଇ ପରିବର୍ତ୍ତନ ଆଧାରିତ, ଅର୍ଥାତ୍ ଏଥିପାଇଁ ଦୀର୍ଘ ସମୟ ଲାଗିଥାଏ ଓ ଏହା ଏକ ସାମାଜିକ ପ୍ରକ୍ରିୟା ଯାହାକୁ ବାହାରୁ ତ୍ୱରାନ୍ୱିତ କରିହେବ ନାହିଁ। ଇଟାଲୀର ନଗର- ରାଜ୍ୟ ଗୁଡ଼ିକ ରାଷ୍ଟ୍ରରେ ରୂପାନ୍ତରିତ ହେବା, ଜର୍ମାନର ନଗର-ରାଜ୍ୟଗୁଡ଼ିକ ପ୍ରଥମେ ଜୋଲ୍‌ଭେରେଇନ୍ କଷ୍ଟମ୍‌ସ୍ ୟୁନିଅନ୍‌ରେ ପରିଣତ ହୋଇ ପରେ ରାଷ୍ଟ୍ରରେ ରୂପାନ୍ତରିତ ହେବା, ଫ୍ରାନ୍‌ସର ବିବିଧ ଭାଷା ଓ ସାଂସ୍କୃତିକ ଗୋଷ୍ଠୀ ଫ୍ରାନ୍‌ସ ରାଷ୍ଟ୍ରରେ ପରିଣତ ହେବା, ଯୁଦ୍ଧରେ ଲିପ୍ତ ରାଜ୍ୟଗୁଡ଼ିକରୁ ଚୀନ୍‌ର ବିକାଶ ପାଇଁ ଅନେକ ଦିନ ଲାଗିଥିଲା ଏବଂ ଏସବୁ କେବଳ ରାଜନୈତିକ ନେତୃତ୍ୱ ନୁହେଁ; ବୈଷୟିକ ଓ ଅର୍ଥନୈତିକ ପ୍ରକ୍ରିୟା (କୃଷି ଓ ପରବର୍ତ୍ତୀ କାଳର ଶିଳ୍ପ ବିପ୍ଳବ)ରେ ପରିବର୍ତ୍ତନ ତଥା ଯୋଗାଯୋଗ ବ୍ୟବସ୍ଥା, ସଂସ୍କୃତି ଓ ନାଗରିକ ସମାଜ ଆଦି ଅନ୍ୟ ବହୁ କାରଣ ଯୋଗୁଁ ସଙ୍ଗଠିତ ହୋଇଥିଲା।

## ୨.୬: ଭାରତରେ ରାଷ୍ଟ୍ର ନିର୍ମାଣ

ବିବିଧତା ଦୃଷ୍ଟିରୁ ଭାରତକୁ ସବୁଠୁ ଜଟିଳ ସମାଜ ବୋଲି କୁହାଯାଇ ପାରିବ। ବାସ୍ତବରେ ଏହା ପୃଥିବୀର ସର୍ବାଧିକ ବିବିଧତାଭରା, ସବୁଠୁ ଜଟିଳ, ବିକାଶଶୀଳ ଓ ସର୍ବାଧିକ ଚଳଚଞ୍ଚଳ ସାମୂହିକ ସମାଜ। ଭାରତର ସାମୂହିକ ଚରିତ୍ର ବାସ୍ତବରେ ଏହାର ସାମୂହିକ ଜୀବନର ପ୍ରାୟ ସବୁ ଦିଗ ଯଥା:- ସାମାଜିକ ବ୍ୟବସ୍ଥା, ଅର୍ଥନୈତିକ ଭିତ୍ତି, ସାଂସ୍କୃତିକ ଧାରା କିମ୍ବା ଭାଷାଭିତ୍ତିକ ଗୋଷ୍ଠୀ, ଧର୍ମୀୟ ସମ୍ପ୍ରଦାୟ, ଜାତି, ଉପଜାତି ଓ କ୍ଷୁଦ୍ର-ଜାତି କିମ୍ବା ସାଧାରଣତଃ ପ୍ରଚଳିତ ପୁରାଣ ଓ ପୂଜିତ ଦେବଦେବୀଙ୍କ ସ୍ଥାନୀୟ ଭିନ୍ନତା କିମ୍ବା ପାରମ୍ପରିକ ପରିଚୟ, ଧାର୍ମିକ ଆନୁଗତ୍ୟ ଓ ଉପ-ଆଞ୍ଚଳିକ ସମ୍ପୃକ୍ତି କିମ୍ବା ବିଜୟ ବା ପରାଜୟର ମୁହୂର୍ତ୍ତ ଦ୍ୱାରା ଚିହ୍ନିତ ଐତିହାସିକ ବିବିଧତା, ନାୟକ-ଖଳନାୟକ ପାର୍ଥକ୍ୟ ଏବଂ ଲୋକକଥା, ଲୋକନୃତ୍ୟ, ସଙ୍ଗୀତ, ଖାଦ୍ୟପେୟ, ହସ୍ତକଳାର ସମୃଦ୍ଧ ପରମ୍ପରା ତଥା ଜୀବନର ଅନ୍ୟ ଉପାଦାନରେ ଥିବା ବିବିଧତା ଜଳଜଳ ହୋଇ ଦେଖାଯାଏ (ଖାନ୍, ୧୯୯୨)।

ଏସବୁ ବିବିଧତା ସତ୍ତ୍ୱେ, ସ୍ୱାଧୀନତା ପରବର୍ତୀ ଭାରତ, ନଗର-ରାଜ୍ୟର ପାଶ୍ଚାତ୍ୟ ଚିନ୍ତାଧାରା ଭଳି ରାଷ୍ଟ୍ର-ନିର୍ମାଣ ପ୍ରକଳ୍ପରେ ନିୟୋଜିତ ରହିଥିବା ଦେଖାଯାଉଛି, ଯେଉଁଥିରେ ଆଦର୍ଶଗତ ଭାବେ ଭାଷା, ଧର୍ମ ଓ ରାଜନୈତିକ ସାର୍ବଭୌମତ୍ୱର ସମାନ ସୀମା ରହିଛି। ଫାଡନିସ୍ ଓ ଗାଙ୍ଗୁଲିଙ୍କ ମତରେ, ଭାରତ ଓ ଦକ୍ଷିଣ ଏସିଆର ଅନ୍ୟ ପ୍ରାନ୍ତରେ ରାଷ୍ଟ୍ର-ନିର୍ମାଣ ଦୃଶ୍ୟପଟରେ 'ଏହିସବୁ ଅଞ୍ଚଳରେ ଔପନିବେଶିକବାଦ ପରବର୍ତ୍ତୀ ରାଷ୍ଟ୍ରନିର୍ମାଣ ପ୍ରାୟ ପୂର୍ଣ୍ଣତଃ ସାଧାରଣ ରାଜନୈତିକ ମୂଲ୍ୟବୋଧ ଓ ନାଗରିକତ୍ୱ କିମ୍ବା ସଂଖ୍ୟାଗରିଷ୍ଠ 'ମୂଳ ନିବାସୀ' ପରିଚୟକୁ ଭିତ୍ତି କରି ଗୋଟିଏ ଏକୀକୃତ 'ରାଷ୍ଟ୍ରୀୟ ଅସ୍ମିତା' ନିର୍ମାଣରେ କେନ୍ଦ୍ରୀଭୂତ ହୋଇଛି। ମୋଟାମୋଟି ଭାବେ ଉଭୟ ଉପାୟର ଲକ୍ଷ୍ୟ ହେଉଛି, ବାସ୍ତବ ଆଞ୍ଚଳିକତାକୁ ପ୍ରତିଫଳିତ କରୁ ନଥିବା ରାଷ୍ଟ୍ରୀୟ ସୀମା ସହିତ ଖାପ ଖାଉଥିବା ଜାତୀୟ ଅସ୍ମିତାର ଏକ ସାଧାରଣ ଚେତନା ସୃଷ୍ଟି କରିବା। ଆଧୁନିକ ଚିନ୍ତକ ଗୋଷ୍ଠୀ ଦ୍ୱାରା ବ୍ୟାପକ ଭାବେ ପ୍ରସାରିତ ରାଷ୍ଟ୍ର-ନିର୍ମାଣ ପ୍ରତି ଏଭଳି ଆଭିମୁଖ୍ୟ, ଏକାଧିକ ଜନଗୋଷ୍ଠୀକୁ ନେଇ ଗଠିତ କୌଣସି ରାଷ୍ଟ୍ର ସ୍ଥିର ଓ ଶାନ୍ତିପୂର୍ଣ୍ଣ ରହିବା ସମ୍ଭବ ବୋଲି ଧାରଣାକୁ ଅଗ୍ରାହ୍ୟ କରିଥାଏ (ଫାଡନିସ୍ ଓ ଗାଙ୍ଗୁଲି, ୨୦୦୧)।

ତେବେ, ରାଷ୍ଟ୍ର-ନିର୍ମାଣରେ ଭାରତୀୟ ରାଷ୍ଟ୍ର ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଛି। ଆରମ୍ଭର ଆହ୍ୱାନଗୁଡ଼ିକ ଥିଲା ବିଭାଜନ ପରବର୍ତ୍ତୀ ସମସ୍ୟା ସମୂହ, ହିନ୍ଦୁ ସାମ୍ପ୍ରଦାୟିକତାର ଅଭ୍ୟୁଦୟ ଏବଂ ଭାରତୀୟ ରାଜନୈତିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଥିବା ଭାରତୀୟ ବାମପନ୍ଥୀମାନଙ୍କ ଭୂମିକା। ଏଭଳି ଆହ୍ୱାନମୂଳକ ପରିସ୍ଥିତି ଓ ବିବିଧତା ସତ୍ତ୍ୱେ ନେହେରୁ, ଗାନ୍ଧୀ ଓ ଆମ୍ବେଦକରଙ୍କ ଭଳି ରାଷ୍ଟ୍ରବାଦୀ ନେତାମାନେ ମୁକ୍ତି, ଭ୍ରାତୃତ୍ୱ, ସମାନତା ଉପରେ ଆଧାରିତ ହେବାକୁ ଥିବା ଏକ ନୂତନ ଭାରତୀୟ ରାଷ୍ଟ୍ର ଗଠନ ପାଇଁ ନିବେଦନ କଲେ।

ଜାତୀୟ ସହମତିର ବିକାଶ ଉପରେ ନେହେରୁ ଗୁରୁତ୍ୱ ଦେଲେ, କାରଣ ଭାରତର ଏକତା ଓ ପ୍ରଗତି ପାଇଁ ଏହା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଲକ୍ଷ୍ୟ କରିବାର କଥା ଯେ ଭାରତରେ ଏହି ରାଷ୍ଟ୍ର ଗଠନ ପ୍ରକ୍ରିୟା ଭିତରେ କେତେକ ଗୋଷ୍ଠୀ ସେମାନଙ୍କର ସଂଖ୍ୟାତ୍ମକ ସ୍ୱଳ୍ପତା କିମ୍ବା କ୍ଷମତା-କେନ୍ଦ୍ର ସହ ମୂଳଚାଲ କରିବାରେ କମ୍ ସାମର୍ଥ୍ୟ ଯୋଗୁଁ ବାଦ୍ ପଡ଼ିଗଲେ। ଏହି ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ସଂଖ୍ୟାଲଘୁ ଗୋଷ୍ଠୀ, ଉପେକ୍ଷିତ ଗୋଷ୍ଠୀ ଓ ପଛୁଆ ବର୍ଗ ଇତ୍ୟାଦି ଅନ୍ତର୍ଭୁକ୍ତ। ତେଣୁ, ନେହେରୁ, ଆମ୍ବେଦକର୍ ଓ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରର ବିକାଶ ସାମାଜିକ ନ୍ୟାୟଠାରୁ କିଛି କମ୍ ନୁହେଁ, ତେଣୁ ରାଷ୍ଟ୍ରର ବିକାଶକୁ ଜାତି, ବର୍ଗ, ଲିଙ୍ଗ, ଭାଷା, ଧର୍ମ ଓ ଅଞ୍ଚଳ ଇତ୍ୟାଦି ନିର୍ବିଶେଷରେ ସର୍ବଜନଙ୍କର ବିକାଶ ବୋଲି ଚିନ୍ତା କରାଗଲା। ଏହାର ଅର୍ଥ, ବିକାଶ ଅନ୍ତର୍ଭୁକ୍ତି ବିକାଶ ହେବାକୁ ବାଧ୍ୟ।

## ୨.୭: ଅନ୍ତର୍ଭୁକ୍ତି ବିକାଶର ପରିକଳ୍ପନା

ସରଳ ଭାଷାରେ, ଅନ୍ତର୍ଭୁକ୍ତି ବିକାଶ (ସର୍ବଜନ ଅଭିବୃଦ୍ଧି) ଅର୍ଥ କୌଣସି ରାଷ୍ଟ୍ରର ବିକାଶ ସମାଜର ସବୁ ବର୍ଗ ନିକଟରେ ପହଞ୍ଚିବା ଉଚିତ। ଆମେ ଦେଖୁଛୁ ଯେ ଭାରତରେ ବୈଷମ୍ୟ ବଢୁଥିବା ବେଳେ ଅନ୍ତର୍ଭୁକ୍ତି ବିକାଶ ଏକ ପ୍ରମୁଖ ଉଦ୍‌ବେଗଜନକ ପ୍ରସଙ୍ଗ ପାଲଟିଛି। ଭାରତ ସରକାର 'ଅନ୍ତର୍ଭୁକ୍ତି ବିକାଶ'ର ଲକ୍ଷ୍ୟ ରଖିଛନ୍ତି କାରଣ ଏହା ସ୍ୱୀକୃତ ଯେ ନିଯୁକ୍ତି ବୃଦ୍ଧି, ଦାରିଦ୍ର୍ୟ ହ୍ରାସ ଓ ସନ୍ତୁଳିତ ଆଞ୍ଚଳିକ ବିକାଶ କିମ୍ବା ମାନବିକ ବିକାଶରେ ପ୍ରଗତି ଭଳି ଆହ୍ୱାନର ମୁକାବିଲା କେବଳ ଉଚ୍ଚ ଜାତୀୟ ଆୟ ଅଭିବୃଦ୍ଧି କରି ପାରିବ ନାହିଁ। ଏକାଦଶ ପଞ୍ଚବାର୍ଷିକ ଯୋଜନାର ଥିମ୍ ବା ମର୍ମକଥାରେ ଅନ୍ତର୍ଭୁକ୍ତି ବିକାଶ ପ୍ରସଙ୍ଗଟି ସ୍ପଷ୍ଟ ଭାବେ ବ୍ୟବହୃତ ହେଲା। ଏହାର ଥିମ୍ ଥିଲା 'ଦ୍ରୁତତର ଓ ଅନ୍ତର୍ଭୁକ୍ତି ଅଭିବୃଦ୍ଧି ଅଭିମୁଖେ', ଅଭିବୃଦ୍ଧି ଓ ଅନ୍ତର୍ଭୁକ୍ତି ମଧ୍ୟରେ ଏକ ନିରନ୍ତର ସନ୍ତୁଳନ ଠାବ କରିବାର ଆବଶ୍ୟକତାକୁ ଏହା ସ୍ପଷ୍ଟ ଭାବେ ପ୍ରତିଫଳିତ କରେ। ଏକାଦଶ ଯୋଜନା ଅନୁଯାୟୀ ଅନ୍ତର୍ଭୁକ୍ତି ବିକାଶ ହେଉଛି 'ବିକାଶର ଏକ ପ୍ରକ୍ରିୟା ଯାହା ବଡ଼ ଧରଣର ଉପକାର କରିବା ସହ ସମସ୍ତଙ୍କ ପାଇଁ ସୁଯୋଗର ସମାନତାକୁ ସୁନିଶ୍ଚିତ କରିଥାଏ।' ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ରଖା ଯାଇଥିବା ଅନ୍ତର୍ଭୁକ୍ତି ଅଭିବୃଦ୍ଧି ଓ ବିକାଶ ଲକ୍ଷ୍ୟ ମଧ୍ୟ ସରକାରଙ୍କ ବ୍ୟୟ ବରାଦ ଓ ରାଜନୈତିକ ପ୍ରତିବଦ୍ଧତାର ପ୍ରତିଫଳନ କରିଥାଏ। ଅନ୍ତର୍ଭୁକ୍ତି ଅଭିବୃଦ୍ଧି ଓ ବିକାଶ ଦିଗରେ ଉଦ୍ୟମ ଓ ପ୍ରଗତି ସନ୍ତୋଷଜନକ ମନେ ହେଉଥିଲେ ବି ସାର୍ବଜନୀନ ଯୋଜନାର ଲକ୍ଷ୍ୟ ହାସଲରେ ଆହ୍ୱାନ, ସମସ୍ୟା ଓ ପ୍ରତିବନ୍ଧକ ରହିଥାଏ ଏବଂ ସଫଳ ଭାବେ ଓ ଦକ୍ଷତାର ସହ ସେଗୁଡ଼ିକର ମୁକାବିଲା କରିବା ପାଇଁ ଏକାଧିକ ଉପାୟ ଓ ରଣ କୌଶଳର ଆବଶ୍ୟକତା ସୃଷ୍ଟି ହୋଇଛି (ବିଜୟ କୁମାର, ୨୦୦୪)।

ଭାରତୀୟ ସମ୍ବିଧାନର ଅନ୍ତର୍ଭୁକ୍ତି ଓ ସକାରାତ୍ମକ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କେତେକ ଗୋଷ୍ଠୀ ଓ ସମ୍ପ୍ରଦାୟ ଭୋଗିଥିବା ଐତିହାସିକ ଭେଦଭାବ ଓ ବାସନ୍ଦକୁ ହ୍ରାସ କରିବା ପାଇଁ ଉଦ୍ୟମ ହୋଇଥିବା ଦୃଷ୍ଟିକୁ ଆସିଛି। ଭାରତ ସରକାର ମଧ୍ୟ ବିଭିନ୍ନ ସାମ୍ବିଧାନିକ ବ୍ୟବସ୍ଥା ଯୋଗୁଁ ଏସବୁ ସମ୍ପ୍ରଦାୟର ଅଧିକାରକୁ ସୁନିଶ୍ଚିତ ଓ ସୁରକ୍ଷିତ କରୁଛନ୍ତି।

## ୨.୮: ଉପେକ୍ଷାକରଣ

ଉପେକ୍ଷାକରଣର ସଂଜ୍ଞା ହେଲା ଏହା ହେଉଛି ଏକ ସାମାଜିକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି ବା ଏକ ଜନ ଗୋଷ୍ଠୀ ଉପେକ୍ଷିତ ହୁଅନ୍ତି କିମ୍ବା ସମାଜର ନିମ୍ନ ସ୍ତରକୁ ଠେଲି ହୋଇ ଯାଆନ୍ତି। ଉପେକ୍ଷାକରଣର କାରଣ ହେବା ପାଇଁ ବର୍ଣ୍ଣ, ଶ୍ରେଣୀ, ଜାତି, ଲିଙ୍ଗ ଓ ବଂଶ ଆଦି ଅନେକ ସାଙ୍ଗଠନିକ କାରକ ରହିଛନ୍ତି। ଏହି କାରକଗୁଡ଼ିକ ସମାଜର ଗୋଟିଏ ଗୋଷ୍ଠୀକୁ ବାସନ୍ଦ ନୀତି ଅନୁସରଣ କରି ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ଭାବେ ସମାଜର ଉପାନ୍ତକୁ ଠେଲି ନିଅନ୍ତି। ଏହା ମଧ୍ୟ ଏହି ଲୋକମାନଙ୍କୁ ସେମାନଙ୍କର ପୂର୍ଣ୍ଣ ଦକ୍ଷତାର ବିନିଯୋଗ ପାଇଁ ଉତ୍ପାଦନଭିତ୍ତିକ ସମ୍ବଳ ଏବଂ ନିଜସ୍ୱ ଉତ୍ପାଦନକ୍ଷମ ମାନବ ସମ୍ବଳ ଓ ସୁଯୋଗର ସୁବିଧା ନେବାରୁ ବଞ୍ଚିତ କରିଥାଏ ଏବଂ ପରିଶେଷରେ ସେହି ଜନ ଗୋଷ୍ଠୀଙ୍କୁ ଦାରିଦ୍ର୍ୟ, କଷଣ, ବିଭେଦ ଓ ଜୀବନ ଜୀବିକାର ଅସୁରକ୍ଷା ଆଡ଼କୁ କଢ଼ାଇ ନେଇଥାଏ।

ଉପେକ୍ଷାକରଣର ଅନେକ ରୂପ ରହିଛି ଓ ଏହା ପ୍ରତ୍ୟେକ ଦେଶରେ ଭିନ୍ନ ଭିନ୍ନ। ଏହା ସତ୍ୟ ଯେ ତୃତୀୟ ବିଶ୍ୱ, ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଅଧିକ ସଂଖ୍ୟକ ଉପେକ୍ଷିତ ମଣିଷ ବାସ କରୁଛନ୍ତି। ପ୍ରାୟ ପ୍ରତ୍ୟେକ ସମାଜରେ ମହିଳା, ଭିନ୍ନକ୍ଷମ, ଦଳିତ, ବରିଷ୍ଠ ନାଗରିକ, ଶିଶୁ, ଦରିଦ୍ର, ତୃତୀୟ ଲିଙ୍ଗୀ ଇତ୍ୟାଦି ହେଉଛନ୍ତି ସବୁଠୁ ବିପଦଗ୍ରସ୍ତ ଉପେକ୍ଷିତ ଗୋଷ୍ଠୀ।

ତେଣୁ ଉପେକ୍ଷିତ ଗୋଷ୍ଠୀ ହେଉଛନ୍ତି ଏକ ଜନ ଗୋଷ୍ଠୀ ଯେଉଁମାନଙ୍କୁ ସମାଜର ନିମ୍ନତମ ବା ଉପାନ୍ତ ଅଞ୍ଚଳରେ ସୀମିତ ରଖାଯାଇଥାଏ। ଉପେକ୍ଷିତ ଗୋଷ୍ଠୀର ଲୋକମାନଙ୍କୁ ସବୁବେଳେ ମୁଖ୍ୟସ୍ରୋତର ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ ହେବାରୁ ବିରତ କିମ୍ବା ବଞ୍ଚିତ କରା ଯାଇଥାଏ। ଜନସ୍ୱାସ୍ଥ୍ୟର ଜ୍ଞାନକୋଷ ଅନୁଯାୟୀ, ଉପେକ୍ଷିତ ଗୋଷ୍ଠୀର ସଂଜ୍ଞା ହେଉଛି, 'ଉପେକ୍ଷିତ ହେବା ଅର୍ଥ ଉପାନ୍ତରେ ରହିବା ଏବଂ ଏହା ଫଳରେ କେନ୍ଦ୍ରସ୍ଥଳରେ ଉପଲବ୍ଧ କ୍ଷମତା ଓ ସୁବିଧାସୁଯୋଗରୁ ବାଦ୍ ପଡ଼ିବା।'

ଭାରତରେ ବିଭିନ୍ନ ଉପେକ୍ଷିତ ଗୋଷ୍ଠୀ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅସୁବିଧାଗୁଡ଼ିକ ନିମ୍ନରେ ବର୍ଗୀକୃତ କରି ସଂକ୍ଷେପରେ ଦିଆଯାଇଛି।

**କ. ମହିଳା**

ଲିଙ୍ଗଗତ ବୈଷମ୍ୟ ବା ଭେଦଭାବ ହେଉଛି ଏକ କାରକ ଯାହାଦ୍ୱାରା ସମାଜରେ ମହିଳାମାନେ ଉପେକ୍ଷିତ ହୋଇଥାନ୍ତି। ପ୍ରତ୍ୟେକ ଦେଶ ଓ ସଂସ୍କୃତିରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ଉପେକ୍ଷିତ ହୋଇଥାନ୍ତି। ଉଦାହରଣ ସ୍ୱରୂପ, ମହିଳାମାନଙ୍କୁ କେତେକ କାର୍ଯ୍ୟ ଓ ପେସାରୁ ବାଦ୍ ଦିଆ ଯାଇଥାଏ, ନିର୍ଦ୍ଦିଷ୍ଟ

ଅନ୍ୟ କେତେକରେ ସାମିଲ କରାଯାଏ ଓ କେତେକରେ ଉପେକ୍ଷା କରା ଯାଇଥାଏ। ନିମ୍ନ ବର୍ଗ, ନୀଚ ଜାତି, ନିରକ୍ଷର ଓ ଦାରିଦ୍ର୍ୟପୂର୍ଣ୍ଣ ଅଞ୍ଚଳର ମହିଳାମାନଙ୍କ ପ୍ରତି ଉପେକ୍ଷାର ସ୍ତର ସେମାନଙ୍କଠାରୁ ଉନ୍ନତ ସ୍ଥିତିରେ ଥିବା ମହିଳାମାନଙ୍କଠାରୁ ଭିନ୍ନ ହୋଇଥାଏ।

**ଖ. ଭିନ୍ନକ୍ଷମ**

ଭିନ୍ନକ୍ଷମ ଲୋକମାନଙ୍କୁ ଆମ ସମାଜରେ ସବୁବେଳେ ଏକ ପ୍ରକାରର କଳଙ୍କ ବୋଲି ଦେଖା ଯାଇ ଆସିଛି ଯାହା ଫଳରେ ସେମାନେ ସାମାଜିକ ଓ ଅର୍ଥନୈତିକ ଭାବେ ଉପେକ୍ଷିତ ହୋଇଛନ୍ତି। ଭିନ୍ନକ୍ଷମମାନେ ସେମାନଙ୍କ ଦୈନନ୍ଦିନ ଜୀବନଯାତ୍ରାରେ ଅନେକ ପ୍ରକାରର ପ୍ରତିବନ୍ଧକର ସମ୍ମୁଖୀନ ହୋଇଥାନ୍ତି। ତେବେ ଆମ ସମାଜରେ ଭିନ୍ନକ୍ଷମ ମହିଳା, ଶିଶୁ ଓ ବରିଷ୍ଠ ନାଗରିକମାନେ ଅଧିକ ବିପଦଗ୍ରସ୍ତ ଓ ସେମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ।

**ଗ. ଦଳିତ**

ଭାରତରେ ବିଶେଷକରି ଜାତିଭିତ୍ତିକ ଉପେକ୍ଷା ହେଉଛି ଅନ୍ୟତମ ଗୁରୁତର ମାନବାଧିକାର ସମସ୍ୟା। ଦଳିତମାନଙ୍କୁ ଉପେକ୍ଷା କରାଯିବା ସେମାନଙ୍କ ଜୀବନର ସବୁ ଦିଗକୁ ପ୍ରଭାବିତ କରିଥାଏ। ଅନ୍ୟ ଶବ୍ଦରେ କହିଲେ, ଏହା ସେମାନଙ୍କ ମୌଳିକ ମାନବାଧିକାର ଯଥା: ନାଗରିକ, ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଧିକାରଗୁଡ଼ିକର ଉଲ୍ଲଙ୍ଘନ କରିଥାଏ। ତେବେ, ସକାରାତ୍ମକ କାର୍ଯ୍ୟ ଓ ନ୍ୟାୟିକ ସୁରକ୍ଷା କାରଣରୁ ଏଇ କିଛି ବର୍ଷ ମଧ୍ୟରେ ଜାତିଭିତ୍ତିକ ଉପେକ୍ଷାର ତୀବ୍ରତା ହ୍ରାସ ପାଉଛି, କିନ୍ତୁ ଏହା ତଥାପି ଚାଲିଛି।

**ଘ. ଜନଜାତି**

ଭାରତର ବଂଶଭିତ୍ତିକ ଉପେକ୍ଷାରୁ କେବଳ ଅନୁସୂଚୀତ ଜାତି ନୁହେଁ, ଅନୁସୂଚୀତ ଜନଜାତି ମଧ୍ୟ ସୃଷ୍ଟି ହୋଇଛି। ଭାରତରେ ଜନଜାତିର ଲୋକେ ଜମିର ମାଲିକାନା, ଦାରିଦ୍ର୍ୟ, ଋଣ ଭାର, ସ୍ୱାସ୍ଥ୍ୟ ଓ ପୁଷ୍ଟି, ଶିକ୍ଷା ଇତ୍ୟାଦି ରୂପରେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଭାରତରେ ମଧ୍ୟ ଜନଜାତିର ଲୋକେ ଆଦିବାସୀ, ଆଦିମ ଜାତି, ଗିରିଜନ, ବନବାସୀ, ପାହାଡ଼ିଆ ଭଳି ଅନେକ ନାମରେ ପରିଚିତ ହୋଇଥାନ୍ତି। ଏହି ନାଁଗୁଡ଼ିକ ଆଦିମତାର, ବିଚ୍ଛିନ୍ନତା ଓ ପଛୁଆପଣକୁ ସୂଚାଏ। ଜନଜାତିର ଲୋକଙ୍କୁ ଶୋଷଣ ଓ ଭେଦଭାବରୁ ରକ୍ଷା କରିବା ପାଇଁ ଆଜିକାଲି ସରକାର ଅନେକ ସକାରାତ୍ମକ ପଦକ୍ଷେପ ଓ ନ୍ୟାୟିକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି।

**ଙ. ବରିଷ୍ଠ ନାଗରିକ**

ବୟସ୍କ ହେବା ଜୀବନର ଏକ ଅପରିହାର୍ଯ୍ୟ ଓ ଅବିଚ୍ଛେଦ୍ୟ ପ୍ରକ୍ରିୟା। ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି ଏବଂ ଏହା ସରକାର ଓ ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ଏକ ଉଦ୍‌ବେଗଜନକ ପ୍ରସଙ୍ଗ ପାଲଟିଛି। ଭାରତର ୨୦୦୧ ଜନଗଣନା ଅନୁଯାୟୀ ଜନ ସମୁଦାୟର ବୟସକୁ ନେଇ ତଥ୍ୟରୁ ଜଣାଯାଏ ଯେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୭ କୋଟି ୬୬ ଲକ୍ଷରୁ ଅଳ୍ପ ଅଧିକ, ଯାହା ମୋଟ ଜନସଂଖ୍ୟାର ପ୍ରାୟ ୭.୨%।

ବରିଷ୍ଠ ନାଗରିକଙ୍କୁ ଅବହେଳା ଓ ଉପେକ୍ଷା କେବଳ ରୋଗ ଓ ଅକ୍ଷମତା କାରଣରୁ ହୋଇ ନଥାଏ, ବରଂ ପତି/ପତ୍ନୀ, ସନ୍ତାନସନ୍ତତି ଓ ପରିବାରର ଅନ୍ୟ କନିଷ୍ଠ ସଦସ୍ୟମାନଙ୍କ ଉପରେ ସେମାନଙ୍କ ଆର୍ଥିକ ନିର୍ଭରଶୀଳତା କାରଣରୁ ଏହା ହୋଇଥାଏ।

**ଚ. ଶିଶୁ**

ଶିଶୁମାନେ ସମାଜର ସବୁଠାରୁ ଅବହେଳିତ ବର୍ଗ ବୋଲି କୁହାଯାଇ ପାରିବ, କାରଣ ସେମାନଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବୟସ୍କମାନଙ୍କ ଶାରୀରିକ ଓ ମାନସିକ ଦକ୍ଷତାଠାରୁ କମ୍ ବିକଶିତ ହୋଇଥାଏ କିମ୍ବା ପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ ବିକଶିତ ହୋଇ ନଥାଏ। ଯଦିଓ ଭାରତ ୧୯୯୨ରେ, ୟୁଏନ୍‌ସିଆର୍‌ସିରେ ସ୍ୱାକ୍ଷର କରିଛି, ତଥାପି ଦେଶର ସବୁ ଅଞ୍ଚଳରେ ଶିଶୁ ଅଧିକାର ଉଲ୍ଲଙ୍ଘନ ସମସ୍ୟା ଖୁବ୍ ଉତ୍କଟ ରହିଛି। ବିଶ୍ୱର ସର୍ବାଧିକ ଶିଶୁ ଭାରତରେ ଅଛନ୍ତି, ବିଶ୍ୱର ସମୁଦାୟ ଶିଶୁଙ୍କ ସଂଖ୍ୟାର ପ୍ରାୟ ଏକ-ପଞ୍ଚମାଂଶ ଭାରତରେ ବାସ କରୁଛନ୍ତି। ଭାରତରେ ୦-୧୮ ବର୍ଷ ବୟସ ବର୍ଗର ପ୍ରାୟ ୪୩ କୋଟି ଶିଶୁ ବାସ କରୁଛନ୍ତି। ହିଂସା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟ ସେବାର ଅଭାବ, ଶିକ୍ଷାର ଅଭାବ, ଯୌନ ନିର୍ଯାତନା ଇତ୍ୟାଦି ବିଭିନ୍ନ କାରଣରୁ ଭାରତର ପ୍ରାୟ ୪୦% ଶିଶୁ ବିପଦଗ୍ରସ୍ତ ବୋଲି ଆକଳନ କରାଯାଇଛି (ଯୋଜନା ଆୟୋଗ, ୨୦୧୨)।

**ଛ. ଲିଙ୍ଗଗତ ସଂଖ୍ୟାଲଘୁ**

ଘୃଣା ଓ ଭେଦଭାବର ଶିକାର ହେଉଥିବା ଅନ୍ୟ ଗୋଟିଏ ଗୋଷ୍ଠୀ ହେଲେ ଲିଙ୍ଗଭିତ୍ତିକ ସଂଘ୍ୟାଲଘୁ ଗୋଷ୍ଠୀ ଯଥା:- ପୁରୁଷ ସମକାମୀ, ମହିଳା ସମକାମୀ , ତୃତୀୟ ଲିଙ୍ଗୀ ଏବଂ ଉଭୟ ଲିଙ୍ଗୀ। ପୁରୁଷ-ନାରୀ ଯୌନ ସମ୍ପର୍କକୁ ସମାଜରେ ଏକମାତ୍ର ବୈଧ ଯୌନ ସମ୍ପର୍କ ବୋଲି ଗ୍ରହଣ କରାଯାଉ ଥିବାରୁ ନିଜର ଯୌନଚର୍ଯ୍ୟାର ପସନ୍ଦ ଯୋଗୁଁ ସେମାନଙ୍କୁ ଉପେକ୍ଷା କରାଯାଏ। ସମକାମୀ ବ୍ୟକ୍ତିମାନେ ସେମାନଙ୍କ ନିଜ ପରିବାର ଦ୍ୱାରା ପରିହାସ ଓ ସମାଲୋଚନାର ଶିକାର ହୋଇଥାନ୍ତି ଏବଂ ନିଜ ଗୋଷ୍ଠୀ ଭିତରେ ସେମାନଙ୍କୁ ମିଳୁଥିବା ସର୍ବନିମ୍ନ ସେବା ଓ ସହଯୋଗ ସର୍ତ୍ତମୂଳକ ହୋଇଥାଏ।

ଏହା ସତ୍ୟ ଯେ ବ୍ୟକ୍ତି ବା ସଂଖ୍ୟାଲଘୁ ଗୋଷ୍ଠୀ ପ୍ରତି ସଂଖ୍ୟା ଗରିଷ୍ଠ ବା କ୍ଷମତାଶାଳୀ ଗୋଷ୍ଠୀ ଦ୍ୱାରା ବୈଷମ୍ୟପୂର୍ଣ୍ଣ ବା ଅନୁଚିତ ଆଚରଣ ହିଁ ଉପେକ୍ଷା। ଉପେକ୍ଷା କରିବାର ଅର୍ଥ ହେଉଛି ମୁଖ୍ୟସ୍ରୋତର ସମାଜଠାରୁ ବିଚ୍ଛିନ୍ନ କରିଦେବା ଏବଂ ଉପେକ୍ଷିତ ହେବାର ଅର୍ଥ ହେଉଛି ଅବଶିଷ୍ଟ ସମାଜଠାରୁ ବିଚ୍ଛିନ୍ନ ହୋଇ ରହିବା କିମ୍ବା ସାମାଜିକ ବା ଜାତୀୟ ଜୀବନର କେନ୍ଦ୍ରସ୍ଥଳରେ ନ ରହି ପରିଧି ନିକଟରେ ବା ଉପାନ୍ତରେ ରହିବା ପାଇଁ ବାଧ୍ୟ ହେବା। ବେଳେବେଳେ ଉପେକ୍ଷିତ ଲୋକମାନଙ୍କୁ ସମାଜର ଏକ ଅଂଶ ବା ଉପାଦାନ ରୂପେ ଧରାଯାଏ ନାହିଁ, ବରଂ ସମାଜ ବା ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଭୂମିକା ଅନାବଶ୍ୟକ ବା ନଗଣ୍ୟ ବୋଲି ଚିନ୍ତା କରାଯାଏ।

ଦେଶ ସ୍ୱାଧୀନତା ପ୍ରାପ୍ତ ହୋଇ ପ୍ରଗତି ଓ ବିକାଶ ପଥରେ ଅଗ୍ରସର ହେବା ସତ୍ତ୍ୱେ ଭାରତରେ ଉପେକ୍ଷିତ ଗୋଷ୍ଠୀଗୁଡ଼ିକ ଅବହେଳିତ ସ୍ଥିତିରେ ରହି ଆସିଛନ୍ତି।

## ୨.୯: ଉପସଂହାର

ସାଧାରଣ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ବିନା ରାଷ୍ଟ୍ର-ନିର୍ମାଣ ସମ୍ଭବ ନୁହେଁ ବୋଲି କୁହାଯାଇପାରେ। ପ୍ରତ୍ୟେକ ନାଗରିକଙ୍କ ଅଂଶଗ୍ରହଣ ଏକ ଜାତୀୟ ପରିଚୟ ସୃଷ୍ଟି କରିଥାଏ ଯାହା ରାଷ୍ଟ୍ର-ନିର୍ମାଣରେ ସହାୟକ ହୋଇଥାଏ। ଭାରତରେ ଯଦିଓ ସରକାରଙ୍କ ଅନ୍ତର୍ଭୁକ୍ତି ନୀତିରେ ଜାତି, ଶ୍ରେଣୀ, ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକ ସାମିଲ ହୋଇଥାନ୍ତି, ତଥାପି ମହିଳା, ଦଳିତ, ଅନୁସୂଚୀତ ଜନଜାତି ଓ ଶିଶୁ ଇତ୍ୟାଦିଙ୍କ ଭଳି ଉପେକ୍ଷିତ ଗୋଷ୍ଠୀ ଆଜି ବି ବିଭିନ୍ନ ପ୍ରକାରର ଭେଦଭାବ ଓ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଫଳରେ, ଏହା ସାମାଜିକ-ଅର୍ଥନୈତିକ ଓ ରାଜନୈତିକ କାର୍ଯ୍ୟକଳାପରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ବାଧାପ୍ରାପ୍ତ କରୁଛି।

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କାର୍ଯ୍ୟକଳାପରେ ଦେଶର ଉପେକ୍ଷିତ ବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ବିନା ଭାରତରେ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟା ସଫଳ ହେବନାହିଁ। ରାଷ୍ଟ୍ର ନିର୍ମାଣ ଜାତୀୟ ଚେତନା ଉପରେ ଆଧାରିତ, ଯାହା ହେଉଛି କ୍ଷୁଦ୍ର ଗୋଷ୍ଠୀ ପରିଚୟକୁ ତ୍ୟାଗ କରି ଏକ ବୃହତ୍ତର ରାଷ୍ଟ୍ରୀୟ ପରିଚୟକୁ ସ୍ୱୀକାର କରିବାର ଚେତନା। ଭାରତରେ ଉପେକ୍ଷିତ ଗୋଷ୍ଠୀଗୁଡ଼ିକ ଭୋଗୁଥିବା ଭେଦଭାବ ଓ ଶୋଷଣ କାରଣରୁ ସେମାନେ ମୁଖ୍ୟସ୍ରୋତଠାରୁ ନିଜର ନିଆରା ପରିଚୟ ପାଇଁ ଦାବି କରି ପ୍ରତିବାଦ ଓ ଆନ୍ଦୋଳନ କରିଥାନ୍ତି। ତେଣୁ ଏସବୁ ଗୋଷ୍ଠୀ ପ୍ରତି କରାଯାଉଥିବା ଭେଦଭାବ ଓ ଶୋଷଣ ହ୍ରାସ କରିବା ସହ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସେମାନଙ୍କୁ ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ବିବେଚନା କରିବା ହେଉଛି ରାଷ୍ଟ୍ର, ବିଭିନ୍ନ ସହଭାଗୀ ତଥା ଆମ ସମାଜର ଦାୟିତ୍ୱ।

## ୨.୧୦: ବିଷୟ ସାରାଂଶ

ଏହି ୟୁନିଟ୍‌ରେ ତୁମେ ଭାରତରେ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା କିପରି ଉପେକ୍ଷିତ ଗୋଷ୍ଠୀ, ପଛୁଆ ବର୍ଗ, ସଂଖ୍ୟାଲଘୁ ଇତ୍ୟାଦିଙ୍କୁ ଗୁରୁତ୍ୱ ପ୍ରଦାନ କରି ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ କରିଥାଏ, ସେ ସମ୍ପର୍କରେ ଜାଣିଲ। ଏହିପରି ଭାବରେ ରାଷ୍ଟ୍ର ନିର୍ମାଣର ଅର୍ଥ ହେଉଛି, ଶ୍ରେଣୀ, ଜାତି, ଲିଙ୍ଗ ଓ ବଂଶ ଭଳି କ୍ଷୁଦ୍ର ଗୋଷ୍ଠୀ ପରିଚୟ ବଦଳରେ ଏକ ଜାତୀୟ ପରିଚୟ ସୃଷ୍ଟି କରିବା।

## ୨.୧୧: ଆସ ପ୍ରଗତି ମାପିବା

୧) ସାଧାରଣ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ବିନା ବିନା ରାଷ୍ଟ୍ର ନିର୍ମାଣ ସମ୍ଭବ ନୁହେଁ। ଏହାର ଯଥାର୍ଥତା ପ୍ରତିପାଦନ କର ?

-----------------------------------------------------------------

-----------------------------------------------------------------

-----------------------

୨) ଅନ୍ତର୍ଭୁକ୍ତି ଅଭିବୃଦ୍ଧିର ଅର୍ଥ ଓ ବୈଶିଷ୍ଟ୍ୟ କ'ଣ ?

-----------------------------------------------------------------------

-----------------------------------------------------------------------

-------------------------

୩) ଭାରତରେ ଲିଙ୍ଗଭିତ୍ତିକ ସଂଖ୍ୟାଲଘୁଙ୍କ ସ୍ଥିତି ଉପରେ ସଂକ୍ଷେପରେ ଆଲୋଚନା କର।

-----------------------------------------------------------------------

-----------------------------------------------------------------------

-------------------------

# ୟୁନିଟ୍- ୩: ବିକାଶର ରୂପରେଖ ଓ ଭାରତରେ ଆଞ୍ଚଳିକ ଉପେକ୍ଷା

୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୩: ବିକାଶର ଅବଧାରଣା ସମ୍ପର୍କରେ ଜ୍ଞାନ

୩.୪: ବିକାଶ ଓ ଉପେକ୍ଷାର ସମ୍ପର୍କକୁ ବୁଝିବା

୩.୫: ଭାରତର ଉପେକ୍ଷିତ ଗୋଷ୍ଠୀ

୩.୬: ଜନଜାତିଙ୍କ ଅଞ୍ଚଳ, ମହିଳା ଓ ବିକାଶ

୩.୭: ବିଷୟ ସାରାଂଶ

୩.୮: ଆସ ପ୍ରଗତି ମାପିବା

## ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ରେ ଆମେ ବିକାଶର ରୂପରେଖ ଓ ଭାରତରେ ଆଞ୍ଚଳିକ ଉପେକ୍ଷା ସମ୍ପର୍କରେ ଆଲୋଚନା କରିବା। ଆମେ ନିମ୍ନ ବିଷୟଗୁଡ଼ିକ ସମ୍ପର୍କରେ ଜାଣିବା।

- ବିକାଶର ଅବଧାରଣା ସମ୍ପର୍କରେ ଜ୍ଞାନ
- ବିକାଶ ଓ ଉପେକ୍ଷାର ସମ୍ପର୍କ
- ଭାରତର ଉପେକ୍ଷିତ ଗୋଷ୍ଠୀ
- ଜନଜାତିଙ୍କ ଅଞ୍ଚଳ, ମହିଳା ଓ ବିକାଶ

## ୩.୨: ବିଷୟ ପରିଚୟ

ଭାରତରେ ବିକାଶର ରୂପରେଖ ଓ ଆଞ୍ଚଳିକ ଉପେକ୍ଷାକୁ ବୁଝିବା ପାଇଁ ଜଣକୁ ଭାରତର ବିକାଶ ନମୁନା ବା ମଡେଲ୍‌କୁ ବୁଝିବା ପାଇଁ ପଡ଼ିବ। ଭାରତର ବିକାଶ ମଡେଲଟି 'ବିକାଶ' ଶବ୍ଦର ଏକ ନିର୍ଦ୍ଦିଷ୍ଟ ପ୍ରକାରର ଧାରଣାରୁ ଆସିଛି। ଭାରତର ବିକାଶ କୌଶଳ ମୁଖ୍ୟତଃ ନେହରୁଙ୍କ ବିକାଶ ମଡେଲ୍ ଉପରେ ଆଧାରିତ। ବିକାଶର ଏହି ନିର୍ଦ୍ଦିଷ୍ଟ ଅବଧାରଣାଟି ମୁଖ୍ୟତଃ ଏକ ଶୀର୍ଷରୁ-ନିମ୍ନକୁ ମଡେଲ୍ ଏବଂ ଏହା ଉପାନ୍ତରେ ଥିବା ବ୍ୟକ୍ତି ବା ଉପେକ୍ଷିତ ବର୍ଗଙ୍କ କଥାକୁ ବିଚାରକୁ ନିଏନାହିଁ। ତେଣୁ ଭାରତରେ ବିକାଶର ରୂପରେଖକୁ ବୁଝିବା ପାଇଁ ଜଣକୁ ବିକାଶର ଅବଧାରଣା ଓ ସମାଜର ପ୍ରଚଳିତ ସ୍ତର ଭେଦକୁ ବୁଝିବା ପାଇଁ ପଡ଼ିବ। ଭାରତରେ ଉପେକ୍ଷିତ ବର୍ଗ ହେଉଛନ୍ତି ସାମାଜିକ କ୍ରମରେ ତଳେ ଥିବା ଲୋକମାନେ। ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ମହିଳା, ଧର୍ମୀୟ ସଂଖ୍ୟାଲଘୁ, ଗ୍ରାମାଞ୍ଚଳର ଗରିବ, ଶ୍ରମିକ, ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲୋକମାନେ ତଥା ଦେଶର ହିନ୍ଦୀ-ହିନ୍ଦୁ ପିତୃକୈନ୍ଦ୍ରିକ ଭାବନା ସହ ଖାପ ଖାଉ ନଥିବା ଯେ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଏଥିରେ ଅନ୍ତର୍ଭୁକ୍ତ।

ତେଣୁ ଭାରତରେ ଉଭୟ ଉର୍ଦ୍ଧ୍ୱରୁ ନିମ୍ନ ଓ ସାମନ୍ତରାଳ ଉପେକ୍ଷା ଦେଖାଯାଏ। ସାମନ୍ତରାଳ ଉପେକ୍ଷା ଅଞ୍ଚଳଭିତ୍ତିକ ହୋଇ ଥିବାରୁ ଦେଶ ଭିତରେ ଅର୍ଥନୈତିକ ବୈଷମ୍ୟ ରୂପରେ ଦେଖାଦିଏ, ଯେତେବେଳେ କି ଉର୍ଦ୍ଧ୍ୱରୁ ନିମ୍ନ ଉପେକ୍ଷା ସାମାଜିକ ସ୍ତର ଅନୁଯାୟୀ ବାସନ୍ଦ ସହ ଜଡ଼ିତ ହୋଇଥାଏ। ଯେତେବେଳେ ଉଭୟ ପ୍ରକାରର ଉପେକ୍ଷାକରଣ ବିକାଶ ନୀତି ଓ ଯୋଜନାଗୁଡ଼ିକ ସହ ମିଶିଯାଏ, ସେତେବେଳେ ବୈଷମ୍ୟ ବୃଦ୍ଧି ପାଏ ଓ ମୁଖ୍ୟତଃ ସୁବିଧାସୁଯୋଗ ହ୍ରାସ ପାଏ। ନିମ୍ନ ବିଷୟଗୁଡ଼ିକ ଆମକୁ ଏହି ପରିସ୍ଥିତିକୁ ବୁଝିବା ଓ ଅଧିକ ସମସ୍ୟାବହୁଳ କରାଇବାରେ ସହାୟକ ହେବ।

**କ) ବିକାଶର ଅବଧାରଣା ସମ୍ପର୍କରେ ଜ୍ଞାନ**

**ଖ) ବିକାଶ ଓ ଉପେକ୍ଷାର ସମ୍ପର୍କକୁ ବୁଝିବା**

## ୩.୩: ବିକାଶର ଅବଧାରଣା ସମ୍ପର୍କରେ ଜ୍ଞାନ

### ବିକାଶ କ'ଣ ?

ବିକାଶ ହେଉଛି ସମ୍ଭବତଃ ସବୁଠାରୁ ହାଲକା ଭାବରେ ବ୍ୟବହୃତ ହେଉଥିବା ଅନ୍ୟତମ ଶବ୍ଦ। ଏହାର ସାଧାରଣ ଅର୍ଥ ହେଉଛି ଉନ୍ନତି/ ପ୍ରଗତି/ ଅଗ୍ରଗତି/ ସମ୍ପ୍ରସାରଣ/ ଅଗ୍ରଗତି/ କାୟା ବୃଦ୍ଧି/ ଉନ୍ନତିକରଣ/ ପରିବର୍ତ୍ତନ/ ଅଭିବୃଦ୍ଧି। ତେବେ ବିକାଶ ଶବ୍ଦଟି କାହିଁକି କୌଣସି ବୃହତ୍ ଓ ଉନ୍ନତ ଜିନିଷ ସହିତ ଜଡ଼ିତ ? ବିକାଶର ଧାରଣାଟି କାହିଁକି ଉଭୟ ବୃହତ୍ ଓ ଉନ୍ନତକୁ ଏକତ୍ର କରି ଏକ ସକାରାତ୍ମକ ଧାରଣାଯୁକ୍ତ ହୋଇଥାଏ ? ସମସ୍ତ ବୃହତ୍ ଓ ଉନ୍ନତ ଜିନିଷ କ'ଣ ସବୁବେଳେ ସକାରାତ୍ମକ ଫଳାଫଳ ପ୍ରଦାନ କରିଥାନ୍ତି ? ଯଦି ନୁହେଁ, ତା'ହେଲେ ଏପରି କରାଯାଏ କାହିଁକି? ଏହା ପଛର କ୍ଷମତା ସମୀକରଣଟି କ'ଣ? ଯେତେବେଳେ ଜଣେ ବିକାଶକୁ ଗଭୀର ଭାବେ ବୁଝିବାକୁ ଚାହିଁବେ, ସେତେବେଳେ ତାଙ୍କୁ ଏସବୁ ପ୍ରଶ୍ନ ମନରେ ରଖିବାକୁ ପଡ଼ିବ। ଅର୍ଥାତ୍ ବିକାଶର ଅର୍ଥ ବୁଝିବା ପାଇଁ ହେଲେ ଏ ସମ୍ପର୍କରେ ପ୍ରଶ୍ନ ଓ ତର୍ଜମା କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ବିକାଶର ଆବଶ୍ୟକତା ସମ୍ପର୍କିତ ତତ୍ତ୍ୱଟି କିପରି ସୃଷ୍ଟି ହେଲା ଏବଂ ଲୋକ ତଥା ଦେଶଗୁଡ଼ିକ କିପରି ଅନୁନ୍ନତ ହେଲେ, ତାହା ଜଣେ ବୁଝିବା ଆବଶ୍ୟକ। ଏ ସବୁକିଛି ଆରମ୍ଭ ହୋଇଥିଲା ୧୯୪୯ ଜାନୁୟାରୀ ୨୦ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟ୍ରୁମାନ୍‌ଙ୍କ ଅଭିଭାଷଣ ସହିତ। ସତେ ଯେପରି ଅବିକଶିତ ଦେଶଗୁଡ଼ିକୁ ବିକଶିତ କରିବାର ନୈତିକ ଉତ୍ତରଦାୟିତ୍ୱ ଆମେରିକାର ବୋଲି ମନେହେଲା। ଏହିପରି ଭାବରେ ସେହିଦିନ ଟ୍ରୁମାନ୍ 'ଅବିକଶିତ' ଶବ୍ଦଟିକୁ ସୃଷ୍ଟି କଲେ। ଗସ୍ତେଭୋ ଏସ୍ତେଭା କୁହନ୍ତି, ସେହି ଦିନ ହିଁ ଦୁଇ ଶହ କୋଟି ଲୋକଙ୍କୁ ଅବିକଶିତ କରି ଦିଆଗଲା ଏବଂ ସେମାନେ ସ୍ୱାଭାବିକ ଢଙ୍ଗରେ ଜୀବନଯାପନ କରିବା ବନ୍ଦ ହୋଇଗଲା। ଏହାପରେ ଯାହା ବି ଘଟିବାର ଥିଲା, ସେସବୁ ବିକଶିତଙ୍କ ଦୃଷ୍ଟିକୋଣରୁ ଅବିକଶିତଙ୍କୁ ଦେଖିବାର ଯବକାଚରେ ଦେଖାଗଲା (ଏସ୍ତେଭା, ୨୦୧୦)। ତେଣୁ ଏବେ ଆମେ ଯେତେବେଳେ ବିକାଶ ପ୍ରସଙ୍ଗ ଉଠାଉଛେ, ଏହାକୁ ଭିତ୍ତିଭୂମି ଉନ୍ନତିକରଣର ଏକ ପ୍ରକ୍ରିୟା ରୂପେ ବୁଝା ଯାଉଛି। ତେବେ ପ୍ରଶ୍ନ ହେଉଛି, କେବଳ ଭିତ୍ତିଭୂମିର ବିକାଶ କ'ଣ ବିକାଶ ? ସେଥିପାଇଁ ଜଣଙ୍କୁ ଅଭିବୃଦ୍ଧି ଓ ବିକାଶ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ବୁଝିବାକୁ ପଡ଼ିବ।

ଆହୁରି ମଧ୍ୟ ଭିତ୍ତିଭୂମିର ଉନ୍ନତିକରଣ ସର୍ବଦା ମାନବୀୟ ଜୀବନ ସ୍ତରର ସାମଗ୍ରିକ ପରିପୋଷଣୀୟ ବିକାଶକୁ ସୁନିଶ୍ଚିତ କରି ନଥାଏ। ସମୟକ୍ରମେ ବିକାଶ ଶବ୍ଦର ପରିଭାଷା ମଧ୍ୟ ବଦଳି ଯାଇଛି। ଏହିପରି ଭାବେ ବିକାଶ ଶବ୍ଦର ବଦଳୁ ଥିବା ପରିଭାଷା ମଧ୍ୟ ସମଗ୍ର ବିଶ୍ୱର ଉପେକ୍ଷିତ ବର୍ଗଙ୍କ ଉପରେ ପ୍ରଭାବ ପକାଇଛି। ବିକାଶ ଶବ୍ଦର ପରିଭାଷା କିପରି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଅର୍ଥ ପ୍ରତିପାଦନ କରିଛି, ଏହା ବୁଝିବାରେ ବକ୍ସ-୨ରେ ଥିବା ସାରଣୀ ଆମ ପାଇଁ ଉପାଦେୟ ହେବ। ଏହା ସହିତ ତଥାକଥିତ ଅନୁନ୍ନତମାନେ ନିଜକୁ କିପରି ବୁଝନ୍ତି, ସେ ଧାରଣା ମଧ୍ୟ ବଦଳିଛି। ତେଣୁ, ଭାରତ ପରିପ୍ରେକ୍ଷୀରେ ଉପେକ୍ଷିତ ହୋଇ ସାରିଥିବା ଗୋଷ୍ଠୀମାନଙ୍କ କ୍ଷେତ୍ରରେ ଏ ପ୍ରକାରର ଦ୍ୱନ୍ଦ୍ୱ କ'ଣ କରୁଛି ?

**ବକ୍ସ-୨ : ବିଭିନ୍ନ ସମୟରେ ବିକାଶର ଅର୍ଥ**

| ସମୟ | ଦୃଷ୍ଟିକୋଣ | ବିକାଶର ଅର୍ଥ |
|---|---|---|
| ୧୮୫୦> | ଔପନିବେଶିକ ଅର୍ଥନୀତି | ସମ୍ବଳ ପରିଚାଳନା, ତତ୍ତ୍ୱାବଧାନ |
| ୧୮୭୦> | ବିଳମ୍ବକାରୀ | ଦ୍ରୁତ ଶିଳ୍ପାୟନ ଆରମ୍ଭ |
| ୧୯୪୦> | ବିକାଶ ଅର୍ଥନୀତି | ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପାୟନ |
| ୧୯୫୦> | ଆଧୁନିକୀକରଣ ତତ୍ତ୍ୱ | ଅଭିବୃଦ୍ଧି, ରାଜନୈତିକ ଓ ସାମାଜିକ ଆଧୁନିକୀକରଣ |
| ୧୯୬୦> | ନିର୍ଭରଶୀଳତା ତତ୍ତ୍ୱ | ଅଧିଗ୍ରହଣ, ଜାତୀୟ, ବ୍ୟକ୍ତିକୈନ୍ଦ୍ରିକ |
| ୧୯୭୦> | ବିକଳ୍ପ ବିକାଶ | ଜନସଂଖ୍ୟା ବୃଦ୍ଧି |
| ୧୯୮୦> | ମାନବୀୟ ବିକାଶ | ଦକ୍ଷତା ବିକାଶ, ଲୋକମାନଙ୍କ ରୁଚିର ବୃଦ୍ଧି |
| ୧୯୮୦> | ନବ୍ୟ-ଉଦାରବାଦ | ଅର୍ଥନୈତିକ ଅଭିବୃଦ୍ଧି, ସାଙ୍ଗଠନିକ ସଂସ୍କାର, ଉଦାରୀକରଣ, ଘରୋଇକରଣ |
| ୧୯୯୦> | ବିକାଶ ପରେ | ଏକଛତ୍ରବାଦ, ଯାନ୍ତ୍ରିକ ବିପର୍ଯ୍ୟୟ |

## ୩.୪: ବିକାଶ ଓ ଉପେକ୍ଷା ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା

### କ) ଉପେକ୍ଷାକରଣ କ'ଣ ?

ଉପେକ୍ଷାକରଣ ହେଉଛି କୌଣସି ବ୍ୟକ୍ତି ବା ଗୋଷ୍ଠୀକୁ କୋଣକୁ ଠେଲିଦେବା ବା ନିଜ ଦକ୍ଷତାର ଶୀର୍ଷ ସ୍ତରରେ ପହଂଚିବା ଲାଗି ସୁଯୋଗ ନ ଦେବା। ସମାଜବାଦର ଅକ୍ସଫୋର୍ଡ ଅଭିଧାନ ଅନୁଯାୟୀ ଉପେକ୍ଷାକରଣର ସଂଜ୍ଞା ହେଉଛି, କୌଣସି ସମାଜରେ କୌଣସି ବ୍ୟକ୍ତି ବା ଗୋଷ୍ଠୀଙ୍କୁ ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ କ୍ଷମତାର ସୁବିଧା ତଥା ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଉପଭୋଗ କରିବାରୁ ବଞ୍ଚିତ କରିବାର ଏକ ପ୍ରକ୍ରିୟା। ତେଣୁ, ଉପେକ୍ଷାକରଣର ଅର୍ଥ ବୁଝିବା ପାଇଁ ହେଲେ ଜଣକୁ ସାମାଜିକ ବାସନ୍ଦକୁ ବୁଝିବାକୁ ପଡ଼ିବ, କାରଣ ସାମାଜିକ ବାସନ୍ଦ ହିଁ ଉପେକ୍ଷା ସୃଷ୍ଟି କରିଥାଏ। ଆର୍ଜନ ଡି ହାନ୍‌ଙ୍କ ସଂଜ୍ଞା ଅନୁଯାୟୀ, 'ସାମାଜିକ

ବାସନ୍ଦ ସାମାଜିକ ସମ୍ପର୍କକୁ ଭାଙ୍ଗିଦିଏ।' ୟୁରୋପୀୟ ଫାଉଣ୍ଡେସନ୍‌ଠାରୁ ଉଦ୍ଧାର କରି ଆର୍ଜନ ଡି ହାନ୍ କୁହନ୍ତି ଯେ, ସାମାଜିକ ବାସନ୍ଦ ହେଉଛି ଏକ ପ୍ରକ୍ରିୟା ଯାହା ଜରିଆରେ ଲୋକେ ବା ବିଭିନ୍ନ ଗୋଷ୍ଠୀ ସେମାନେ ବାସ କରୁଥିବା ସମାଜରେ ପୂର୍ଣ୍ଣ ଅଂଶଗ୍ରହଣ କରିବାରୁ ଆଂଶିକ ବା ସମ୍ପୂର୍ଣ ଭାବେ ବାଦ୍ ପଡ଼ିଥାନ୍ତି। ସଂଜ୍ଞା ଅନୁଯାୟୀ, ସାମାଜିକ ବାସନ୍ଦ ହେଉଛି ସମାଜର ଅଂଶ ବା 'ସାମିଲ' ହେବାର ପରିକଳ୍ପିତ ଚିନ୍ତାଧାରାକୁ ପ୍ରତିଫଳିତ କରୁଥିବା ସାମାଜିକ ସଂହତିର ବିପରୀତ ଅର୍ଥବୋଧକ।

**ଖ) ବିକାଶ ଓ ଉପେକ୍ଷା ମଧ୍ୟରେ ଥିବା ସମ୍ପର୍କ**

ବିକାଶ ଏକ ଦମ୍‌ଦାର ଶବ୍ଦ ବୋଲି ଆମେ ବୁଝି ଥିବାରୁ ଏହା ସରଳ ଭାବେ ପ୍ରଗତି ବା ଉନ୍ନତି ସହ ତୁଳନୀୟ ନୁହେଁ ଏବଂ ଏହାର ଗଭୀର ତର୍ଜମା ଆବଶ୍ୟକ। କୌଣସି ଶବ୍ଦର ଅର୍ଥକୁ ନେଇ ଏତେ ଦ୍ୱନ୍ଦ୍ୱ ଥିଲେ ତାହା ବ୍ୟକ୍ତି ଓ ସମାଜ ସଂସ୍ପର୍ଶରେ ଆସିଲେ କି ପ୍ରତିକ୍ରିୟା ସୃଷ୍ଟି କରିବ, ତାହା ଚିନ୍ତା କରାଯିବା ଉଚିତ। ବିକାଶ ଶବ୍ଦଟିର ଉଦ୍‌ଭବ ସ୍ଥଳଠାରୁ ଭିନ୍ନ ଓ ଫରକ ଥିବା ସ୍ଥାନଗୁଡ଼ିକରେ ବିକାଶ ସଂଘଟିତ ହେଲେ କ'ଣ ହୁଏ ? ଉତ୍ତର ହେଉଛି- ଏହା ଯେଭଳି ଚିତ୍ରିତ ହୁଏ, ସେଭଳି ପୂର୍ଣ୍ଣ ସକାରାତ୍ମକ ନ ହୋଇ ଭିନ୍ନ ହୋଇଥାଏ। ଭାରତ ଓ ପରାଧୀନତା ଭୋଗିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବିକାଶର ଫଳ ସୁଖଦ ହୋଇନାହିଁ। ଏହି ଦେଶଗୁଡ଼ିକୁ ଅବିକଶିତ ଓ ପଛୁଆ ଏବଂ ବିକଶିତ ତଥା ସଭ୍ୟ ହେବା ଆବଶ୍ୟକ ବୋଲି କୁହାଯାଏ। ତେଣୁ ଏହି ଦେଶଗୁଡ଼ିକ ନିଜର ଅନୁନ୍ନତ ଅବସ୍ଥା ଦୂର କରିବା ସହିତ ବିକଶିତ ହେବା ପାଇଁ ଅନ୍ୟମାନଙ୍କ ସହ ସାମିଲ ହୋଇଯାନ୍ତି। ଭାରତ ମଧ୍ୟ କିଛି ଅଲଗା ନୁହେଁ। ଭାରତର ସ୍ୱାଧୀନତା ପ୍ରାପ୍ତିର ମଧ୍ୟରାତ୍ରି ଅଭିଭାଷଣରେ ନେହରୁ ନଦୀବନ୍ଧଗୁଡ଼ିକୁ ଆଧୁନିକ ଭାରତର ମନ୍ଦିର ବୋଲି କହିଥିଲେ। ଏହି ମନ୍ଦିରଗୁଡ଼ିକ କେତେ ମାତ୍ରାରେ ବିପର୍ଯ୍ୟୟ ସୃଷ୍ଟି କଲେଣି, ତାହା ସ୍ପଷ୍ଟ ହୋଇ ସାରିଛି। ନଦୀବନ୍ଧଗୁଡ଼ିକ ଦ୍ୱାରା ସର୍ବାଧିକ ପ୍ରଭାବିତ ଲୋକେ ହେଲେ ଉପେକ୍ଷିତ ବର୍ଗର ଲୋକେ। ପରବର୍ତ୍ତୀ ବିଭାଗଗୁଡ଼ିକରେ ଏହାର ଆଲୋଚନା କରାଯିବ। କିଛି ବର୍ଷ ପରେ ୧୯୯୦ ଦଶକରେ ଉଦାରୀକରଣ ଆରମ୍ଭ ହେଲା ଓ ବାସନ୍ଦର ସୂଚକାଙ୍କଗୁଡ଼ିକ ଅଧିକ ସ୍ପଷ୍ଟ ହେଲା।

> **ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ର ସଂଜ୍ଞା**
>
> ମାନବ ବିକାଶ ସୂଚକାଙ୍କ ହେଉଛି ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ କୌଣସି ଦେଶର ସାମଗ୍ରିକ ସଫଳତାକୁ ମାପିବାର ଏକ ପରିସଂଖ୍ୟାନଭିତ୍ତିକ ଉପାୟ। କୌଣସି ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶ ଦେଶବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣର ମାନ ଉପରେ ଆଧାରିତ।
>
> ପାକିସ୍ତାନୀ ଅର୍ଥନୀତିଜ୍ଞ ମାହବୁବୁଲ୍ ହକ୍ ୧୯୯୦ରେ ଏଚ୍‌ଡିଆଇର ସୃଷ୍ଟି କରିଥିଲେ ଯାହାକୁ ପରେ ବିଭିନ୍ନ ଦେଶର ବିକାଶକୁ ମାପିବା ପାଇଁ ୟୁଏନ୍‌ଡିପି ବ୍ୟବହାର କଲା। ୪ଟି ପ୍ରମୁଖ ସୂଚକକୁ ନେଇ ଏହି ସୂଚକାଙ୍କର ଗଣନା ହୁଏ: ସ୍ୱାସ୍ଥ୍ୟ ପାଇଁ ହାରାହାରି ଆୟୁ, ସମ୍ଭାବ୍ୟ ଶିକ୍ଷା ବର୍ଷ ସଂଖ୍ୟା, ଶିକ୍ଷାଗ୍ରହଣ ବର୍ଷର ହାରାହାରି ହିସାବ ଓ ଜୀବନଧାରଣର ମାନ ପାଇଁ ମୁଣ୍ଡପିଛା ହାରାହାରି ଜାତୀୟ ଆୟ।
>
> **ୟୁଏନ୍‌ଡିପି** ପ୍ରତି ବର୍ଷ ଏହାର ବାର୍ଷିକ ରିପୋର୍ଟରେ **ଏଚ୍‌ଡିଆଇ** ଆଧାରରେ ଦେଶଗୁଡ଼ିକୁ ମାନ୍ୟତା ପ୍ରଦାନ କରେ। କୌଣସି ଦେଶର ବିକାଶର ସ୍ତର ଉପରେ ନଜର ରଖିବା ପାଇଁ **ଏଚ୍‌ଡିଆଇ** ଅନ୍ୟତମ ଶ୍ରେଷ୍ଠ ଉପାୟ, କାରଣ ଏଥିରେ ଅର୍ଥନୈତିକ ବିକାଶ ପାଇଁ ଦାୟୀ ସମସ୍ତ ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ସୂଚକ ସାମିଲ୍ ଥାଏ। (ଇକୋନୋମିକ ଟାଇମ୍‌ସ୍‌ରୁ ସଂଗୃହୀତ)।

ମାନବ ବିକାଶ ସୂଚକାଙ୍କ ଦର୍ଶାଇ ଦେଲା ଯେ ବିକାଶ ପ୍ରକ୍ରିୟା ବାସ୍ତବରେ ବାସନ୍ଦ, ବିଚ୍ଛିନ୍ନତା ଓ ଉପେକ୍ଷାକରଣକୁ ଉତ୍କଟ କରିଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ପ୍ରସ୍ତୁତ ମାନବ ବିକାଶ ସୂଚକାଙ୍କ ରିପୋର୍ଟ ୨୦୧୬ରେ ଭାରତ ୧୩୧ତମ ସ୍ଥାନରେ ରହିଛି। ଭାରତକୁ ଏହି ରିପୋର୍ଟ କଙ୍ଗୋ, ପାକିସ୍ତାନ ଓ ନାମ୍ବିଆ ଭଳି ମଧ୍ୟମ ମାନବ ବିକାଶ ସୂଚକାଙ୍କ ରାଷ୍ଟ୍ର ରୂପେ ବର୍ଗୀକରଣ କରେ। ଭାରତର ପ୍ରମୁଖ ୧୭ଟି ରାଜ୍ୟ ଜନସଂଖ୍ୟା ଓ ଆୟତନ ଦୃଷ୍ଟିରୁ ମାନବ ବିକାଶ ସୂଚକାଙ୍କରେ ବ୍ୟାପକ ଭିନ୍ନତା ପ୍ରଦର୍ଶନ କରନ୍ତି (ହିନ୍ଦୁ, ୨୦୧୭)।

ପ୍ରମୁଖ ୧୭ଟି ରାଜ୍ୟ ମଧ୍ୟରେ ଆୟ ଦୃଷ୍ଟିରୁ ୫ମ ସ୍ଥାନରେ ଥିଲେ ବି କେରଳ ସ୍ୱାସ୍ଥ୍ୟ ଓ ଶିକ୍ଷା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛି। ଅନ୍ୟ ପକ୍ଷରେ ହରିୟାଣା ସବୁଠୁ ଧନୀ ରାଜ୍ୟ ହୋଇଥିଲେ ବି ସ୍ୱାସ୍ଥ୍ୟ ଓ ଶିକ୍ଷାର ଉପ-ସୂଚକାଙ୍କରେ ସପ୍ତମ ସ୍ଥାନରେ ରହିଛି। ତେଣୁ, ଉଚ୍ଚ ଆୟ ସର୍ବଦା ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଚ୍ଚ ସାମାଜିକ ମାନଦଣ୍ଡ ସୁନିଶ୍ଚିତ କରେନାହିଁ (ଲାଇଭ୍ ମିଣ୍ଟ, ୨୦୧୭)। ନିମ୍ନସ୍ଥ ସାରଣୀ ମାନବ ବିକାଶ ସୂଚକାଙ୍କର ଆଞ୍ଚଳିକ ବୈଷମ୍ୟକୁ ଦର୍ଶାଏ।

**ପ୍ରମୁଖ ୧୭ଟି ରାଜ୍ୟର ମାନବ ବିକାଶ ସୂଚକାଙ୍କ ମାନ୍ୟତା***

| ରାଜ୍ୟ | ମାନ୍ୟତା |
|---|---|
| କେରଳ | ୧ |
| ହିମାଚଳ ପ୍ରଦେଶ | ୨ |
| ତାମିଲନାଡୁ | ୩ |
| ମହାରାଷ୍ଟ୍ର | ୪ |
| ପଞ୍ଜାବ | ୫ |
| ହରିୟାଣା | ୬ |
| ଜାମ୍ମୁ ଓ କାଶ୍ମୀର | ୭ |
| କର୍ଣ୍ଣାଟକ | ୮ |
| ଆନ୍ଧ୍ରପ୍ରଦେଶ | ୯ |
| ଗୁଜରାଟ | ୧୦ |
| ପଶ୍ଚିମବଙ୍ଗ | ୧୧ |
| ରାଜସ୍ଥାନ | ୧୨ |
| ଓଡ଼ିଶା | ୧୩ |
| ମଧ୍ୟପ୍ରଦେଶ | ୧୪ |
| ଆସାମ | ୧୫ |
| ଉତ୍ତରପ୍ରଦେଶ | ୧୬ |
| ବିହାର | ୧୭ |

**ଉତ୍ସ- ଲାଇଭ୍ ମିଣ୍ଟ, ୨୦୧୭**

## ୩.୫: ଭାରତର ଉପେକ୍ଷିତ ଗୋଷ୍ଠୀ ସମୂହ

ପ୍ରଭେଦ ଓ ବର୍ଗୀକରଣ ହେଉଛି ଭାରତୀୟ ସମାଜର ବିଶେଷତା ଏବଂ ଜାତି, ଶ୍ରେଣୀ, ଭାଷା, ଅଞ୍ଚଳ, ବଂଶ, ଲିଙ୍ଗ ଓ ବିଭିନ୍ନ ଐତିହାସିକ ପ୍ରକ୍ରିୟା ଏହି ପ୍ରଭେଦର ମୂଳ ଆଧାର। ଏହା ବିଭିନ୍ନ ପ୍ରକାରର ବିଭାଗୀକରଣ ଓ ବର୍ଗୀକରଣ ପାଇଁ ଭିତ୍ତି ସ୍ଥାପନ କରିଥାଏ। ସେହି କାରଣରୁ ବିଭିନ୍ନ ଉପେକ୍ଷିତ ବର୍ଗଙ୍କୁ ଅନୁସୂଚୀତ ଜାତି, ଅନୁସୂଚୀତ ଜାତି, ମହିଳା, ଲିଙ୍ଗଭିତ୍ତିକ ସଂଖ୍ୟାଲଘୁ ଓ ଭିନ୍ନକ୍ଷମ ବ୍ୟକ୍ତି ଏଭଳି ବିଭିନ୍ନ ଭାଗରେ ବିଭକ୍ତ ହୋଇଥାନ୍ତି। ଏହା ହେଉଛି ଭାରତର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ପ୍ରଚଳିତ ଥିବା ଉର୍ଦ୍ଧ୍ୱରୁ-ନିମ୍ନ ଉପେକ୍ଷା।

ଏହା ସହିତ ଅଧିକ ସମାନ୍ତରାଳ ମନେ ହେଉଥିବା ଆଞ୍ଚଳିକତା ଆଧାରିତ ଉପେକ୍ଷା ମଧ୍ୟ ରହିଛି। ତେଣୁ ଉଭୟ ପ୍ରକାରର ଉପେକ୍ଷା ଦ୍ୱାରା ସର୍ବାଧିକ ପ୍ରଭାବିତ ଅଞ୍ଚଳକୁ ଦେଖିବା ପାଇଁ ହେଲେ ଆଦିବାସୀ ବହୁଳ ଅଞ୍ଚଳ ସବୁଠୁ ପ୍ରକୃଷ୍ଟ ଉଦାହରଣ ହେବ। ସବୁଠୁ ଉଲ୍ଲେଖନୀୟ ତଥ୍ୟଟି ହେଲା, ପାରମ୍ପରିକ ଅଧିବାସୀ ବାସ କରୁଥିବା ଉତ୍ତର-ପୂର୍ବ ହେଉ କିମ୍ବା କେନ୍ଦ୍ର ଭାରତ, ସବୁଠି ସମ୍ବଳ ସମୃଦ୍ଧ ଆଦିବାସୀ ଅଞ୍ଚଳ ବିକାଶ ଦ୍ୱାରା ଗୁରୁତର ଭାବେ ପ୍ରଭାବିତ। ବିକାଶର ଉର୍ଦ୍ଧ୍ୱରୁ-ନିମ୍ନ ମଡେଲ୍ ଏଠାକାର ଲୋକଙ୍କ ପାଇଁ କାମ ଦେଇନାହିଁ। ଏହି ପ୍ରକାରର ବିକାଶ ପ୍ରକ୍ରିୟାର ଫଳାଫଳ କାରଣରୁ ପ୍ରଶାସନ ଉପରେ ଆଦିବାସୀମାନଙ୍କ ନିର୍ଭରଶୀଳତା ବଢ଼ିଛି, କାରଣ ଅଧିକାଂଶ ସ୍ଥାନରେ ପାରମ୍ପରିକ ଅଧିବାସୀମାନେ ସେମାନଙ୍କର ଗୋଷ୍ଠୀ-ଅଧିକାର ହରାଇ ଥିବା ଦେଖାଯାଇଛି। ପାରମ୍ପରିକ ଜନଗୋଷ୍ଠୀ ଓ ମହିଳାମାନଙ୍କ ପ୍ରତି ଉପେକ୍ଷା ଓ ସେମାନଙ୍କ ବିକାଶର ଗତିପଥକୁ ବୁଝିବାରେ ପରବର୍ତ୍ତୀ ଭାଗ ଆମକୁ ସାହାଯ୍ୟ କରିବ।

## ୩.୬: ଜନଜାତିଙ୍କ ଅଞ୍ଚଳ, ମହିଳା ଓ ବିକାଶ

ଗତ ପଚାଶ ବର୍ଷର ଯୋଜନା ପ୍ରକ୍ରିୟା ମଧ୍ୟରେ ଆଞ୍ଚଳିକ ଉପେକ୍ଷା ଓ ବିକାଶ ଭାରତରେ ଆଦିବାସୀ ଓ ଅଣ-ଆଦିବାସୀ ଲୋକଙ୍କ ମଧ୍ୟରେ ରହିଥିବା ବୈଷମ୍ୟକୁ ହ୍ରାସ କରିବାରେ ସଫଳ ହୋଇ ପାରିନାହିଁ, ବରଂ ଏହା କ୍ଷମତା-ଆଧାରିତ ସମ୍ପର୍କକୁ ସ୍ୱୀକୃତି ଦେଇଛି ଏବଂ କ୍ଷମତାଶାଳୀ ଓ ଅଧସ୍ତନ ଗୋଷ୍ଠୀ ମଧ୍ୟରେ ଅସମାନ ବିନିମୟକୁ ଅଧିକ ଦୃଢ଼ କରିଛି। ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଏହି ବୈଷମ୍ୟ ସୁସ୍ପଷ୍ଟ। ବୃହତ୍ ଶିଳ୍ପ ଉପରେ ନେହେରୁଙ୍କ ଗୁରୁତ୍ୱକୁ ଏଲ୍‌ୱିନ୍ ଦୃଢ଼ ସମାଲୋଚନା କରନ୍ତି। କିନ୍ତୁ ନେହରୁଙ୍କ ମତରେ, ଭାରତରେ ଯାନ୍ତ୍ରିକ ବିପ୍ଳବ ପାଇଁ ଇସ୍ପାତ ଉତ୍ପାଦନ ସର୍ବୋଚ୍ଚ ସୀମାରେ ପହଞ୍ଚିବା ଲୋଡ଼ା ପଡ଼ିଲା, ତେଣୁ ରାଉରକେଲା ଏହାର ଏକ ଅଂଶ ଥିଲା। କିନ୍ତୁ ଏହି ଯୋଜନା ରୂପାୟନ ହେବା ପୂର୍ବରୁ ସେହି ସ୍ଥାନଟି ଅନେକ ଜନଜାତି ଗୋଷ୍ଠୀଙ୍କ ବାସସ୍ଥାନ ଥିଲା। ଭୂମିଆ ଓ ମୁଣ୍ଡେରିମାନେ ଏଠାକାର ମୂଳ ଅଧିବାସୀ ହୋଇଥିବା ବେଳେ ଓରାଓଁ, ମୁଣ୍ଡା, କୋହ୍ଲ ଓ କଳତୁଆମାନେ ନିକଟତମ ଜନଜାତିବହୁଳ ଅଞ୍ଚଳରୁ ଆସି ଏଠାରେ ରହୁଥିଲେ (ରଥ, ୨୦୦୬)। ଏହି ଜନଜାତିର ଲୋକମାନେ ମୁଖ୍ୟତଃ କ୍ଷତିପୂରଣ ପାଇବାରେ ବିଶେଷ ଅବୁବିଧା ଭୋଗିଛନ୍ତି। ଅନେକ କ୍ଷେତ୍ରରେ ଆଦିବାସୀ ଲୋକମାନଙ୍କର ଭୂମି ଉପରେ କୌଣସି ଅଧିକାର ନଥାଏ, କାରଣ ଭୁମି-ଅଧିକାର ସେମାନଙ୍କ ପାଇଁ ପାରମ୍ପରିକ ହୋଇଥାଏ।

ଅଞ୍ଚଳଟି ଏତେ ପଛୁଆ ଥିଲା ଯେ ବ୍ରିଟିଶ ସରକାର ମଧ୍ୟ ଏହାକୁ ମୁଖ୍ୟସ୍ରୋତର ରାଜସ୍ୱ ଅଞ୍ଚଳରେ ସାମିଲ କରିବା ପାଇଁ ଆଗ୍ରହ ପ୍ରକାଶ କରି ନଥିଲା। ଜମିର ଦଖଲ ଓ ଖଜଣା ଦାଖଲ ମୌଖିକ ଭାବେ କରାଯାଉଥିଲା। ଏହିପରି ଆଦିବାସୀମାନେ ସେମାନଙ୍କର ଜମି ମାଲିକାନା ରେକର୍ଡ ଦେଖାଇ ପାରୁ ନଥିଲେ। ଆର୍.କେ. ବାରିକ କୁହନ୍ତି ଯେ ଯୋଜନା ପ୍ରକ୍ରିୟା ସାମାଜିକ ଦିଗଟିକୁ ଅଣଦେଖା କରେ ଏବଂ ପରିଶେଷରେ ସମାଜରେ ଅସ୍ଥିରତା ସୃଷ୍ଟିରେ ସହାୟକ ହୁଏ (ବାରିକ, ୨୦୦୦)। ଭାରତୀୟ ଯୋଜନା ପ୍ରଣେତାମାନେ ଥଇଥାନ ନୀତିକୁ ପଛୁଆ ଅଞ୍ଚଳଗୁଡ଼ିକର ଉନ୍ନତି ପାଇଁ ବିକାଶର ଏକ ମାଧ୍ୟମ ବୋଲି ଚିନ୍ତା କଲେ ଯେତେବେଳେ କି ଅଣ-ଆଦିବାସୀ ଶରଣାର୍ଥୀମାନେ ଆଦିବାସୀ ଅଞ୍ଚଳରେ ସ୍ଥାୟୀ ବସତି କରି ରହିଲେ ଓ ବିକାଶ କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀଙ୍କ ସହ ନିଜକୁ ସାମିଲ କଲେ।

କିନ୍ତୁ ଏହି ଯୋଜନା ସଫଳ ହେଲାନାହିଁ, କାରଣ ନୂତନ ବସତି କରିଥିବା ଲୋକମାନେ ବେଆଇନ ଉପାୟରେ ଆଦିବାସୀଙ୍କ ଜମି ଦଖଲ କରିବାକୁ ଚେଷ୍ଟାକଲେ, ଖୋଲା ବଜାରରେ କାଠ ବିକିବା ପାଇଁ ଜଙ୍ଗଲ ଧ୍ୱଂସ କଲେ ଏବଂ ଆଦିବାସୀମାନଙ୍କୁ ଘୋର ଦାରିଦ୍ର୍ୟ ଭିତରକୁ ଠେଲି ଦେଇ ସ୍ଥାନୀୟ ଅର୍ଥନୀତିର ମୂଳ ମାଧ୍ୟମଗୁଡ଼ିକୁ ଦଖଲ କରିନେଲେ।

ଏହାଦ୍ୱାରା ସାମାଜିକ ଯାଞ୍ଚ ଅନୁଯାୟୀ ଆଦିବାସୀମାନଙ୍କର ବ୍ୟାପକ କ୍ଷତି ହୋଇଥିବା ବେଳେ ଜିଡିପି ବା ମୋଟ ଜାତୀୟ ଉତ୍ପାଦ ବୃଦ୍ଧି ଘଟିଥିବା ଅର୍ଥନୈତିକ ଯାଞ୍ଚ ସୁନିଶ୍ଚିତ କରେ। ବିକାଶଜନିତ ବିସ୍ଥାପନ ଓ ପରବର୍ତ୍ତୀ ଥଇଥାନ ଏବେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି, କିନ୍ତୁ ଆଦିବାସୀ ଜନ ସମୁଦାୟ ଏହାର ଅଧିକ ଜ୍ୱାଳା ଭୋଗୁଛନ୍ତି, କାରଣ ଅଧିକାଂଶ କ୍ଷେତ୍ରରେ ସେମାନେ ଏପରିକି ସେମାନଙ୍କର ମୂଳ ବାସସ୍ଥାନରୁ ବିସ୍ଥାପିତ ହେଉଛନ୍ତି। ଏହାର ଫଳ ସ୍ୱରୂପ, ଆଦିବାସୀ ଜନ ସମୁଦାୟ ବିଶେଷକରି ପୁରୁଷମାନଙ୍କ ତୁଳନାରେ ଆଦିବାସୀ ମହିଳାମାନେ ଅଧିକ ଭୋଗୁଛନ୍ତି। ୱାଲ୍ଟର୍ ଫର୍ଣ୍ଣାଣ୍ଡିସ୍‌ଙ୍କ ମତରେ ଏହା ହେଉଛି ସେମାନେ ନିଜର ପରିବାର ଚଳାଇବାର ଭୂମିକା ନିର୍ବାହ କରିବା ପାଇଁ ନିର୍ଭର କରୁଥିବା ପ୍ରାକୃତିକ ସମ୍ବଳ ଉପରେ ଏକ ଆକ୍ରମଣ। ପୁରୁଷମାନଙ୍କ ତୁଳନାରେ ମହିଳାମାନେ ଅଧିକ ଆକ୍ରାନ୍ତ ହୋଇଥାନ୍ତି, କାରଣ ଜାଳେଣି, ଗୋଖାଦ୍ୟ ଓ ଜଳ ସଂଗ୍ରହ କାର୍ଯ୍ୟରେ ସେଇମାନେ ହିଁ ଅଧିକ ସମ୍ପୃକ୍ତ ହୋଇଥାନ୍ତି (ଫର୍ଣ୍ଣାଣ୍ଡିସ୍, ୨୦୦୬)। ସର୍ଦ୍ଦାର ସରୋବର ପ୍ରକଳ୍ପରେ ବିସ୍ଥାପିତମାନଙ୍କ ମଧ୍ୟରେ ଦୁଇଟି ଜନଜାତି ଭିଲ୍ ଓ ବାସବମାନେ ଅନ୍ତର୍ଭୁକ୍ତ। ଭିଲ୍‌ମାନେ ଅଞ୍ଜନବରା ଅଞ୍ଚଳର ଓ ସେମାନେ ମୂଳତଃ ଚାଷୀ ଏବଂ ସେମାନଙ୍କ ସମାଜରେ ଜମି ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା। ଆହୁରି ମଧ୍ୟ କାହାର କେତେ ଅଧିକ ସଂଖ୍ୟକ ଗୋରୁ ଅଛନ୍ତି, ସେଥିରୁ ଲୋକମାନଙ୍କ ସମ୍ପତ୍ତିର ପରିମାଣ ଜଣା ପଡୁଥିଲା। ଲୋକମାନେ ସେମାନଙ୍କ ଜମିବାଡ଼ି କାମରେ ପରସ୍ପରକୁ ସାହାଯ୍ୟ କରୁଥିଲେ ଓ ଅନ୍ୟ ଗ୍ରାମ ସହିତ ଦୃଢ଼ ସମ୍ପର୍କ ପାଇଁ ଗ୍ରାମ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା। ସେମାନେ ଜଙ୍ଗଲ ଓ ନଦୀ ମଧ୍ୟସ୍ଥ ଅଞ୍ଚଳରେ ରହୁଥିଲେ ଯେଉଁଠାରୁ କି ସେମାନେ ସବୁକିଛି ପାଇ ପାରୁଥିଲେ। ତେଣୁ ଲୋକମାନେ କେବଳ ପାନୀୟ ଜଳ ସାଇତି ରଖୁଥିଲେ ଓ ଅନ୍ୟ ସବୁ କାମ ପାଇଁ ନଦୀ କୂଳକୁ ଚାଲି ଯାଉଥିଲେ। ବାସବମାନେ ମାପାଲ୍ଲି ଗ୍ରାମରେ ରହୁଥିଲେ। ସେମାନେ ମୂଳତଃ କୃଷକ ଥିଲେ ଯେଉଁମାନେ କି ଫସଲ ଉତ୍ପାଦନ କରିବା ସହ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରୁଥିଲେ।

ସେମାନଙ୍କ ଅର୍ଥନୀତି ମୁଖ୍ୟତଃ ଆତ୍ମନିର୍ଭରଶୀଳ ଅର୍ଥନୀତି ଥିଲା, ସେମାନେ କେବଳ ବସ୍ତ୍ର କ୍ରୟ କରୁଥିଲେ। ବାସବମାନେ ଏବେବି ମାପାଲ୍ଲି ଗ୍ରାମକୁ ସେମାନଙ୍କ ମାତୃଭୂମି ବୋଲି ଭାବୁଛନ୍ତି। କିନ୍ତୁ ନିଜ ପୈତୃକ ସ୍ଥାନରୁ ବିସ୍ଥାପିତ ହେବା ପରେ ଆଦିବାସୀମାନେ ଅନେକ ସମସ୍ୟାର ଶିକାର ହେଲେ। ବିସ୍ଥାପିତ ହେବା ପରେ ସେମାନଙ୍କୁ ରହିବା ପାଇଁ ଭୂମି ଦିଆଗଲା, କିନ୍ତୁ ଚାରଣ ଭୂମି ଦିଆଗଲା ନାହିଁ। ତେଣୁ ସେମାନଙ୍କୁ ନିଜ ଗୋରୁଗାଈ ଓ କୁକୁଡ଼ା ଆଦି ବିକ୍ରି କରିବାକୁ ପଡ଼ିଲା। ଅଧିକନ୍ତୁ, ସେମାନେ ବାସଚ୍ୟୁତ ହେବା କାରଣରୁ ନିଜ ନିଜ ପୁଅଝିଅଙ୍କ ବିବାହ ପାଇଁ ପାତ୍ରପାତ୍ରୀ ଯୋଗାଡ଼ କରିବାରେ ଅସୁବିଧା ଭୋଗିଲେ। ତେଣୁ ପୁରୁଷମାନଙ୍କୁ ଅଧିକ ଦୂର ବାଟ ଯିବାକୁ ପଡ଼ିଲା। କିନ୍ତୁ ମହିଳାମାନେ ନିଜ ନିଜ ଘର ଭିତରେ ଆବଦ୍ଧ ହୋଇ ରହିବାକୁ ବାଧ୍ୟ ହେଲେ। ପୂର୍ବରୁ ବାସବ ମହିଳାମାନେ ସେମାନଙ୍କ ବାପଘର ସହିତ ଅଧିକ ଘନିଷ୍ଠ ସମ୍ପର୍କରେ ଥିଲେ। ତେଣୁ ଏହିପରି ଭାବରେ ସାମାଜିକ ଓ କୁଟୁମ୍ବ ସମ୍ପର୍କ ଶୈଳୀରେ ପରିବର୍ତ୍ତନ ଆସିଲା। ଆହୁରି ମଧ୍ୟ ମହିଳାମାନେ ଦୂରଦୂରାନ୍ତରେ ଥିବା ସେମାନଙ୍କ ବାପଘରକୁ ଯାଇ ପାରିଲେ ନାହିଁ ଓ ଏହା ପୁରୁଷ ଓ ମହିଳାମାନଙ୍କ ପାଇଁ ଭିନ୍ନ ଭିନ୍ନ ଫଳାଫଳ ସୃଷ୍ଟି କଲା। ପୂର୍ବରୁ ସେମାନେ ଜଙ୍ଗଲ ଭିତରେ ରହୁଥିଲେ। ତେଣୁ ଜାଳେଣି, ଗୋଖାଦ୍ୟ ଓ ଜଳ ସଂଗ୍ରହ କରିବା ମହିଳାମାନଙ୍କ ପାଇଁ ସହଜ ହେଉଥିଲା। କିନ୍ତୁ ଏବେ ମହିଳାମାନଙ୍କୁ ବହୁତ ବାଟ ଯିବାକୁ ପଡୁଛି। ସେହିପରି ମହିଳାମାନଙ୍କ କାର୍ଯ୍ୟ କରିବାର ପରିବେଶ ମଧ୍ୟ ଖରାପ ହେଲା। ବିସ୍ଥାପନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ମହିଳାମାନଙ୍କର ବ୍ୟକ୍ତିଗତ ଗୋପନୀୟତା ନଷ୍ଟ ହେଲା। ପୂର୍ବରୁ ସେମାନେ ପାହାଡ଼ରେ ମଳତ୍ୟାଗ କରୁଥିଲେ। କିନ୍ତୁ ବିସ୍ଥାପନ ଯୋଗୁଁ ଏହି ମହିଳାମାନେ ଶୌଚାଳୟ ନଥିବାରୁ ସମତଳ ଅଞ୍ଚଳରେ ମଳତ୍ୟାଗ କଲେ। ଆହୁରି ମଧ୍ୟ ବାସବମାନେ ଜାତି ବିଭାଗର ସବୁଠୁ ତଳେ ରହିଲେ। ତେଣୁ ଜାତି ଓ ଲିଙ୍ଗର ଏହି ବିଭେଦ ଫଳରେ ମହିଳାମାନେ ଅଧିକ ଉପେକ୍ଷିତ ହେଲେ (ବାଭିସ୍କର ଓ ହାକିମ୍, ୧୯୯୭)। ତେଣୁ ବିସ୍ଥାପନର ଲିଙ୍ଗଭିତ୍ତିକ ନୀତିର ଆବଶ୍ୟକତା ସୃଷ୍ଟି ହେଲା। ଆଦିବାସୀଙ୍କ ଉପରେ ଏଭଳି ନକାରାତ୍ମକ ପ୍ରଭାବ ଭାରତର ବିକାଶମୂଳକ ନୀତିର ବିଫଳତା ଯୋଗୁଁ ପଡ଼ିଛି। ତେଣୁ ଆଦିବାସୀ ଲୋକଙ୍କୁ ସାମାଜିକ ବାସନ୍ଦ ଓ ଅଧିକ ଉପେକ୍ଷା ପାଇଁ ଭାରତର ବିକାଶମୂଳକ ନୀତି ଛଡ଼ା ଅନ୍ୟ କିଛି ଦାୟୀ ନୁହେଁ। ସମସ୍ତ ସମ୍ପ୍ରଦାୟ ମଧ୍ୟରୁ ଆଦିବାସୀ ଲୋକମାନେ ସର୍ବାଧିକ ଉପେକ୍ଷିତ ହୋଇ ରହିଛନ୍ତି। ଯଦିଓ ସେମାନଙ୍କ ବିକାଶ ପାଇଁ ଅନେକ ନ୍ୟାୟିକ ବ୍ୟବସ୍ଥା ରହିଛି, ତଥାପି ସେମାନେ ଉପେକ୍ଷିତ ହୋଇ ରହିଛନ୍ତି। ଅନ୍ୟ ଶବ୍ଦରେ, ଆଦିବାସୀ ଲୋକଙ୍କୁ ସୁନିଶ୍ଚିତ କରାଯାଇଥିବା ଅଧିକାରର ବ୍ୟାପକ ଉଲ୍ଲଙ୍ଘନ କରାଯାଉଛି ଯାହା କି ସାମାଜିକ ଅନ୍ୟାୟ ସୃଷ୍ଟି କରୁଛି। ଆଦିବାସୀ ଲୋକମାନେ କେବଳ ଗୁରୁତର ସାମାଜିକ-ଅର୍ଥନୈତିକ ଉପକ୍ଷୋର ଶିକାର ହେଉ ନାହାନ୍ତି, ବରଂ ସେମାନଙ୍କ ଜୀବନଶୈଳୀ ସହ ଜଡ଼ିତ ହୋଇ ରହିଥିବା ସ୍ୱତନ୍ତ୍ର ସଂସ୍କୃତି ଓ ପରିଚୟକୁ ମଧ୍ୟ ହେୟଜ୍ଞାନ କରାଯାଉଛି (ପ୍ରକାଶ, ୨୦୦୯)। ରାଷ୍ଟ୍ରର ଯେ କୌଣସି ସଦସ୍ୟଙ୍କ ସହିତ ଆଦିବାସୀମାନଙ୍କର ମଧ୍ୟ ସମାନ ଅଧିକାର ରହିଛି। କିନ୍ତୁ ଏହି ଅଧିକାରଗୁଡ଼ିକ ଉପଭୋଗ କରିବା କ୍ଷେତ୍ରରେ ଅନ୍ୟମାନଙ୍କ ତୁଳନାରେ ଆଦିବାସୀମାନଙ୍କ ସ୍ଥିତି ଅତ୍ୟନ୍ତ ଅବହେଳିତ। ଆଦିବାସୀମାନେ ମୁଖ୍ୟତଃ ଅର୍ଥନେତିକ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଏଭଳି ଅସୁବିଧାଜନକ ପରିସ୍ଥିତି ଯୋଗୁଁ ସଢୁଛନ୍ତି।

ଏହିଭଳି ଭାବେ, ସାମାଜିକ-ଅର୍ଥନେତିକ ବିକାଶର ଅଧିକାର ସହିତ ସାମାଜିକ- ସାଂସ୍କୃତିକ ସ୍ୱତନ୍ତ୍ରତାର ସୁରକ୍ଷା ପାଇଁ ଆଦିବାସୀମାନଙ୍କ ଅଧିକାର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଭାରତ ସରକାରଙ୍କ ଦ୍ୱାରା ଅନୁସୃତ ବିକାଶ ପ୍ରକ୍ରିୟାରେ ଏହି ଶକ୍ତିଶାଳୀ ଅଧିକାର ଉପରେ ପ୍ରଶ୍ନ ଚିହ୍ନ ଲାଗିଛି, ଯାହା ଫଳରେ ତିଷ୍ଠିବା ପାଇଁ ମୂଳଚାଳ କରିବାର ପରିସ୍ଥିତି ସୃଷ୍ଟି ହୋଇଛି। ଏହିଭଳି ଭାବେ ବିକାଶ ଓ ଅସ୍ମିତାର ରାଜନୀତି ସୃଷ୍ଟି ହେଲା। ସ୍ୱାଧୀନତା ପରବର୍ତ୍ତୀ କାଳରେ ବି ଆଦିବାସୀମାନଙ୍କ ପାଇଁ କାର୍ଯ୍ୟକାରୀ ସାମାଜିକ-ଅର୍ଥନେତିକ ଅଧିକାରକୁ ଅସ୍ୱୀକାର ଓ ଜଙ୍ଗଲ ଅଧିକାର ଆଇନକୁ ହଟାଇ ନିଆଯିବା ଦେଖାଗଲା। ବାସ୍ତବରେ ରାଷ୍ଟ୍ର ହିଁ ଆଦିବାସୀମାନଙ୍କ ବିସ୍ଥାପନ ଓ ମୂଳରୁ ବିଚ୍ଛିନ୍ନ ହେବାର ପ୍ରମୁଖ କାରଣ ପାଲଟିଛି। ସମାନତା ପ୍ରତିଷ୍ଠା ଓ ସାମାଜିକ ବାସନ୍ଦ ଦୂର କରିବା ରାଷ୍ଟ୍ରର ଦାୟିତ୍ୱ ହୋଇଥିବା ବେଳେ ଏହାର ନୀତି ଓ କାର୍ଯ୍ୟକ୍ରମରୁ ଏହାକୁ ବାଦ୍ ଦିଆଯାଇଛି। ବୃହତ୍ ଶିଳ୍ପ ପ୍ରତିଷ୍ଠା, ଖଣିଜ ସମ୍ପଳର ଶୋଷଣ, ନଦୀବନ୍ଧ ଓ ଶକ୍ତି ପ୍ରକଳ୍ପ ନିର୍ମାଣ ଅଧିକରୁ ଅଧିକ ସଂଖ୍ୟକ ଆଦିବାସୀମାନଙ୍କୁ ଭୂମିହୀନ, ବେକାର ଓ ବାସହୀନ କରିବା ସହ ଆଦିବାସୀଙ୍କ ଜମିକୁ ଅଣ-ଆଦିବାସୀଙ୍କ ହାତକୁ ଯିବାରେ ସହାୟକ ହୋଇଛି (ଜାକ୍ସା, ୨୦୦୮)। ଉପରେ ବର୍ଣ୍ଣିତ ବିକାଶ ଏକ ପୌରାଣିକ ଲୋକକଥା ଭଳି, କାରଣ ବାସ୍ତବ ବିକାଶରେ ଆତ୍ମବିକାଶ ପାଇଁ ସମୂହର ସମ୍ପୃକ୍ତି ଆବଶ୍ୟକ କରିଥାଏ, ସେମାନଙ୍କ ଆବଶ୍ୟକତା ପ୍ରତି ପ୍ରାଥମିକତା ଦିଏ, ସେମାନଙ୍କ ନିଜସ୍ୱ ସମସ୍ୟା ସମାଧାନ କରେ ଓ ସେମାନଙ୍କର ଆବଶ୍ୟକତା ପୂରଣ ପାଇଁ ନିଜସ୍ୱ ସମ୍ପଳର ବିକାଶ କରିଥାଏ। ତେଣୁ, ବିକାଶର ରୂପରେଖ ଏଭଳି ହେବା ଉଚିତ ଯେପରିକି ପ୍ରତ୍ୟେକ ବ୍ୟକ୍ତି ତଥା ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ହୋଇ ପାରିବ। ଆଦିବାସୀଙ୍କ ବିକାଶ ସହ ଜଡ଼ିତ ଅନେକ ସମସ୍ୟା ଯଥା ବିସ୍ଥାପନ, ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ ଓ ଶରୀର ରକ୍ଷା, ଜନ୍ମମାଟିରୁ ବିଚ୍ଛିନ୍ନତା, ଋଣଭାର ଆଦି ବାସ୍ତବରେ ଅର୍ଥନୀତି-କୈନ୍ଦ୍ରିକ ବିକାଶ ନୀତି ଯୋଗୁଁ ସୃଷ୍ଟି ହୋଇଥାଏ। ମାନବ-ପ୍ରକୃତି-ସମାଜ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ଭାବନାଠାରୁ ଦୂରେଇ ଯିବା ହେଉଛି ଆଧୁନିକୀକରଣ ମଡେଲ୍‌ର ସବୁଠୁ ବଡ଼ ବିଫଳତା। ତେଣୁ ଅର୍ଥନୀତି-କୈନ୍ଦ୍ରିକତା ଓ ଉପଭୋକ୍ତାବାଦ ଉପରେ ଏହାର ଅତ୍ୟଧିକ ଗୁରୁତର ଫଳାଫଳ ହେଉଛି ବିଚ୍ଛିନ୍ନତା ଓ ବିକାଶର ବିପରୀତ ଗତି। ତେଣୁ 'କେନ୍ଦ୍ର' ଓ 'ପରିଧି' ହେଉଛି ଆଦିବାସୀ ଓ ମୁଖ୍ୟସ୍ରୋତର ସମାଜ ପ୍ରତି ଉପେକ୍ଷାକୁ ବୁଝିବାର ପ୍ରମୁଖ ଚିନ୍ତାଧାରା।

## ୩.୭: ବିଷୟ ସାରାଂଶ

ବିକାଶ ଓ ଉପେକ୍ଷା ମଧ୍ୟରେ ଏକ ଅଦ୍ଭୁତ ସମ୍ପର୍କ ରହିଛି। ପ୍ରକୃତରେ କାର୍ଯ୍ୟକାରୀ ହେଉଥିବା ବିକାଶ କାର୍ଯ୍ୟକ୍ରମ ବା ନୀତିର ସ୍ୱରୂପ ହିଁ ବିଭେଦ ସୃଷ୍ଟି କରିଥାଏ। ଯଦି ତୃଣମୂଳ ସ୍ତରର ବାସ୍ତବତା ଉପରେ ଧାରଣା ନଥାଇ କୌଣସି ବିକାଶ କାର୍ଯ୍ୟକ୍ରମ ବା ନୀତି ପ୍ରଣୟନ କରାଯାଏ, ତେବେ ସେଥିରୁ ଆଶାନୁରୂପ ଫଳାଫଳ ମିଳି ନଥାଏ ଓ ଏହା ଉଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନଥାଏ। ତେବେ, ଆଞ୍ଚଳିକ ବୈଷମ୍ୟକୁ ଚିନ୍ତା କରି ଯଦି କୌଣସି ବିକାଶ କାର୍ଯ୍ୟକ୍ରମ ବା ନୀତି ପ୍ରଣୟନ କରାଯାଏ, ତା'ହେଲେ ବିକାଶ ନୀତିଗୁଡ଼ିକ ଭଲ ହୋଇଥାଏ। ଏଭଳି ଏକ ବିକାଶ ନୀତି ଯୋଗୁଁ କେହି ଉପେକ୍ଷିତ ହୋଇ ନଥାନ୍ତି।

ସେହିପରି ବିକାଶ ନୀତି ମଧ୍ୟ ଏହାର ପ୍ରକୃତ ଅର୍ଥରେ ସର୍ବଜନ ବା ସମୂହ-ସମ୍ପୃକ୍ତି ଆଧାରିତ ହେବା ଉଚିତ, ଏପରି ହେଲେ ବିକାଶ ଓ ଉପେକ୍ଷା ମଧ୍ୟରେ ଏକ ସକାରାତ୍ମକ ଘନିଷ୍ଠତା ପରିଲକ୍ଷିତ ହେବ।

## ୩.୮: ଆସ ପ୍ରଗତି ମାପିବା

୧. ବିକାଶର ଉର୍ଦ୍ଧ୍ୱରୁ-ନିମ୍ନ ମଡେଲ୍‌ଗୁଡ଼ିକ ଉପେକ୍ଷା ପାଇଁ ଦାୟୀ କି ?

----------------------------------------------------------------

----------------------------------------------------------------

-------------------------------

୨. ଭାରତରେ ଗଣମାଧ୍ୟମ ଆଦିବାସୀ ପ୍ରସଙ୍ଗଙ୍କୁ କିପରି ପ୍ରକାଶ କରିଛି ?

----------------------------------------------------------------

----------------------------------------------------------------

-------------------------------

୩. ତୁମ ସ୍ଥାନ/ରାଜ୍ୟ/ଅଞ୍ଚଳରେ ଉପେକ୍ଷିତ ଗୋଷ୍ଠୀଗୁଡ଼ିକର ସାଧାରଣ ସସମ୍ୟାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର।

----------------------------------------------------------------

----------------------------------------------------------------

-------------------------------

# ୟୁନିଟ୍- ୪: ଜାତି ପ୍ରଥା ଓ ପରିଚୟ


୪.୦: ବିଷୟର ଗଠନ

୪.୧: ପଠନର ଉଦ୍ଦେଶ୍ୟ

୪.୨: ବିଷୟ ପରିଚୟ

୪.୩: ସାମାଜିକ ବର୍ଗୀକରଣ

୪.୪: ଜାତିକୁ ବୁଝିବା

୪.୫: ଜାତି ପ୍ରଥା

୪.୬: ବିଷୟ ସାରାଂଶ

୪.୭: ଆସ ପ୍ରଗତି ମାପିବା


## ୪.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ତୁମ ମଧ୍ୟରେ ଜାତିର ରୂପରେଖ ସମ୍ପର୍କିତ ଧାରଣା ସୃଷ୍ଟି କରିବାରେ ସହାୟକ ହୋଇ ଭାରତୀୟ ସମାଜକୁ ଭଲ ଭାବେ ବୁଝିବାରେ ଅଧିକ ସାହାଯ୍ୟ କରିବ। ଏହି ବିଷୟ ସାହାଯ୍ୟରେ ତୁମେ ଜାତି ଓ ପରିଚୟ ମଧ୍ୟରେ ଥିବା ବିନ୍ଦୁଗୁଡ଼ିକୁ ଯୋଡ଼ିବାରେ ଏବଂ ଭାରତୀୟ ସମାଜର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସଂରଚନାକୁ ବୁଝିବାରେ ସମର୍ଥ ହେବ।

## ୩.୨: ବିଷୟ ପରିଚୟ

ସମାଜ ବିଜ୍ଞାନର ପ୍ରମୁଖ ତତ୍ତ୍ୱଗୁଡ଼ିକ ମଧ୍ୟରୁ ସମାଜରେ ଥିବା ଅସମାନତାଗୁଡ଼ିକର ଅନୁଧ୍ୟାନ ଅନ୍ୟତମ ପ୍ରମୁଖ ତତ୍ତ୍ୱ ଭାବେ ସବୁବେଳେ ଗୁରୁତ୍ୱ ବହନ କରି ଆସିଛି। ଏହି ୟୁନିଟ୍‌ରେ ତୁମେ ଜାତିର ଭାବାର୍ଥକୁ ଏକ ଧାରଣା ଓ ଅନୁଷ୍ଠାନ ରୂପରେ ତଥା ଏଥି ସହିତ ଜଡ଼ିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱଗୁଡ଼ିକ ସମ୍ପର୍କରେ ପଢ଼ିବ। ସାମାଜିକ ବର୍ଗୀକରଣର ବିଭିନ୍ନ ରୂପ ଏକ ବିଶ୍ୱବ୍ୟାପି ପ୍ରକ୍ରିୟା। ତେବେ ଭାରତରେ ସାମାଜିକ ବର୍ଗୀକରଣର ପାରମ୍ପରିକ ଶୈଳୀ ଏହାର ଜଟିଳତା ଓ ସ୍ୱତନ୍ତ୍ରତା ପାଇଁ ଅନେକ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି। ଜାତି ପ୍ରଥା ଉପରେ ଜ୍ଞାନ ହିଁ ସମସାମୟିକ ହିନ୍ଦୁ ସମାଜକୁ ବୁଝିବାରେ ଏବଂ ପ୍ରଚଳିତ ଥିବା ସମାଜ ଉପରେ ଅନ୍ତର୍ଦୃଷ୍ଟି ପକାଇବାରେ ସହାୟକ ହୁଏ। ଭାରତରେ କିପରି ଜଣକର ପରିଚୟ ସୃଷ୍ଟି ପାଇଁ ଜାତି ଏକ ମହତ୍ୱପୂର୍ଣ୍ଣ ଭିତ୍ତିଭୂମି ପାଲଟେ ଏବଂ ଜଣକର ଜୀବନର ସୁଯୋଗ ତଥା ସାମାଜିକ ସ୍ଥିତିର ପ୍ରମୁଖ ସୂଚକ ସାଜେ, ସେ ସମ୍ପର୍କରେ ମଧ୍ୟ ତୁମେ ଜାଣିବ। ପୂର୍ବ ବିଷୟଗୁଡ଼ିକରେ ତୁମେ ଉପେକ୍ଷାର ବିଭିନ୍ନ ତତ୍ତ୍ୱ ଉପରେ ନିଶ୍ଚିତ ପଢ଼ିଥିବ, ଏସବୁ ପରେ ଜାତି ପ୍ରଥା କିପରି ଲଦି ଦିଆଯାଇଥିବା ପରିଚୟ ଆଧାରରେ କିଛି ନିର୍ଦ୍ଦିଷ୍ଟ ଜନ ଗୋଷ୍ଠୀକୁ ଉପେକ୍ଷାର ଶିକାର କରିଦିଏ, ତାହା ପାଠ କରିବା ଅତ୍ୟନ୍ତ ଜରୁରୀ।

## ୪.୩: ସାମାଜିକ ବର୍ଗୀକରଣ

ଅକ୍ସଫୋର୍ଡ୍‌ର ସମାଜ ବିଜ୍ଞାନ ଅଭିଧାନ ଅନୁଯାୟୀ ଷ୍ଟ୍ରାଟିଫିକେସନ୍ ବା ବର୍ଗୀକରଣ 'ସାଧାରଣତଃ ସାଙ୍ଗଠନିକ ସାମାଜିକ ବୈଷମ୍ୟ ଅର୍ଥାତ୍ ସାମାଜିକ ପ୍ରକ୍ରିୟା ଓ ସମ୍ପର୍କଜନିତ ଅନିଚ୍ଛାକୃତ ଫଳ ରୂପେ ବିଭିନ୍ନ ଜନଗୋଷ୍ଠୀ ମଧ୍ୟରେ ସୃଷ୍ଟି ହେଉଥିବା କୌଣସି ବ୍ୟବସ୍ଥିତ ବୈଷମ୍ୟର ଅନୁଧ୍ୟାନ ପାଇଁ ପ୍ରଯୁଜ୍ୟ' (ସ୍କଟ୍ ଓ ମାର୍ଶାଲ୍, ୨୦୦୯, ୭୩୫)। ମାନବ ସମାଜରେ ବିଭିନ୍ନ ବ୍ୟକ୍ତିବିଶେଷ ତଥା ଜନଗୋଷ୍ଠୀ ସାମାଜିକ ବ୍ୟବସ୍ଥା ଭିତରେ ନିଜର ଅଧିକୃତ ପ୍ରତିପତ୍ତି ଅନୁଯାୟୀ ପାଉଥିବା ପାରିଶ୍ରମିକ ଓ ସମ୍ମାନ ମଧ୍ୟରେ ରହିଥିବା ବୈଷମ୍ୟର ବର୍ଣ୍ଣନା କରିବା ପାଇଁ ସମାଜ ବିଜ୍ଞାନୀମାନେ ପ୍ରଥମେ ଷ୍ଟ୍ରାଟିଫିକେସନ୍ ବା ବର୍ଗୀକରଣ ପଦଟିକୁ ବ୍ୟବହାର କରିଥିଲେ (ଗିଡେନ୍‌ସ, ୨୦୦୯)। ଅନେକ ସମାଜରେ ସାମାଜିକ ସ୍ତର ନିର୍ଦ୍ଧାରଣ ଓ ବିଭେଦ ସୃଷ୍ଟି ପଛର କେତେକ ପ୍ରମୁଖ କାରଣ ହେଲା ଜାତି, ଶ୍ରେଣୀ, ବର୍ଣ୍ଣ, ବଂଶ ଓ ଲିଙ୍ଗ।

## ୪.୪: ଜାତିକୁ ବୁଝିବା

ସମାଜ ବିଜ୍ଞାନର ସବୁଠାରୁ ଅଧିକ ଚର୍ଚ୍ଚିତ ଓ ବିତର୍କିତ ତତ୍ୱ ହେଉଛି 'ଜାତି'। ଏହି ଶବ୍ଦଟି ପର୍ତ୍ତୁଗୀଜ୍ ଶବ୍ଦ 'କାଷ୍ଟା'ରୁ ଆସିଛି ଯାହାର ଅର୍ଥ ହେଉଛି 'ଶୁଦ୍ଧ ପ୍ରଜାତି'। କେତେବେଳେ ଏହା କ୍ଷୁଦ୍ର ଅର୍ଥାତ୍ ସ୍ଥାନୀୟ ଜନଗୋଷ୍ଠୀକୁ ସୂଚାଏ ତ ଆଉ କେତେବେଳେ ଏହି ସମାନ ଶବ୍ଦଟି ଏଭଳି ଗୋଷ୍ଠୀ ସମୂହକୁ ବୁଝାଇବା ପାଇଁ ବ୍ୟବହୃତ ହୋଇଥାଏ। ବେଟେଇଲ୍ଲେଙ୍କ ମତରେ ଜାତିର ସଂଜ୍ଞା ହେଲା 'ଶୁଦ୍ଧତା ଓ ଅଶୁଦ୍ଧତାର ଧାରଣାକୁ ଆଧାର କରି ବୈବାହିକ ସମ୍ବନ୍ଧ ସ୍ଥାପନ, ବଂଶଗତ ସଦସ୍ୟତା ଏବଂ ପରମ୍ପରା ତଥା ନିର୍ଦ୍ଦିଷ୍ଟ କର୍ମ/ବୃତ୍ତି ଆଧାରରେ ନିର୍ଦ୍ଦିଷ୍ଟ ଜୀବନଶୈଳୀ ଅନୁସରଣ ଓ ସାଧାରଣତଃ ଉପରୁ ତଳକୁ ଗଡ଼ି ଆସିଥିବା ବ୍ୟବସ୍ଥା ସହ ସମ୍ପୃକ୍ତ ସ୍ୱତନ୍ତ୍ର ଧାର୍ମିକ ବିଧିକୁ ପାଳନ କରୁଥିବା ଏକ କ୍ଷୁଦ୍ର ଓ ନାମିତ ଜନଗୋଷ୍ଠୀ' (ବେଟେଇଲ୍ଲେ, ୧୯୯୬, ୪୬)।

ଭାରତରେ ଜାତି ଏକ ବ୍ୟାପକ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୂଚାଏ। ସଂସ୍କୃତରେ ଏଥିପାଇଁ ଦୁଇଟି ଶବ୍ଦ ବର୍ଣ୍ଣ ଓ ଜାତି ରହିଛି। ବର୍ଣ୍ଣର ଅର୍ଥ ରଙ୍ଗ ଯାହା ହିନ୍ଦୁ ସମାଜରେ ସମାଜ ବ୍ୟବସ୍ଥାର ୪ଟି ଭାଗ ଯଥା :- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କୁ ବୁଝାଏ। ଏହି ଧାରଣାଟି ସଙ୍ଗଠନରୁ ଜାତିହୀନ ବା ଅସ୍ପୃଶ୍ୟମାନଙ୍କୁ ବାଦ୍ ଦେଇଥାଏ, କାରଣ ସେମାନଙ୍କୁ ଅଶୁଦ୍ଧ ବା ଦୂଷିତ ବୋଲି ଧରି ନିଆଯାଏ। ଅନ୍ୟ ପକ୍ଷରେ ଜାତି ହେଉଛି ଏକ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରଜାତି ବା ପ୍ରକାର ଏବଂ ଭାରତରେ ଜାତି ବ୍ୟବସ୍ଥାକୁ ସୂଚାଇବା ପାଇଁ ଏହାକୁ ସାଧାରଣତଃ ବ୍ୟବହାର କରାଯାଇଥାଏ।

ବର୍ଣ୍ଣ ଓ ଜାତିର ଧାରଣା ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିଦ୍ୱାନମାନଙ୍କ ମଧ୍ୟରେ ଅନେକ ବିତର୍କ ହୋଇ ଆସିଛି। ଏମ୍. ଏନ୍. ଶ୍ରୀନିବାସ ତାଙ୍କର ନିବନ୍ଧ 'ବର୍ଣ୍ଣ ଆଣ୍ଡ କାଷ୍ଟ୍'ରେ ବର୍ଣ୍ଣ ଓ ଜାତି ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟକୁ ଦର୍ଶାଇବା ପାଇଁ ଉଦ୍ୟମ କରିଛନ୍ତି। ତାଙ୍କ ମତରେ ବର୍ଣ୍ଣ ସମ୍ପର୍କରେ ସାଧାରଣ ଲୋକର ଧାରଣା ହେଉଛି, ହିନ୍ଦୁ କର୍ମ ବ୍ୟବସ୍ଥାର ୪ଟି ବ୍ୟବସ୍ଥାରେ ବିଭକ୍ତିକରଣ। ତାଙ୍କ ମତରେ ବର୍ଣ୍ଣ ବ୍ୟବସ୍ଥାଟି ସମାଜର ବୃହତ୍ ବିଭାଗଗୁଡ଼ିକୁ ସୂଚୀତ କରେ ଏବଂ ସମାଜ ତଥା ଏହାର ସଙ୍ଗଠନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ

ରହିଥିବା ଅନ୍ୟ କାର୍ଯ୍ୟକାରୀ ଶାଖାଗୁଡ଼ିକୁ ଅଣଦେଖା କରିଥାଏ। ବର୍ଣ୍ଣ ଦ୍ୱାରା ସୃଷ୍ଟି ହେଉଥିବା ଛବି ମଧ୍ୟ ଅସ୍ପଷ୍ଟ। ଜାତି ବ୍ୟବସ୍ଥାକୁ ଭଲ ଭାବରେ ବୁଝିବା ପାଇଁ ଜଣଙ୍କୁ ବର୍ଣ୍ଣଠାରୁ ଆଗକୁ ଦୃଷ୍ଟି ପକାଇବାକୁ ପଡ଼ିବ। ବ୍ରାହ୍ମଣମାନେ ଶ୍ରେଷ୍ଠ ସ୍ଥାନରେ ଓ ଅସ୍ପୃଶ୍ୟମାନେ ସବା ତଳେ ରହିଥିବା ଧାରଣାର ବିପରୀତ ଭାବେ ସ୍ଥାନୀୟ ସାମାଜିକ ବ୍ୟବସ୍ଥାରେ ପ୍ରତ୍ୟେକ ଜାତି ଭୋଗ କରୁଥିବା ସାମାଜିକ ସ୍ଥିତି ଆଞ୍ଚଳିକ ଭାବରେ ଭିନ୍ନ ହୋଇପାରେ। ତେଣୁ ବର୍ଣ୍ଣର ୪ସ୍ତରୀୟ ବିଭାଜନ ଭାରତର ସର୍ବତ୍ର ପ୍ରଚଳିତ ଥିବାବେଳେ ଜାତିଗତ ଉଚ୍ଚ-ନୀଚ ବ୍ୟବସ୍ଥାରେ ଅଧିକ ସ୍ଥାନୀୟ ବିବିଧତା ରହିପାରେ ଓ ଏହା ଆଞ୍ଚଳିକ ଭାବେ ଅଲଗା ହୋଇପାରେ।

## ୪.୪: ଜାତି ପ୍ରଥା

ଭାରତରେ ଜାତି ପ୍ରଥାର କାର୍ଯ୍ୟକାରିତା ଅନୁଧ୍ୟାନ ପାଇଁ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ଗବେଷକମାନେ ଆପଣାଇଥିବା ବିଭିନ୍ନ ଉପାୟ ଓ କୌଶଳ ରହିଛି। ତେବେ ଦୁଇ ପ୍ରକାରର ନିୟମାବଳୀ ଦ୍ୱାରା ଜାତି ବ୍ୟବସ୍ଥାକୁ ବୁଝି ହେବ: ଗୋଟିଏ ପାର୍ଥକ୍ୟ ଓ ପୃଥକୀକରଣ ରୂପରେ ଏବଂ ଅନ୍ୟଟି ସମ୍ପୂର୍ଣ୍ଣତା ବା ସାମଗ୍ରିକତା ଏବଂ ସ୍ତରୀକୃତ ବା ଉଚ୍ଚ-ନୀଚ ସ୍ତରଭେଦ ରୂପରେ। ପାର୍ଥକ୍ୟ ଓ ପୃଥକୀକରଣ ବୈବାହିକ ସମ୍ବନ୍ଧ, ପଙ୍କ୍ତି ଭୋଜନ ଓ ଅନ୍ୟ ପ୍ରକାରର ସାମାଜିକ ସମ୍ପର୍କ କ୍ଷେତ୍ରରେ ଜାତି ଜାତି ମଧ୍ୟରେ ଥିବା କଟକଣାକୁ ବୁଝାଏ। ଅନ୍ୟ ପକ୍ଷରେ ସମ୍ପୂର୍ଣ୍ଣତା ଓ ଉଚ୍ଚ-ନୀଚ ସ୍ତର ଭେଦ ଶୁଦ୍ଧତା ଓ ଅଶୁଦ୍ଧତାର ଧାରଣା ଉପରେ ଆଧାରିତ। ଏହି ମତରେ କେତେକ ନିର୍ଦ୍ଦିଷ୍ଟ ଜାତି ବର୍ଗ (ଉଚ୍ଚ ଜାତି)କୁ ନୀତିକାନ୍ତି ଦୃଷ୍ଟିରୁ ଉଚ୍ଚ ଓ ଅନ୍ୟମାନଙ୍କୁ ଅଶୁଦ୍ଧ ବୋଲି ବିବେଚନା କରାଯାଏ। ଉଦାହରଣ ସ୍ୱରୂପ, ବ୍ରାହ୍ମଣମାନେ ସବୁ ପ୍ରକାରର ଧର୍ମୀୟ ରୀତିନୀତିରେ ସାମିଲ ହୋଇଥାନ୍ତି ଏବଂ ଏହା ଫଳରେ ଜାତିଭିତ୍ତିକ ସମାଜରେ ଉଚ୍ଚ ସ୍ଥାନ ଦଖଲ କରିଥାନ୍ତି। ଲୁଇ ଡ୍ୟୁମଣ୍ଟଙ୍କ ନିବନ୍ଧ 'ହାୟରାର୍କି, ଷ୍ଟାଟସ୍ ଆଣ୍ଡ ପାୱାର୍: ଦ କାଷ୍ଟ୍ ସିଷ୍ଟମ୍ ଆଣ୍ଡ ଇଟ୍ସ ଇମ୍ପ୍ଲିକେସନ୍' ଅନୁଯାୟୀ, ଉଚ୍ଚ-ନୀଚ ଧାରଣାଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି। ଉଚ୍ଚ-ନୀଚ ଧାରଣା 'ଶୁଦ୍ଧ' ଓ 'ଅଶୁଦ୍ଧ' ମଧ୍ୟରେ ଥିବା ବିରୋଧ ଭାବକୁ ଦର୍ଶାଏ, ଯାହା ମଧ୍ୟ ପାରସ୍ପରିକ ସଂଘର୍ଷକୁ ଦର୍ଶାଏ। ଏହା ମଧ୍ୟ ଅଧିକାର କରିବା ଓ ଅଧିକୃତ ହେବାର ସମ୍ପର୍କକୁ ଦର୍ଶାଏ। ତାଙ୍କ ମତରେ, ଜାତି ବ୍ୟବସ୍ଥାରେ 'ଅଶୁଦ୍ଧ'ମାନଙ୍କୁ 'ଶୁଦ୍ଧତାର ନୀତିନିୟମ' ଅଧିକାର କରିନିଏ।

| |
|---|
| **ଷ୍ଟିରିଓଟାଇପ୍:** ମୁଖ୍ୟତଃ ଆଦିବାସୀ, ପାରମ୍ପରିକ ଅଧିବାସୀ ଓ ମହିଳାମାନଙ୍କ ପାଇଁ ପ୍ରଯୁଜ୍ୟ। କୌଣସି ଜନଗୋଷ୍ଠୀର ନିର୍ଦ୍ଧାରିତ ଓ ଅନମନୀୟ ଗୁଣାବଳୀଗୁଡ଼ିକୁ ଷ୍ଟିରିଓଟାଇପ୍ କୁହାଯାଏ। |

ନିର୍ଦ୍ଦିଷ୍ଟ କେତେକ ଗୁଣାବଳୀ ଜରିଆରେ ଭାରତୀୟ ଜାତି ପ୍ରଥାର ପ୍ରକୃତିକୁ ବର୍ଣ୍ଣନା କରିବା ଅତ୍ୟନ୍ତ ଜଟିଳ। ତଥାପି ଜି.ଏସ୍. ଘୁରେ୍ୟ ତାଙ୍କର ପୁସ୍ତକ 'କାଷ୍ଟ୍ ଆଣ୍ଡ ରେସ୍ ଇନ୍ ଇଣ୍ଡିଆ'(୧୯୬୯) ରେ ଜାତି ବ୍ୟବସ୍ଥାର ୬ଟି ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ଦର୍ଶାଇଛନ୍ତି। ଘୁରେ୍ୟ ପ୍ରଦାନ କରିଥିବା ଜାତି ପ୍ରଥାର ଗଭୀର ଓ ସ୍ପଷ୍ଟ ବୈଶିଷ୍ଟ୍ୟଗୁଡ଼ିକ ପୂର୍ବ ଭଳି ଏବେ ବି ଏହି ବିଷୟକୁ ପ୍ରାସଙ୍ଗିକ କରି ରଖିଛି।

୧) **ସମାଜର ଅଂଶର ବିଭାଗୀକରଣ:** ଜାତି ପ୍ରଥାରେ ସମାଜ ଅନେକ ଖଣ୍ଡରେ ବିଭକ୍ତ ହୋଇଥାଏ ଯେଉଁ ଖଣ୍ଡଗୁଡ଼ିକ ଭିତରେ ଅନେକ ଉପ-ଖଣ୍ଡ ରହିଥାନ୍ତି। ପ୍ରତ୍ୟେକ ଜାତିର ନିଜସ୍ୱ ପାରମ୍ପରିକ ସାମାଜିକ ସ୍ତର, ଉତ୍ସବ ଅନୁଷ୍ଠାନ, ନୀତି ଓ ନିୟମାବଳୀ ରହିଥାଏ। ଏହି ଗୋଷ୍ଠୀର ସଦସ୍ୟତା ଜନ୍ମ ଆଧାରରେ ନିର୍ଦ୍ଧାରିତ। ତେଣୁ ଗୋଟିଏ ଜାତିରୁ ଅନ୍ୟ ଜାତିକୁ ଯିବା ଅସମ୍ଭବ।

୨) **ଉଚ୍ଚ-ନୀଚ ସ୍ତର:** ଜାତି ଭିତରେ ମାନ୍ୟତା ଓ ସ୍ଥିତିର ଏକ ଉଚ୍ଚ-ନୀଚ କ୍ରମ ରହିଛି। ଏହି କ୍ରମରେ ପ୍ରତ୍ୟେକ ଜାତି ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିଥାଏ। ଯଦିଓ ଏହି ସ୍ଥାନ ଅପରିବର୍ତ୍ତନୀୟ, କେତେକ କ୍ଷେତ୍ରରେ ବିଶେଷ କରି ଭିନ୍ନ ଭିନ୍ନ ଅଞ୍ଚଳରେ ମଧ୍ୟବିତ୍ତ ବର୍ଗଙ୍କ ମଧ୍ୟରେ ଏଥିରେ ସାମାନ୍ୟ ପରିବର୍ତନ ହୋଇପାରେ।

୩) **ଭୋଜନ ଓ ସାମାଜିକ ସମ୍ପର୍କରେ କଟକଣା:** ଖାଦ୍ୟ ଓ ପଙ୍କ୍ତି ଭୋଜନକୁ ନେଇ ଭିନ୍ନ ଭିନ୍ନ ଜାତିର ଲୋକମାନେ କେତେକ ନିର୍ଦ୍ଦିଷ୍ଟ ନୀତି ନିୟମ ଅନୁସରଣ କରିଥାନ୍ତି ଯାହା ବିଭିନ୍ନ ଜାତିର ଲୋକମାନଙ୍କ ସାମାଜିକ ଭାବ ବିନିମୟକୁ ନିୟନ୍ତ୍ରଣ କରିଥାଏ। ବିଶେଷକରି ଉଚ୍ଚ ଜାତି ବର୍ଗ ଅନ୍ତର୍ଗତ କୌଣସି ଜାତିର ଲୋକେ କେଉଁ ଖାଦ୍ୟ ଖାଇବେ ଓ କେଉଁ ଖାଦ୍ୟ ଖାଇବେ ନାହିଁ, ତାହା ସହିତ ଏଗୁଡ଼ିକ ସମ୍ପୃକ୍ତ। ସେହିପରି 'ଛୁଇଁଲେ ଅପବିତ୍ର' ହୋଇଯିବା ଧାରଣାଟି ସମାଜରେ ବ୍ୟାପକ ଭାବେ ପ୍ରଚଳିତ ଅଛି। ସେଥିପାଇଁ ଗୋଟିଏ ଜାତିର ଲୋକଙ୍କୁ ଅନ୍ୟ ଜାତିଠାରୁ ସାମାଜିକ ଦୂରତା ରକ୍ଷା କରିବାକୁ ପଡ଼ିଥାଏ।

୪) **ବିଭିନ୍ନ ବର୍ଗର ଆଇନଗତ ଓ ଧାର୍ମିକ ଭିନ୍ନକ୍ଷମତା ଏବଂ ସୁବିଧା ସୁଯୋଗ:** ବିଶେଷକରି ଗ୍ରାମାଞ୍ଚଳରେ କୌଣସି ଏକ ବା ଏକାଧିକ ଜାତିକୁ ଅଲଗା ରଖିବାର ଆଇନଗତ ସୁବିଧାସୁଯୋଗ ପ୍ରାପ୍ତି ଓ ସେଥିରୁ ବଞ୍ଚିତ କରାଯିବା ଏହାର ଏକ ସୂଚକ ଅଟେ। ସମଗ୍ର ଦେଶରେ ଏହି ବ୍ୟବସ୍ଥା କୌଣସି ନା କୌଣସି ଏକ ସ୍ୱତନ୍ତ୍ର ରୂପରେ ପ୍ରଚଳିତ ଅଛି। ଉଦାହରଣ ସ୍ୱରୂପ, ଅଶୁଦ୍ଧ ରୂପେ ବିବେଚିତ ହେଉଥିବା ନିମ୍ନ ଜାତିର ଲୋକଙ୍କୁ ଏବେ ବି ଅନେକ ସ୍ଥାନରେ ମନ୍ଦିର ଭିତରେ ପ୍ରବେଶ କରିବାର ଅଧିକାର ଦିଆଯାଉ ନାହିଁ।

୫) **ବୃତ୍ତି ଚୟନରେ କଟକଣା:** ଜାତି ପ୍ରଥା ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ଜାତିର ବୃତ୍ତି ପୂର୍ବ ନିର୍ଦ୍ଧାରିତ ହୋଇଥାଏ। ପ୍ରତ୍ୟେକ ଜାତିର ଲୋକେ ଏକ ଜାତିଗତ ବୃତ୍ତି/କାର୍ଯ୍ୟ ସହିତ ପାରମ୍ପରିକ ଭାବେ ଜଡ଼ିତ। ଉଚ୍ଚ ଜାତିର ବୃତ୍ତି ରୂପେ ଚିହ୍ନିତ କୌଣସି ବୃତ୍ତିକୁ ନୀଚ ଜାତିର ଲୋକେ ଚୟନ କରିବା ଉପରେ ସର୍ବଦା କଟକଣା ଲାଗୁ କରାଯାଇଥାଏ। ଦେଶର ଅନେକ ସ୍ଥାନରେ ଏହି ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି।

୬) **ବୈବାହିକ କଟକଣା:** ଜାତି ଗୋଷ୍ଠୀଗୁଡ଼ିକ ଅନ୍ତର୍ବିବାହୀ, ଯାହାର ଅର୍ଥ ହେଉଛି ବୈବାହିକ ବନ୍ଧନଗୁଡ଼ିକ ସେମାନଙ୍କର ଜାତି ଗୋଷ୍ଠୀ ମଧ୍ୟରେ ସୀମିତ ରହିଥାଏ।

**ସଂସ୍କୃତୀକରଣ:** ସଂସ୍କୃତୀକରଣ ଶବ୍ଦଟିକୁ ଏମ୍.ଏନ୍.ଶ୍ରୀନିବାସ ପ୍ରଥମେ ବ୍ୟବହାର କରିଥିଲେ, ଏହା ଏଭଳି ଏକ ପ୍ରକ୍ରିୟାକୁ ବୁଝାଏ ଯେଉଁଥିରେ ଉଚ୍ଚ ଜାତିର ଲୋକମାନଙ୍କ ଧର୍ମୀୟ ରୀତିନୀତି, ଘରୋଇ ଓ ସାମାଜିକ ଅଭ୍ୟାସକୁ ଗ୍ରହଣ କରି ଅନ୍ୟ ଜାତିର (ବିଶେଷକରି ନୀଚ ଜାତି) ଲୋକେ ସେମାନଙ୍କ ସାମାଜିକ ସ୍ଥିତିରେ ଉନ୍ନତି ପାଇଁ ପ୍ରଚେଷ୍ଟା କରନ୍ତି।

**ଜାତି ବ୍ୟବସ୍ଥା ଓ ପରିଚୟ:**

ଜଣେ ବ୍ୟକ୍ତିର ପରିଚୟ ସୃଷ୍ଟିରେ ଜାତିର ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତି ଥାଏ, ଯାହାକି ଜଣକ ଜୀବନର ସୁବିଧାସୁଯୋଗ ଓ ସାମାଜିକ ସ୍ଥିତିର ପ୍ରମୁଖ ସୂଚକ ଭାବେ କାର୍ଯ୍ୟ କରିବା ଜାରି ରଖିଛି। ଏବେ ଆମେ ବୁଝି ସାରିଛନ୍ତି ଯେ ଜାତି ପରିଚୟଟି ପୂର୍ବ ନିର୍ଦ୍ଧାରିତ- ଅର୍ଥାତ୍ ଜଣେ ଏକ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ନେଇଥାଏ।

କେହି ନିଜର ଇଚ୍ଛା ଅନୁଯାୟୀ ଜାତି ବାଛି ପାରିବେ ନାହିଁ ବା ଏହାକୁ ବଦଳାଇ ପାରିବେ ନାହିଁ। ତେବେ, କେତେକ କ୍ଷେତ୍ରରେ ଏହା ସମ୍ଭବ ହୋଇପାରେ, ଯେପରି କି ଜାତିର ନୀତି ନିୟମ ଅନୁସରଣ କରିବାରେ ଅକ୍ଷମତା କାରଣରୁ କେହି ଜାତିରୁ ବହିଷ୍କୃତ ହୋଇ ପାରନ୍ତି। ଜାତି ପ୍ରଥା ଓ ପରିଚୟକୁ ବୁଝିବାକୁ ହେଲେ ପ୍ରାକ୍-ସ୍ୱାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ କାଳର ଜାତି ପ୍ରଥା ସମ୍ପର୍କରେ ଅନୁଧ୍ୟାନ କରିବା ଗୁରୁତ୍ୱପୂର୍ଣ୍ଣ। ଜୋଧକା (୨୦୧୫) ଜାତି ବ୍ୟବସ୍ଥାରେ ୩ଟି ପରିବର୍ତନ ଉପରେ ପ୍ରାଥମିକତା ଦିଅନ୍ତି। 'ନିମ୍ନରୁ' ଅର୍ଥାତ୍ ନୀଚ ଜାତିର ସାମାଜିକ ବିପ୍ଳବରୁ ଆସୁଥିବା ପରିବର୍ତନ, 'ଉଚ୍ଚ'ରୁ ଅର୍ଥାତ୍ ବିଭେଦର ଶିକାର ବ୍ୟକ୍ତିମାନଙ୍କ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ବା ରାଷ୍ଟ୍ରର ନୀତି ବଳରେ ପରିବର୍ତ୍ତନ ଏବଂ 'ପାର୍ଶ୍ୱରୁ' ଅର୍ଥାତ୍ ନୀଚ-ଜାତିର ଲୋକଙ୍କ ମୁକ୍ତି ପାଇଁ ପ୍ରତ୍ୟକ୍ଷ ଭାବେ ଉଦ୍ଦିଷ୍ଟ ନଥିଲେ ବି ପରିଶେଷରେ ସେମାନଙ୍କୁ ପ୍ରଭାବିତ କରୁଥିବା ପରିବର୍ତ୍ତନ। ଅନେକ ଗବେଷକଙ୍କ ମତରେ, ପ୍ରଚଳିତ ଜାତି ପ୍ରଥାଟି ଔପନିବେଶିକ ଶାସନର ଫଳ। ଔପନିବେଶିକ ଶାସନ କାଳରେ ଭାରତର ଅନେକ ସାମାଜିକ ଅନୁଷ୍ଠାନର ବ୍ୟାପକ ପରିବର୍ତନ ହୋଇଥିଲା। ଉପନିବେଶବାଦୀ ଶାସନ କାଳରେ ଜନଗଣନା ଜରିଆରେ ଜାତି ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସଂଗ୍ରହ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଏହି ତଥ୍ୟ ସଂଗ୍ରହରେ ଜାତିଗୁଡ଼ିକର ସାମାଜିକ ଉଚ୍ଚ-ନୀଚ କ୍ରମ ଉପରେ ସୂଚନା ଆବଶ୍ୟକ ପଡ଼ିଲା। ଏହି ଆନୁଷ୍ଠାନିକ ଗଣନା ଏମିତିରେ ନମନୀୟ ଥିବା ଜାତି ବ୍ୟବସ୍ଥାରେ କଡ଼ା ଭେଦଭାବକୁ ସୁଦୃଢ଼ କରିଦେଲା ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ବଞ୍ଚିତ ଜାତିମାନଙ୍କ ପାଇଁ ଔପନିବେଶିକ ସରକାର ମଧ୍ୟ ଅନେକ ସଂସ୍କାର ସମ୍ପର୍କିତ କାର୍ଯ୍ୟ କରିଥିଲେ। ଏସବୁ ସଂସ୍କାର ଭିତରେ ୧୯୩୫ର ଆଇନ ଅନୁସୂଚୀତ ଜାତି (ଏସ୍‌ସି) ଓ ଅନୁସୂଚୀତ ଜନଜାତି (ଏସ୍‌ଟି)ମାନଙ୍କୁ ସ୍ୱୀକୃତି ଦେଲା। ଏହି ପଦକ୍ଷେପ 'ଅସ୍ପୃଶ୍ୟ'ମାନଙ୍କୁ ଅନୁସୂଚୀତ ଜାତି (ଏସ୍‌ସି) ବର୍ଗ ଭିତରକୁ ଆଣିଲା।

| |
|---|
| **ଅସ୍ପୃଶ୍ୟତା:** ଅସ୍ପୃଶ୍ୟତା ହେଉଛି ଭାରତୀୟ ଜାତି ବ୍ୟବସ୍ଥାର ଏକ ଅନ୍ଧାରୀ ଦିଗ ଯେଉଁଥିରେ ଜାତିଭେଦ କ୍ରମରେ ସମାଜର ସର୍ବନିମ୍ନ ସ୍ଥାନରେ ଥିବା ଜାତିର ଲୋକ କିମ୍ବା ଶୁଦ୍ଧ-ଅଶୁଦ୍ଧ ମାପକାଠି ଆଧାରରେ ଜାତି ବ୍ୟବସ୍ଥା ବାହାରେ ଥିବା ଲୋକଙ୍କ ବିରୋଧରେ ଗୁରୁତର ସାମାଜିକ କଟକଣାର ବ୍ୟବସ୍ଥା ଥାଏ। |

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହି ନୀତି ଚାଲୁ ରହିବା ସହ ଏଥିରେ ଆଉ କିଛି ମିଶିବା ଦେଖାଗଲା। ୧୯୯୦ ଦଶକର ଆଦ୍ୟ ଭାଗରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସମ୍ପ୍ରସାରଣ ହେଉଛି ପ୍ରଚଳିତ ନୀତିରେ ଅନ୍ୟତମ ପ୍ରମୁଖ ସମ୍ପ୍ରସାରଣ। ସ୍ୱାଧୀନ ରାଷ୍ଟ୍ର ଦ୍ୱାରା କରାଯାଇଥିବା ଭୂମି-ସଂସ୍କାର ଦ୍ୱାରା ମଧ୍ୟ ଅନେକ ପରିବର୍ତ୍ତନ ଆସିଲା। ଏହି ସଂସ୍କାରଗୁଡ଼ିକ ଉଚ୍ଚ ବର୍ଗ (ଅନୁପସ୍ଥିତ ଜମିଦାର)ଙ୍କ ହାତରୁ ଭୂମି ଅଧିକାର କାଢ଼ି ନେଲା ଓ ମଧ୍ୟ ବର୍ଗର ଜାତିଙ୍କ ହାତରେ ନ୍ୟସ୍ତ କଲା, ଯେଉଁମାନେକି ଉଚ୍ଚ ବର୍ଗର ଜମିଦାରମାନଙ୍କ ତରଫରୁ କୃଷି କାର୍ଯ୍ୟର ପରିଚାଳନା କରି ଆସୁଥିଲେ। ଏହା ସେମାନଙ୍କୁ ବୃହତ୍ ଅର୍ଥନୈତିକ କ୍ଷମତା ହାସଲ କରିବାରେ ସହାୟକ ହେଲା ଓ ଗ୍ରାମଗୁଡ଼ିକରେ ସେମାନଙ୍କୁ 'ପ୍ରଭାବଶାଳୀ' ଜାତିରେ ପରିଣତ କରିଦେଲା, ଯାହା ଏବେ ବି ଆମ ଦେଶର ଗଣତାନ୍ତ୍ରିକ ରାଜନୀତିର ରୂପରେଖ ନିର୍ଦ୍ଧାରଣ କରି ଆସୁଛି। ଫଳ ସ୍ୱରୂପ, ଏହା ଗ୍ରାମାଞ୍ଚଳର ଜାତିଗତ ଉଚ୍ଚ-ନୀଚ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଲା।

**ପ୍ରଭାବଶାଳୀ ଜାତି:** ଏମ୍.ଏନ୍.ଶ୍ରୀନିବାସଙ୍କ ମତରେ ପ୍ରଭାବଶାଳୀ ଜାତି ହେଉଛନ୍ତି ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଜନସଂଖ୍ୟା ଦୃଷ୍ଟିରୁ ଅନ୍ୟ ଜାତିଗୁଡ଼ିକଠାରୁ ଅଧିକ ଶକ୍ତିଶାଳୀ ଓ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆଂଶିକ ଭୂମି-ସଂସ୍କାର ନୀତି ବଳରେ ଭୂମି ଅଧିକାର ପ୍ରାପ୍ତ ହୋଇଥିବା ଏକ ଜାତି।

ଉପରେ ବର୍ଣ୍ଣିତ ସଂସ୍କାରଗୁଡ଼ିକ ଛଡ଼ା ଅସ୍ପୃଶ୍ୟତା ଭଳି ଅନେକ ଜାତିଗତ ଆକ୍ରୋଶକୁ ନିଷିଦ୍ଧ ଓ ବନ୍ଦ କରିବା ପାଇଁ ଅନେକ ଆଇନ ପଣୀତ ହୋଇଛି। ତେବେ ସ୍ୱାଧୀନ ରାଷ୍ଟ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନୀଚ ଜାତିର ଲୋକଙ୍କ ପ୍ରତି ହୋଇଥିବା ଭେଦଭାବ ପାଇଁ ସେମାନଙ୍କୁ କ୍ଷତିପୂରଣ ଦେବା 'ସଂରକ୍ଷଣ' ରୂପରେ ଆସିଲା। ସକାରାତ୍ମକ ଭେଦବାବର ଏହି ରୂପଟି ବିଭିନ୍ନ ଅନୁଷ୍ଠାନରେ ଅନୁସୂଚୀତ ଜାତି (ଏସ୍‌ସି) ଓ ଅନୁସୂଚୀତ ଜନଜାତି (ଏସ୍‌ଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକ (ଓବିସି)ମାନଙ୍କୁ ସ୍ଥାନ ସଂରକ୍ଷଣ ସୁବିଧା ଦେଲା। ଔପନିବେଶିକ ସରକାର, ସ୍ୱାଧୀନ ରାଷ୍ଟ୍ର ଓ ବେସରକାରୀ ଉଦ୍ୟମରେ ନିଆ ଯାଇଥିବା ଇଚ୍ଛାକୃତ ଓ ଅନିଚ୍ଛାକୃତ ପଦକ୍ଷେପଗୁଡ଼ିକ ଭାରତର ବିଭିନ୍ନ ଜାତିର ଲୋକଙ୍କ ପରିଚୟ ସୃଷ୍ଟିରେ ସହାୟକ ହେଲା। ଶେଷରେ, ଏହା ଫଳରେ ଏକ ଜଟିଳ ଦୃଶ୍ୟପଟ୍ଟ ସୃଷ୍ଟି ହେଲା, ଯେଉଁଠି ନିର୍ବାଚନୀ ରାଜନୀତିରେ ଜାତି ଏକ ଅପରିହାର୍ଯ୍ୟ ଉପାଦାନ ହେବା ଜାରି ରହିଲା ଓ ଏହା ଫଳରେ ୧୯୮୦ ଦଶକ ପରଠାରୁ ଅନେକ ଜାତିଭିତ୍ତିକ ରାଜନୈତିକ ଦଳ ଗଠିତ ହେଲେ।

**ସାମାଜିକ ବାସନ୍ଦ:** ସାମାଜିକ ବାସନ୍ଦ ହେଉଛି ଏକ ଉପାୟ ଯାହାଦ୍ୱାରା କୌଣସି ବ୍ୟକ୍ତି ବା ଗୋଷ୍ଠୀ ବୃହତ୍ତର ସମାଜରେ ସମ୍ପୂର୍ଣ୍ଣ ସମ୍ପୃକ୍ତ ହେବାରୁ ବିଚ୍ଛିନ୍ନ ହୋଇଥାନ୍ତି।

ବହୁ ବର୍ଷ ଧରି 'ଅସ୍ପୃଶ୍ୟ'ମାନଙ୍କୁ ବୁଝାଇବା ପାଇଁ ଅନେକ ଶବ୍ଦ ବ୍ୟବହାର ହୋଇ ଆସୁଛି ଯେଉଁଥିରୁ ଅଧିକାଂଶ ହେୟଭାବ ପ୍ରଦର୍ଶନ କରିବା ବଜାୟ ରଖିଛି। ଏଭଳି ହୀନମନ୍ୟତା ସୃଷ୍ଟି କରୁଥିବା ବିଭିନ୍ନ ଶବ୍ଦର ବିଲୋପ ପାଇଁ ମହାତ୍ମା ଗାନ୍ଧୀ ୧୯୩୦ ଦଶକରେ 'ହରିଜନ' ପଦଟିକୁ ସୃଷ୍ଟି କରିଥିଲେ ଯାହାର ଅର୍ଥ ହେଉଛି, ଭଗବାନଙ୍କ ସନ୍ତାନ। ତେବେ ଆଜିକାଲି 'ଅସ୍ପୃଶ୍ୟ'ମାନଙ୍କୁ ବୁଝାଇବା ପାଇଁ ବ୍ୟବହୃତ ସବୁଠୁ ଲୋକପ୍ରିୟ ଶବ୍ଦ ହେଉଛି 'ଦଳିତ'। ଦଳିତ ଶବ୍ଦର ଅର୍ଥ ହେଉଛି ଅତ୍ୟାଚାରିତ ଓ ଭଗ୍ନ ଏବଂ ସେମାନେ ଭୋଗୁଥିବା ଅତ୍ୟାଚାରର ପରିପ୍ରକାଶ ପାଇଁ ଏହାକୁ ସେହି ସମ୍ପ୍ରଦାୟର ମୁଖିଆମାନେ ବ୍ୟବହାର କରିଥିଲେ। ବିଂଶ ଶତାବ୍ଦୀରେ ବି.ଆର୍.ଆମ୍ବେଦକରଙ୍କ ଚିନ୍ତାଧାରା ପ୍ରସାରିତ ହେବା ସହ ଏହି ଶବ୍ଦଟିର ଲୋକପ୍ରିୟତା ବୃଦ୍ଧି ପାଇଥିଲା। ନିଜେ ଓ ନିଜର ଅନୁଗାମୀମାନେ ଭୋଗିଥିବା ଜାତିଗତ ବିଭେଦର ପ୍ରତିବାଦର ପ୍ରତୀକ ରୂପେ ଆମ୍ବେଦକର ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ତାଙ୍କର ଏହି କାର୍ଯ୍ୟ ଯୋଗୁଁ ଦଳିତମାନଙ୍କର ବୌଦ୍ଧଧର୍ମକୁ ଗଣଧର୍ମାନ୍ତରୀକରଣ ଘଟିଥିଲା। ବୌଦ୍ଧଧର୍ମକୁ ଆମ୍ବେଦକରଙ୍କ ଧର୍ମାନ୍ତରୀକରଣ ଅତ୍ୟନ୍ତ ବଡ଼ ଧରଣର ପ୍ରତୀକାତ୍ମକ ଓ ରାଜନୈତିକ କାର୍ଯ୍ୟ ଥିଲା ଯାହାକି ହିନ୍ଦୁ ଧର୍ମ ପ୍ରତି ସେମାନଙ୍କର ଘୃଣାକୁ ପ୍ରଦର୍ଶିତ କଲା ଓ ବୃହତ୍ତର ରାଜନୈତିକ ଫାଇଦା ହାସଲ ନିମନ୍ତେ ଉଦ୍ଦିଷ୍ଟ ଏହି ନୂତନ ପରିଚୟକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କଲା (ଗୁପ୍ତା, ୨୦୧୪)।

ଗେଲ୍ ଓମ୍‌ଭେଡ଼ଟ୍ (୨୦୧୧) ତାଙ୍କ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଂ କାଷ୍ଟ୍: ଫ୍ରମ୍ ବୁଦ୍ଧ ଟୁ ଆମ୍ବେଦକର୍ ଆଣ୍ଡ ବିୟଣ୍ଡ'ରେ ଦଳିତ ରାଜନୀତିର ଭିତ୍ତି ରୂପେ ୩ଟି ପ୍ରମୁଖ ନବ୍ୟ ଚିନ୍ତାଧାରା ଉପରେ ଆଲୋକପାତ କରନ୍ତି। ସେଗୁଡ଼ିକ ହେଉଛି-

- ଭାରତୀୟ ପରମ୍ପରାର କେନ୍ଦ୍ର ହିନ୍ଦୁତ୍ୱ ପ୍ରତି ଏହା ଏକ ଆହ୍ୱାନ ରୂପେ ଉଭା ହେଲା। ବ୍ରାହ୍ମଣୀୟ ହିନ୍ଦୁତ୍ୱ ଉପଭୋଗ କରୁଥିବା ଶୀର୍ଷ ସ୍ତର ଆଧାରିତ କ୍ଷମତାକୁ ଗାଦିଚ୍ୟୁତ କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା।
- ଏହି ଆନ୍ଦୋଳନ ଜାତି ପ୍ରଥା ବ୍ୟବସ୍ଥାରେ ଭେଦଭାବର ଶିକାର ସବୁ ବର୍ଗର ଅତ୍ୟାଚାରିତ, ଶୋଷିତ ଓ ଉପେକ୍ଷିତ ଗୋଷ୍ଠୀ ଯଥା:- ଆଦିବାସୀ, ଅନ୍ୟାନ୍ୟ ପଛୁଆ ବର୍ଗ, କୃଷକ ଓ ମହିଳାମାନଙ୍କୁ ଏକତ୍ର ସାମିଲ କରିବାକୁ ଚେଷ୍ଟା କଲା।
- ସାଂସ୍କୃତିକ ମୁକାବିଲା ସହିତ ଏହା ନୂତନ ଅର୍ଥନୈତିକ ଓ ରାଜନୈତିକ ଦିଗର ଏକ ସମ୍ମିଶ୍ରଣ ଥିଲା।

| |
|---|
| **ବଦ୍ଧ ଧାରଣା:** ବଦ୍ଧ ଧାରଣା ହେଉଛି ଭିନ୍ନ ଗୋଷ୍ଠୀର ଲୋକଙ୍କ ପ୍ରତି କୌଣସି ଗୋଷ୍ଠୀର ଲୋକଙ୍କ ପୂର୍ବକଳ୍ପିତ ବିଚାର ବା ମନୋଭାବ। |

ସାଙ୍ଗଠନିକ ଓ ବୈବାହିକ ସମ୍ବନ୍ଧକୁ ନେଇ ଜାତି/ବର୍ଣ୍ଣ ଭେଦ ବିଭାଗୀକରଣ, ଜାତି ବ୍ୟବସ୍ଥାରେ ଥିବା ଉଚ୍ଚ-ନୀଚ ଭେଦକୁ ବଜାୟ ରଖିବା, ନିର୍ଦ୍ଦିଷ୍ଟ ଜାତି/ବର୍ଣ୍ଣ ଅନୁଯାୟୀ ଐତିହାସିକ ଶ୍ରମ ବିଭାଜନ ଆଦିର ଉଭୟ ଉଚ୍ଚ ଓ ନୀଚ ବର୍ଣ୍ଣରେ ପରିଚୟ ନିର୍ମାଣ ପ୍ରକ୍ରିୟାକୁ ଲଦି ଦେବାର କ୍ଷମତା ରହିଛି। ଜାତି ଓ ବର୍ଣ୍ଣ ସହିତ ଜଡ଼ିତ ସାମାଜିକ ଘୃଣା ଅନେକ ସମୟରେ ଉଭୟ ଉଚ୍ଚ ଓ ନୀଚ ବର୍ଣ୍ଣରେ ପରିଚୟ ନିର୍ମାଣ ପ୍ରକ୍ରିୟା ପାଇଁ ଭିନ୍ନ ଭିନ୍ନ ଓ ବେଳେବେଳେ ସଂଘର୍ଷମୂଳକ ପରିସ୍ଥିତି ସୃଷ୍ଟି କରିଥାଏ। ଦୀପଙ୍କର ଗୁପ୍ତା (୨୦୧୪) ପୁନଶ୍ଚ କୁହନ୍ତି ଯେ ଶୁଦ୍ଧ ଓ ଅଶୁଦ୍ଧ ମାପକାଠିରେ ସ୍ଥାନ ଯାହା ହୋଇଥିଲେ ବି ବିଭିନ୍ନ ଜାତିର ଲୋକେ ଅନେକ ସମୟରେ ନିଜ ପରିଚୟକୁ ନେଇ ଗର୍ବ କରନ୍ତି।

## ୪.୫: ବିଷୟ ସାରାଂଶ

ଭାରତରେ ଜାତି ଓ ପରିଚୟ ମଧ୍ୟରେ ଭାବ ବିନିମୟକୁ ବୁଝିବା ପାଇଁ ଏହି ଜଟିଳ ସମ୍ପର୍କର ଭାବଗର୍ଭକ ଉପାୟ ସବୁ ଜାଣିବାକୁ ପଡ଼ିବ। ଭାରତର ରାଜନେତା ବର୍ଗ କେବଳ ଜାତି ପରିଚୟ ଆଧାରରେ କ୍ଷମତା ହାତେଇବାରେ ନ ମାତି ଜାତି ପ୍ରଥାର ଉଚ୍ଛେଦ ଲାଗି ଚର୍ଚ୍ଚା ଜାରି ରଖିବା ସହ ବିକାଶ ଓ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଚାଲୁ ରଖିବା ଉଚିତ। ତୀବ୍ର ଶ୍ରେଣୀ ଭାବନା ମଧ୍ୟରେ ବି ଜାତି ସମ୍ପୃକ୍ତି ଓ ଜାତି ପରିଚୟ ସାମାଜିକ ସୁରକ୍ଷାର ଏକ ଉତ୍ସ ହୋଇ ରହି ଆସିଛି। ଭାରତୀୟ ସମାଜରେ ବା ଏହା ଉପରେ କାର୍ଯ୍ୟ କରୁଥିବା ସମାଜ ବିଜ୍ଞାନୀମାନେ ଅନେକ ସମୟରେ ଗ୍ରହଣ କରି ନେଇଥାନ୍ତି ଯେ ଔପନିବେଶିକ ଶାସନ ଦ୍ୱାରା ଆରମ୍ଭ ହୋଇଥିବା ଆଧୁନିକୀକରଣ ପ୍ରକ୍ରିୟା ପରିଶେଷରେ ଜାତି ବ୍ୟବସ୍ଥା ଓ ଏଥି ସହିତ ଜଡ଼ିତ ସମସ୍ତ ଚିନ୍ତାଧାରାର ମୁଳୋତ୍ପାଟନ କରିବ ଓ ଶ୍ରେଣୀଭିତ୍ତିକ ସମାଜ ଗଠନ ପାଇଁ ବାଟ ଫିଟାଇବ। ହେଲେ ଜାତି ବ୍ୟବସ୍ଥାର ମୂଳଭିତ୍ତିକୁ ଦୋହାଲାଇବାରେ ଆଧୁନିକୀକରଣ ସମର୍ଥ ହୋଇନାହିଁ। ଅତୀତରେ ଜାତି ବ୍ୟବସ୍ଥା ଯେଉଳି କଡ଼ାକଡ଼ି ଭାବେ ପାଳନ କରାଯାଉଥିଲା, ଏବେ ସେଥିରେ ଯେ ଯଥେଷ୍ଟ ପରିବର୍ତ୍ତନ ହୋଇଛି, ଏହି ବାସ୍ତବତାକୁ ଅସ୍ୱୀକାର କରିହେବ ନାହିଁ (ଜୟରାମ,୧୯୯୬)।

ତାତ୍ତ୍ୱିକ ବା ସାଙ୍କେତିକ ଭାବରେ ହେଲେ ବି ଦଳିତ ବର୍ଗଙ୍କ କ୍ଷେତ୍ରରେ ବଢ଼ି ଚାଲିଥିବା ଉନ୍ନତି ଜାତି ବ୍ୟବସ୍ଥାର ସଙ୍ଗଠନକୁ ଧ୍ୱଂସ କରିବାରେ ସକ୍ଷମ ହୋଇଛି। ଜାତି ପ୍ରଥାରେ ପରିବର୍ତ୍ତନ ସ୍ୱୀକୃତ ହେଲେ ମଧ୍ୟ ସାରା ଦେଶରେ ଏହା ସମାନ ନୁହେଁ ବୋଲି ତଥ୍ୟକୁ ଅସ୍ୱୀକାର କରିହେବ ନାହିଁ। ଯଦିଓ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଦୈନନ୍ଦିନ ଜୀବନଯାତ୍ରାରେ ଆମେ ଏହାର ନମନୀୟତା ଦେଖୁ, ତଥାପି କେତେକ ଅଞ୍ଚଳରେ ଜାତି ବ୍ୟବସ୍ଥା ସଂରକ୍ଷିତ ଓ ନୈଷ୍ଠିକ ଭାବେ ରହିଛି। ତେଣୁ, ରାଜନୈତିକ ସଂସ୍କୃତି ଓ ଅଧିକାଂଶ ଭାରତୀୟଙ୍କ ଜୀବନରେ ଧର୍ମର ଗୁରୁତ୍ୱପୂର୍ଣ୍ଣ ପ୍ରଭାବକୁ ବିଚାର କଲେ ଏହା ସ୍ପଷ୍ଟ ହୁଏ ଯେ ନିକଟ ଭବିଷ୍ୟତରେ ଜାତିବିହୀନ ସମାଜ ପ୍ରତିଷ୍ଠିତ ହେବାର ସମୟ ଆସିନାହିଁ।

## ୪.୬: ଆସ ପ୍ରଗତି ମାପିବା

୧. ସଂସ୍କୃତୀକରଣକୁ ତୁମେ କିପରି ବୁଝାଇବ ?

-------------------------------------------------------------------

-------------------------------------------------------------------

---------------------------------

୨. ଭାରତୀୟ ଜାତି ପ୍ରଥା ବ୍ୟବସ୍ଥା କେତେ ଅନମନୀୟ ?

-------------------------------------------------------------------

-------------------------------------------------------------------

---------------------------------

୩. ଜାତି ସମସ୍ୟାକୁ ଭାରତୀୟ ଗଣମାଧ୍ୟମ କିପରି ସମାଧାନ କରିଛି ?

-------------------------------------------------------------------

-------------------------------------------------------------------

---------------------------------

# ୟୁନିଟ୍- ୫: ଜନଜାତି ପରିଚୟ ଓ ରାଜନୀତି

୫.୦: ବିଷୟର ଗଠନ

୫.୧: ବିଷୟ ପରିଚୟ

୫.୨: 'ଜନଜାତି' ଶବ୍ଦର ଚର୍ଚ୍ଚା

୫.୩: ଜନଗଣନା ଓ ଧର୍ମ

୫.୪: ପ୍ରଶାସନିକ ଶବ୍ଦ: ଅନୁସୂଚୀତ ଜନଜାତି

୫.୪.୧: ଆଦିବାସୀଙ୍କ ପରିଚୟର ପ୍ରଶ୍ନ

୫.୪.୨: ପରିଚୟର ଧାରଣା

୫.୪.୩: ପରିଚୟ ଓ ବିକାଶ

୫.୪.୪: କ୍ଷେତ୍ରୀୟ ଅନୁଧ୍ୟାନ: ଡିମାସ ଓ ପରିଚୟ ପାଇଁ ସେମାନଙ୍କର ସଂଘର୍ଷ

୫.୫: ବିଷୟ ସାରାଂଶ

୫.୬: ଆସ ପ୍ରଗତି ମାପିବା

## ୫.୧: ବିଷୟ ପରିଚୟ

ଭାରତୀୟ ସମାଜ ଏହାର ବିବିଧତା ଓ ବୈଚିତ୍ର୍ୟ ପାଇଁ ପରିଚିତ। ବାସ୍ତବରେ, ଏହି ପାର୍ଥକ୍ୟ ହିଁ ଭାରତୀୟ ସମାଜର ବିଶେଷତ୍ୱ ରୂପେ ରହି ଆସିଛି। ଏହି ବୈଚିତ୍ର୍ୟ ଗୋଟିଏ ଦିନରେ ସୃଷ୍ଟି ହୋଇନାହିଁ, ବରଂ ଏହା ଅନେକ ଦୀର୍ଘ ଓ ଐତିହାସିକ ପ୍ରକ୍ରିୟା ଫଳରେ ସୃଷ୍ଟି ହୋଇଛି (ଜାକ୍ସା, ୨୦୧୪)। ପୃଥକୀକରଣର ବିଭିନ୍ନ ଚିହ୍ନଗୁଡ଼ିକ ହେଲା: ଜାତି, ଧର୍ମ, ଅଞ୍ଚଳ ଓ ଭାଷା। ବୈଷମ୍ୟର ଏହି ବିଭାଗଗୁଡ଼ିକ ଭିତରେ ଆଦିବାସୀ ବିଭାଗଟି ପରବର୍ତ୍ତୀ କାଳରେ ଔପନିବେଶିକ ଶାସନ କାଳରେ ଅନ୍ତର୍ଭୁକ୍ତ ହେଲା।

ଯଦିଓ ଜନଜାତି ଶବ୍ଦଟି ସାଧାରଣତଃ ସମାନ କଥିତ ଭାଷା/ଉପଭାଷା ଓ ସଂସ୍କୃତିବିଶିଷ୍ଟ ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ କୌଣସି ଜନଗୋଷ୍ଠୀକୁ ବୁଝାଏ, ତଥାପି ଏହି ସଂଜ୍ଞାର ସେଭଳି ଦୃଢ଼ ଭିତ୍ତି ନାହିଁ। ମାନବ ସମାଜରେ ହେଉଥିବା ପରିବର୍ତ୍ତନ କାରଣରୁ ଉପର ବର୍ଣ୍ଣିତ ସଂଜ୍ଞା ଜନଜାତିଙ୍କ ସହ ସମ୍ପ୍ରଦାୟର ସମ୍ପୃକ୍ତିକୁ ରୋକିଥାଏ।

ଏଠାରେ ପ୍ରଶ୍ନ ଉଠେ, ପ୍ରକୃତରେ କେଉଁମାନେ ଜନଜାତିର ଲୋକ? ଜନଜାତିର ସଂଜ୍ଞା ଓ ପରିଚୟ ପାଇଁ କେଉଁ କେଉଁ ସର୍ତ୍ତ ପୂରଣ ହେବା ଆବଶ୍ୟକ? ଗୋଟିଏ ଜନଜାତି ଗୋଷ୍ଠୀର ବୈଧତା ଓ ଚିହ୍ନଟ ଉପରେ ଅନେକ ପ୍ରଶ୍ନ ଉଠା ଯାଇପାରିବ। ତେବେ ଏହି ଆଲେଖ୍ୟକୁ ଅଧିକ ଶକ୍ତିଶାଳୀ କରିବା ପାଇଁ 'ଜନଜାତି' ଉପରେ ଏକାଧିକ ଉତ୍ସରୁ ସଂଗୃହୀତ ତଥା ବିଭିନ୍ନ ସମୟରେ ବିଶେଷଜ୍ଞମାନେ ଦେଇଥିବା ସଂଜ୍ଞା ପ୍ରଦାନ କରାଯାଇଛି ଏବଂ ସେଥି ମଧ୍ୟରୁ କେତେକ ଏଠାରେ ଉଲ୍ଲେଖ କରାଯାଇଛି:

ମେରିଆମ୍-ୱେବ୍‌ଷ୍ଟରଙ୍କ ମତରେ, 'ଜନଜାତି'ର ସଂଜ୍ଞା ହେଉଛି 'ଏହା କ୍ରୀତଦାସ, ଭୃତ୍ୟ କିମ୍ବା ପୋଷ୍ୟ ଅଜଣା ବ୍ୟକ୍ତିଙ୍କ ସମେତ ଅନେକ ପରିବାର, ବଂଶ ଓ ପୁରୁଷଙ୍କୁ ନେଇ ଗଠିତ ଏକ ସାମାଜିକ ଗୋଷ୍ଠୀ।'

ସାମାଜିକ ଓ ସାଂସ୍କୃତିକ ନୃତତ୍ତ୍ୱ ବିଜ୍ଞାନର ସଂକ୍ଷିପ୍ତ ଅଭିଧାନରେ 'ଜନଜାତି'ର ସଂଜ୍ଞା ହେଉଛି, 'ସମାନ ବିଦ୍ରୋହ ତଥା ସମାନ ଭାଷା, ଅଞ୍ଚଳ ଓ ସଂସ୍କୃତିର ସହଭାଗୀ ସାମାଜିକ ଗୋଷ୍ଠୀ। ଏହି ଶବ୍ଦଟି ସାଧାରଣତଃ ଏକ ଐତିହାସିକ ସମ୍ପ୍ରଦାୟ କିମ୍ବା ସ୍ୱଦେଶୀ ଦୃଶ୍ୟପଟ୍ଟରେ ଏକ ହେୟସୂଚକ ମନୋବୃତ୍ତିକୁ ସୂଚାଇ ଥାଏ। ଆଧୁନିକ ନୃତତ୍ତ୍ୱ ବିଜ୍ଞାନରେ, ସାଧାରଣତଃ ମୂଳ ନିବାସୀଙ୍କ ବଦଳରେ ରାଜନୈତିକ ସଙ୍ଗଠନର ବର୍ଣ୍ଣନା ପାଇଁ ଏହା ବ୍ୟବହୃତ ହୋଇଥାଏ' (ମୋରିସ୍, ୨୦୧୨)।

**ହୁଇଜର୍ ଓ ଅନ୍ୟମାନଙ୍କୁ (୧୯୩୬) ଉଦ୍ଧାର କରି ଆମେରିକୀୟ ସାଂସ୍କୃତିକ ନୃତତ୍ତ୍ୱବିଜ୍ଞାନୀ ରାଲ୍‌ଫ ଲିଣ୍ଟନ୍ (୧୯୭୯) 'ଜନଜାତି'ର ସଂଜ୍ଞା ନିମ୍ନୋକ୍ତ ମତେ ନିରୂପଣ କରନ୍ତି:**

'ସରଳତମ ରୂପରେ ବ୍ୟାପକ ସାଂସ୍କୃତିକ ସମାନତା, ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ନିର୍ଦ୍ଦିଷ୍ଟ ସାମ୍ପ୍ରଦାୟିକ ସ୍ୱାର୍ଥରୁ ସୃଷ୍ଟି ଏକତା ଭାବକୁ ନେଇ କିଛି ଅପହଞ୍ଚ ଅଞ୍ଚଳର ଲୋକଙ୍କୁ ଜନଜାତି ରୂପେ ଧରାଯାଏ। ଏହି ମୌଳିକ ସର୍ତ୍ତାବଳୀ ଉପରେ ଜନଜାତି ସମୁଦାୟର ଆନୁଷ୍ଠାନିକ ବୃହତ୍ ମହାସଙ୍ଗଠନ ନିର୍ମାଣ ହୋଇପାରେ, କିନ୍ତୁ ସେଗୁଡ଼ିକ ବିନା ମଧ୍ୟ ଜନଜାତି ଗୋଷ୍ଠୀଗୁଡ଼ିକ ତିଷ୍ଠି ରହି ପାରନ୍ତି ଓ କାର୍ଯ୍ୟ କରି ପାରନ୍ତି।'

**ଭାରତୀୟ ନୃତତ୍ତ୍ୱ ବିଜ୍ଞାନୀ ଡି.ଏନ୍.ମଜୁମଦାରଙ୍କ ସଂଜ୍ଞା ଅନୁଯାୟୀ ଜନଜାତି ହେଉଛି:**

'ଜନଜାତିର ଅଧିକାରୀଙ୍କ ସ୍ୱତନ୍ତ୍ର ହସ୍ତକ୍ଷେପ ବିନା ବଂଶଗତ ଭାବେ ଚାଲି ଆସୁଥିବା ଆଞ୍ଚଳିକ ଓ ବୈବାହିକ ସମ୍ପର୍କ ଭିତ୍ତିକ ଜନଗୋଷ୍ଠୀ କିମ୍ବା ଅନ୍ୟ ଜନଜାତି ବା ଜାତିର ଲୋକଙ୍କଠାରୁ ସାମାଜିକ ଦୂରତା ସୃଷ୍ଟି କରୁଥିବା ଭାଷା ବା ଉପଭାଷା ଦ୍ୱାରା ଯୋଡ଼ି ହୋଇଥିବା ଜନଗୋଷ୍ଠୀ।'

**ଅକ୍ସଫୋର୍ଡ ଅଭିଧାନ ଅନୁଯାୟୀ**, 'ଜନଜାତି'ର ସଂଜ୍ଞା ହେଉଛି, 'ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ରକ୍ତ ସମ୍ପର୍କ ସହିତ ସମାନ ସଂସ୍କୃତି ଓ କଥିତ ଭାଷାକୁ ନେଇ ସଂଯୁକ୍ତ ତଥା ଜଣେ ସ୍ୱୀକୃତିପ୍ରାପ୍ତ ମୁଖ୍ୟ ଥିବା କୌଣସି ପାରମ୍ପରିକ ସମାଜର ଏକ ସାମାଜିକ ଗୋଷ୍ଠୀ' (ଅକ୍ସଫୋର୍ଡ ଅଭିଧାନ)।

ଭାରତୀୟ ସମାଜବିଜ୍ଞାନୀ ଜି.ଏସ୍.ଘୁର୍ୟେଙ୍କୁ ଉଦ୍ଧାର କରି ଜାକ୍ସା କୁହନ୍ତି, 'ଜନଜାତିର ଲୋକେ ପଛୁଆ ହିନ୍ଦୁ କାରଣ ସେମାନେ ମୁଖ୍ୟସ୍ରୋତର ଭାରତୀୟ ଜନ ସମୂହଠାରୁ ବିଚ୍ଛିନ୍ନ ଓ ସେମାନେ ବର୍ଣ୍ଣଭେଦର ସବା ତଳେ ସ୍ଥାନିତ' (ଜାକ୍ସା, ୨୦୧୪)।

ଜନଜାତିର ସଂଜ୍ଞା ପ୍ରଦାନ ପାଇଁ ବିଶେଷକରି ଭୌଗୋଳିକ ବିଚ୍ଛିନ୍ନତା ଓ ସାଧାରଣ କଥିତ ଭାଷା ଭଳି କେତେକ ମୌଳିକ ମାନଦଣ୍ଡ ସମ୍ପୃକ୍ତ। ଏହି ମତାନୁଯାୟୀ, କେତେକ ବିଶେଷଜ୍ଞ ଜନଜାତି ଉପରେ ସେମାନଙ୍କ ସଂଜ୍ଞା ପ୍ରଦାନ ବେଳେ ଜାତି ଓ ଜନଜାତି ମଧ୍ୟରେ କୌଣସି ପାର୍ଥକ୍ୟ ରଖି ନାହାନ୍ତି। ଜନଜାତିର ଲୋକଙ୍କୁ ଘୁର୍ୟେ ପଛୁଆ ହିନ୍ଦୁ ବୋଲି କୁହନ୍ତି। ଉପରୋକ୍ତ ସଂଜ୍ଞାକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାଯାଏ ଯେ 'ଜନଜାତି' ଶବ୍ଦର ସଂଜ୍ଞାକୁ ନେଇ ଶିକ୍ଷାବିତ୍ ଓ ଗବେଷକମାନଙ୍କ ମଧ୍ୟରେ ବ୍ୟାପକ ମତ ପାର୍ଥକ୍ୟ ରହିଛି। ଏହି କ୍ଷେତ୍ରରେ 'ଜନଜାତି' ପଦ ଅଧୀନରେ ଆସୁଥିବା ବିଭିନ୍ନ ଜନଗୋଷ୍ଠୀଙ୍କୁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ରୂପକ ଛତା ତଳେ ସୀମାବଦ୍ଧ କରିବା ଏକ ଦୁରୂହ ବ୍ୟାପାର।

ଉପର ବର୍ଣ୍ଣିତ ସଂଜ୍ଞାଗୁଡ଼ିକରେ ଥିବା କେତେକ ବୈଶିଷ୍ଟ୍ୟକୁ କମାଇ ଜନଜାତିର ବିଶେଷତା ରୂପେ କୁହାଯାଇପାରେ:

- 'ଜନଜାତି' ହେଉଛି ଏକ ସାମାଜିକ ଗୋଷ୍ଠୀ;
- ସେମାନଙ୍କର ଗୋଟିଏ ସମାନ ସଂସ୍କୃତି ଓ କଥିତ ଭାଷା ଥାଏ;
- ପାରମ୍ପରିକ ଆଇନ ଓ ବିଧି ବ୍ୟବସ୍ଥା ସହିତ ଜନଜାତି ସମାଜର ସମ୍ପର୍କ ରହିଥାଏ।

ମୁଖ୍ୟସ୍ରୋତର ସଭ୍ୟତାର ଲୋକମାନଙ୍କଠାରୁ ଭିନ୍ନ ଲୋକଙ୍କୁ ବୁଝାଇବା ପାଇଁ 'ଜନଜାତି' ଶବ୍ଦର ବ୍ୟବହାରକୁ ଏକ ଔପନିବେଶିକ ସୃଷ୍ଟି ବୋଲି ଧରାଯାଏ (ବେଟିଲ୍ଲେ, ୧୯୯୫, ସିଂହ ୧୯୯୩ ଜାକ୍ସାଙ୍କ ଲେଖାରେ ଉଦ୍ଧୃତ, ୨୦୦୫)।

ଯଦିଓ ଜନଜାତିର ବିଭାଗକୁ ଔପନିବେଶିକ ସୃଷ୍ଟି ବୋଲି ଧରାଯାଏ, ଏହାର ବାସ୍ତବ ଅର୍ଥ ଓ ଛବି ଅନୁଯାୟୀ ଏହି ବିଭାଗକୁ ଔପନିବେଶିକ ସୃଷ୍ଟି ବୋଲି କୁହାଯାଇ ପାରିବ ନାହିଁ। ଆହୁରି ମଧ୍ୟ ଏହି ପରିପ୍ରେକ୍ଷୀରେ ନୃତତ୍ତ୍ୱ ବିଜ୍ଞାନ ପାଠ ଆରମ୍ଭରୁ ଆଦିବାସୀ ସମାଜର ଅନୁଧ୍ୟାନରେ ଲିପ୍ତ ରହିଛି। ନୃତତ୍ତ୍ୱ ବିଜ୍ଞାନ ପାଠ ହେଉଛି ଔପନିବେଶିକବାଦର ଫଳାଫଳ, କାରଣ ଔପନିବେଶିକ ଶାସକମାନେ ବିଭିନ୍ନ ଅଣପାଶ୍ଚାତ୍ୟ ଜନଗୋଷ୍ଠୀର ଅନୁଧ୍ୟାନ କାମରେ ଆଗ୍ରହୀ ହୋଇଥିଲେ, ଯେହେତୁ ସେମାନେ ଏହି ଜନଗୋଷ୍ଠୀଗୁଡ଼ିକୁ 'ଅଲଗା' ବୋଲି ବିଚାର କରୁଥିଲେ। ଔପନିବେଶିକ ଶାସନ କାଳର ଏହି ଚିନ୍ତାଧାରା ଜନଜୀବନ ଉପରେ ଆଧାରିତ ଅନେକ ବ୍ୟକ୍ତିଗତ ଓ ସାମୂହିକ ପୁସ୍ତକରେ ପ୍ରତିଫଳିତ ହୋଇଥିଲା। ଜନ ବିଟେ ତାଙ୍କର ପୁସ୍ତକ 'ଅଦର୍ କଲ୍‌ଚର୍‌ସ୍: ଏମ୍‌ସ, ମେଥଡ୍‌ସ୍ ଆଣ୍ଡ ଆଚିଭ୍‌ମେଣ୍ଟସ୍ ଇନ୍ ସୋସିଆଲ୍ ଆନ୍ଥ୍ରୋପୋଲୋଜି'ରେ ପ୍ରାଚ୍ୟ-ସମାଜ ସହିତ ବ୍ରିଟିଶମାନଙ୍କ ସମ୍ପର୍କ କିପରି ଥିଲା, ନୃତତ୍ତ୍ୱ ବିଜ୍ଞାନ ପାଠ୍ୟକ୍ରମର ବିକାଶ କିପରି ହେଲା ଓ ପାଶ୍ଚାତ୍ୟ ସମାଜରେ ଜନଜାତି ସମ୍ପର୍କିତ ଧାରଣା କ'ଣ, ତାହା ଦର୍ଶାଇଥାଏ। ଯଦିଓ ଆଦିବାସୀଙ୍କ ଉପରେ ଗବେଷଣାରେ ନୃତତ୍ତ୍ୱ ବିଜ୍ଞାନକୁ ଛାଡ଼ି ଅନ୍ୟ ପାଠ୍ୟକ୍ରମଗୁଡ଼ିକର ବି ଅବଦାନ ରହିଛି, ନୃତତ୍ତ୍ୱ ବିଜ୍ଞାନୀମାନେ ପ୍ରଥମେ କୌଣସି ଜନଜାତିକୁ ଚିହ୍ନଟ କରିବା ପାଇଁ କେତେକ ଶବ୍ଦ ସୃଷ୍ଟି କଲେ। ସେଗୁଡ଼ିକ ହେଉଛି- ଆଦିବାସୀ, ଜନଜାତି, ମୂଳ ଅଧିବାସୀ, ଆଦିମ ଅଧିବାସୀ ଇତ୍ୟାଦି।

ଏଠାରେ ଭାରତୀୟ ପ୍ରେକ୍ଷାପଟ୍ଟରେ 'ଜନଜାତି'ର ଅର୍ଥ ଉପରେ ଆଲୋଚନା କରାଯିବ। ଆହୁରି ମଧ୍ୟ, ଏହା ସହିତ 'ଜନଜାତି'ର ଅର୍ଥ ବୁଝିବାର ବିଭିନ୍ନ ଦୃଷ୍ଟିକୋଣକୁ ଆପଣାଇବାକୁ ପଡ଼ିବ। ସେଭଳି କେତେକ ପ୍ରସଙ୍ଗ ଯଥା: 'ଜନଜାତି' ଶବ୍ଦର ଅର୍ଥ ବ୍ୟବହାର ଉପରେ ଆଲୋଚନା, ଏହାର ଇତିହାସ, ଏହାର ସୃଷ୍ଟି ପଛର ରାଜନୀତି, ପରିଚୟର ପ୍ରଶ୍ନ ଓ ଏହିପରି ଅନେକ ପ୍ରସଙ୍ଗ ଏହି ମୋଡ୍ୟୁଲ୍‌ର ପରବର୍ତ୍ତୀ ଭାଗଗୁଡ଼ିକରେ ଆଲୋଚନା କରାଯିବ।

## ୫.୨: 'ଜନଜାତି' ଶବ୍ଦର ଚର୍ଚ୍ଚା

'ଜନଜାତି' ଶବ୍ଦଟି ପ୍ରଥମେ କେଉଁଠାରେ ସୃଷ୍ଟି ହୋଇଥିଲା, ତା'ଉପରେ ଏବେ ବି ବିତର୍କ ଲାଗି ରହିଛି।

ବ୍ରିଟିଶ ପ୍ରଶାସନ ପ୍ରଥମେ ଏହାକୁ ସୃଷ୍ଟି କରିଥିଲା ବୋଲି କେତେକ ଗବେଷକ ବିଶ୍ୱାସ କରୁଥିବା ବେଳେ ଅନ୍ୟ ଏକ ଗବେଷକ ଗୋଷ୍ଠୀ ବ୍ରିଟିଶ ପ୍ରଶାସନ ଦ୍ୱାରା ଏହାର ସୃଷ୍ଟି ହୋଇଥିଲା ବୋଲି ବିଶ୍ୱାସ କରିବାକୁ ନାରାଜ। ବରଂ, ସେମାନେ ଯୁକ୍ତି ଦର୍ଶାନ୍ତି ଯେ ବ୍ରିଟିଶମାନେ ଭାରତ ଆସିବାର ବହୁ ପୂର୍ବରୁ ଜନଜାତି ଶବ୍ଦର ଧାରଣାଟି ଭାରତରେ ସୃଷ୍ଟି ହୋଇ ସାରିଥିଲା।

## ୫.୩: ଜନଗଣନା ଓ ଧର୍ମ

'ଜନଜାତି' ଶବ୍ଦର ଉତ୍ପତ୍ତି ସମ୍ପର୍କରେ ବୁଝିବା ପାଇଁ ଜଣକୁ ଲୋକଙ୍କୁ ଚିହ୍ନଟ କରିବା ଓ ବର୍ଗୀକରଣ କରିବାରେ ପ୍ରମୁଖ ଭୂମିକା ନେଇଥିବା ଜନଗଣନା ଉପରେ ଦୃଷ୍ଟି ପକାଇବାକୁ ପଡ଼ିବ। ବ୍ରିଟିଶ ଶାସନ କାଳରେ ୧୮୮୧ରେ ପ୍ରଥମ ଦେଶବ୍ୟାପି ଜନଗଣନା କରାଯାଇଥିଲା। ସେହି ଜନଗଣନା ରିପୋର୍ଟରେ ବ୍ୟବହୃତ 'ଫରେଷ୍ଟ ଟ୍ରାଇବ୍' ବା 'ବଣୁଆ ଲୋକ' ପଦଟି ଆଦିବାସୀ ସମ୍ପ୍ରଦାୟକୁ ଚିହ୍ନଟ କରିବା ପାଇଁ ନୁହେଁ, ବରଂ ମୋଟାମୋଟି ଭାବେ କୃଷକ ଓ ଗୋପାଳକ ଜାତିର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, (ଜାକ୍ସା, ୨୦୧୪)। ପରବର୍ତ୍ତୀ ଜନଗଣନାଗୁଡ଼ିକରେ ଏହିଭଳି ଆଦିବାସୀ ସମ୍ପ୍ରଦାୟକୁ ଏକ ବୃହତ୍ତର ବିଭାଗ ରୂପେ ପରିଚୟ-ସୂଚକ ସଂକେତ ପ୍ରଦାନର ଧାରା ବଜାୟ ରହିଲା। ୧୯୦୧ର ଜନଗଣନା ରିପୋର୍ଟରେ ଆଦିବାସୀମାନଙ୍କୁ 'ପଶୁହତ୍ୟା କରୁଥିବା ଜନଗୋଷ୍ଠୀ' ରୂପେ ଉଲ୍ଲେଖ କରାଯାଇଥିଲା, ଯେତେବେଳେ କି ୧୯୨୧ର ଜନଗଣନା ରିପୋର୍ଟରେ 'ପାହାଡ଼ିଆ ଓ ଜଙ୍ଗଲୀ ଜାତି' ଏବଂ ୧୯୩୧ର ଜନଗଣନାରେ 'ଆଦିମ ଜନଜାତି' ଶବ୍ଦାବଳୀ ବ୍ୟବହାର କରାଯାଇଥିଲା। ଯଦିଓ ପରବର୍ତ୍ତୀ ଜନଗଣନା ସର୍ବେକ୍ଷଣଗୁଡ଼ିକରେ ଜନଜାତିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞାଭିତ୍ତିକ ଯୋଗ୍ୟତାର ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ପ୍ରୟାସ କରାଗଲା, ସେସବୁ ଅନେକ ସମୟରେ ଅବୋଧ ତଥା ଅସମ୍ପୂର୍ଣ୍ଣ ଲାଗିଲା। ବ୍ରିଟିଶମାନଙ୍କ ଲେଖାଗୁଡ଼ିକରେ 'ଜନଜାତି'କୁ କୌଣସି ନିର୍ଦ୍ଦିଷ୍ଟ ପୂର୍ବପୁରୁଷଙ୍କଠାରୁ କିମ୍ବା ଆଦିମ ବା ପ୍ରାଗୈତିହାସିକ ଅବସ୍ଥାରେ ବାସ କରୁଥିବା ମଣିଷଠାରୁ ସୃଷ୍ଟି ହୋଇ ଥିବାର ଦାବି କରୁଥିବା ଏକ ଜନଗୋଷ୍ଠୀ ରୂପେ ପର୍ଣ୍ଣନା କରାଯାଇଛି (ଜାକ୍ସା, ୧୯୯୯)।

ଟି.କେ. ଉମେନ୍‌ଙ୍କ ଆଲେଖ୍ୟ 'କଲଚର୍: ଚେଂଜ୍ ଆମଙ୍ଗ୍ ଦ ଟ୍ରାଇବସ୍ ଅଫ୍ ନର୍ଥଇଷ୍ଟ୍ ଇଣ୍ଡିଆ' ଉଲ୍ଲେଖ କରେ ଯେ ବ୍ରିଟିଶ ଭାରତୀୟ ଜନଗଣନାରେ ଆଦିବାସୀମାନଙ୍କର ଧର୍ମୀୟ ସମ୍ପୃକ୍ତିକୁ ଦର୍ଶାଇବା ପାଇଁ ପଶୁ ହତ୍ୟାକାରୀ, ପ୍ରକୃତିବାଦୀ, ଆଦିମ ଇତ୍ୟାଦି ଭଳି ପରିବର୍ତ୍ତନଶୀଳ ଶବ୍ଦ ବ୍ୟବହାର କରାଯାଇଛି। ବ୍ରିଟିଶ କବଳରୁ ସ୍ୱାଧୀନତା ହାସଲ ପରବର୍ତ୍ତୀ ପ୍ରଥମ ଜନଗଣନାରେ ଭାରତ ଏହିସବୁ ଶବ୍ଦର ବ୍ୟବହାରକୁ ଉଚ୍ଛେଦ କଲା, କିନ୍ତୁ ଆଦିବାସୀମାନଙ୍କୁ ହିନ୍ଦୁ, ଇସଲାମ, ଖ୍ରୀଷ୍ଟ ଓ ବୌଦ୍ଧ ଧର୍ମ ଭଳି ପ୍ରମୁଖ ଧର୍ମର ବିଭାଗ ଭିତରେ ଅନ୍ତର୍ଭୁକ୍ତ କରିଦେଲା ଓ ଏଭଳି ଭାବେ ଆଦିବାସୀଙ୍କ ଧର୍ମୀୟ ଧାରଣାକୁ ଅସ୍ୱୀକାର କଲା। ଆଦିବାସୀମାନଙ୍କୁ ପ୍ରମୁଖ ଧର୍ମ ଶାଖାଗୁଡ଼ିକରେ ଅନ୍ତର୍ଭୁକ୍ତ କରି ଏହା ସେମାନଙ୍କୁ ନିଜ ଧର୍ମ ଅବଲମ୍ବନ କରିବାର ଅଧିକାରରୁ ବଞ୍ଚିତ କଲା। ଲେଖକ ମଧ୍ୟ କୁହନ୍ତି, କୌଣସି ଧର୍ମୀୟ ସମ୍ପ୍ରଦାୟର ନାମ ପରିବର୍ତ୍ତନ ସେମାନଙ୍କ ଧର୍ମୀୟ ଧାରଣା ବା ରୀତିନୀତିରେ ପରିବର୍ତ୍ତନ ଆଣି ନଥାଏ।

ତେବେ ଧର୍ମୀୟ ସମ୍ପ୍ରଦାୟର ନାମ ପରିବର୍ତ୍ତନ ନିଜ ଧର୍ମୀୟ ସମ୍ପୃକ୍ତିକୁ ନେଇ ଆଦିବାସୀ ସମ୍ପ୍ରଦାୟର ଚିନ୍ତାଧାରାକୁ ଯେ ବଦଳାଇ ଦିଏ, ଏହାକୁ ଅସ୍ୱୀକାର କରିହେବ ନାହିଁ।

## ୫.୪: ପ୍ରଶାସନିକ ଶବ୍ଦ: ଅନୁସୂଚୀତ ଜନଜାତି

ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କରିବା ପରେ ଆଦିବାସୀ ଗୋଷ୍ଠୀଙ୍କୁ ଅଲଗା ଭାବିବାର ଧାରା ଅପରିବର୍ତ୍ତିତ ରହିଲା। ଏବେ ଆଦିବାସୀ ଲୋକଙ୍କୁ ଏକତ୍ର ଭାବେ ପ୍ରଶାସନିକ ଶବ୍ଦ 'ଅନୁସୂଚୀତ ଜନଜାତି' ବର୍ଗରେ ସାମିଲ କରାଯାଉଛି। କୌଣସି ଆଦିବାସୀ ଗୋଷ୍ଠୀକୁ ଜନଜାତି ବର୍ଗରେ ସାମିଲ କରିବା ବା ନ କରିବାର ଅଧିକାର ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରାଯାଇଛି। ଅନୁସୂଚୀତ ଜନଜାତି ବର୍ଗରେ ସାମିଲ ହେବା ପାଇଁ କୌଣସି ସମ୍ପ୍ରଦାୟକୁ କେତେକ ସର୍ତ୍ତ ପୂରଣ କରିବା ପାଇଁ ପଡ଼ିଥାଏ। ସେଥି ମଧ୍ୟରୁ କେତେକ ଆଦିମତା ସୂଚକ ସର୍ତ୍ତ ହେଲା- ସ୍ୱତନ୍ତ୍ର ସଂସ୍କୃତି, ଭୌଗୋଳିକ ବିଚ୍ଛିନ୍ନତା, ବୃହତ୍ତର ସମୁଦାୟ ସହ ମିଳାମିଶା କରିବା ପାଇଁ ସଙ୍କୋଚ ଓ ଅନଗ୍ରସରତା ଇତ୍ୟାଦି। ପ୍ରାକ୍- ସ୍ୱାଧୀନତା କାଳରେ ଏଭଳି ସର୍ତ୍ତ ନଥିଲା, କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହା ଏକ ଧାରାରେ ପରିଣତ ହୋଇ ଯାଇଛି। ବ୍ରିଟିଶମାନେ ଆଦିବାସୀଙ୍କୁ ଚିହ୍ନଟ କରିବା ପାଇଁ ଯେଉଁ ଉପାୟ ଅବଲମ୍ବନ କରୁଥିଲେ, ଭାରତୀୟ ସମ୍ବିଧାନ ସେହି ସମାନ ରଣକୌଶଳ ଆପଣାଉ ଥିବା ମଧ୍ୟ ସ୍ପଷ୍ଟ ହୋଇଛି।

### ୫.୪.୧: ଆଦିବାସୀଙ୍କ ମଧ୍ୟରେ ପରିଚୟର ପ୍ରଶ୍ନ

୨୦୦୧ର ଜନଗଣନା ରିପୋର୍ଟ ଅନୁଯାୟୀ ଭାରତରେ ଆଦିବାସୀ ଜନସଂଖ୍ୟା ମାତ୍ର ୮.୨ ପ୍ରତିଶତ ଥିଲା। ୨୦୧୧ର ଜନଗଣନା ରିପୋର୍ଟ ଅନୁଯାୟୀ, ଏହି ହାରାହାରି ହାର ସାମାନ୍ୟ ବୃଦ୍ଧି ପାଇଲା ଓ ୮.୬ ପ୍ରତିଶତରେ ରହିଥିଲା (ଭାରତର ଜନଗଣନା -୨୦୦୧)। ଏହି ସଂଖ୍ୟାରୁ ଜଣାଯାଏ ଯେ ଦେଶର ଆଦିବାସୀ ଜନସଂଖ୍ୟା ଅପେକ୍ଷାକୃତ ଭାବେ କମ୍।

ଭାରତୀୟ ନୃତତ୍ତ୍ୱ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା 'ପିପଲ୍ ଅଫ୍ ଇଣ୍ଡିଆ- ପ୍ରୋଜେକ୍ଟ' ନାମକ ଏକ ପ୍ରକଳ୍ପ ହାତକୁ ନେଲା ଯାହା ଭାରତରେ ୪୬୧ ପ୍ରକାରର ଆଦିବାସୀଙ୍କୁ ଚିହ୍ନଟ କଲା। ଏହି ପ୍ରକଳ୍ପ ଅନୁଯାୟୀ ଭାରତରେ ଆଦିବାସୀଙ୍କ ପ୍ରକୃତ ଜନସଂଖ୍ୟା ୬୭, ୫୮୩, ୮୦୦ ଅର୍ଥାତ ମୋଟ ଜନସଂଖ୍ୟାର ୮.୦୮ ପ୍ରତିଶତ।

ଭି. ଜାକ୍ସା ତାଙ୍କର ନିବନ୍ଧ 'ପଲିଟିକ୍ସ ଅଫ ଲାଙ୍ଗୁଏଜ୍, ରିଲିଜିଅନ୍ ଆଣ୍ଡ ଆଇଡେଣ୍ଟିଟିଟି: ଟ୍ରାଇବ୍ସ ଇନ୍ ଇଣ୍ଡିଆ'ରେ କୁହନ୍ତି ଯେ ଆଦିବାସୀ ପରିଚୟକୁ ନେଇ ଭାରତୀୟ ଚର୍ଚ୍ଚାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରିବ। ପ୍ରଥମ ବିଭାଗରେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସଂଘୀୟ ରାଷ୍ଟ୍ରର ନାଗରିକ ଭାବେ ସ୍ୱୟଂସମ୍ପୂର୍ଣ୍ଣ ହୋଇଛନ୍ତି ଓ ଅନ୍ୟ ବିଭାଗରେ ସେମାନେ ହିନ୍ଦୁ ଶାଖାରେ ବିଲୟ ହେବାକୁ ଚେଷ୍ଟା କରୁଛନ୍ତି। ଯଦିଓ ଆଦିବାସୀ ଓ ଆଦିବାସୀ ପରିଚୟ ଶବ୍ଦ ଦ୍ୱୟ ବ୍ରିଟିଶରମାନଙ୍କଠାରୁ ଆନୀତ, ଏହି ପରିଚୟକୁ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ଗ୍ରହଣ କରି ସାରିଲେଣି। କୌଣସି ଆଦିବାସୀ ଗୋଷ୍ଠୀର ସଦସ୍ୟର ପରିଚୟଟି ଏବେ ଏହି ଉପେକ୍ଷିତ ଲୋକମାନଙ୍କୁ ଆତ୍ମ-ସମ୍ମାନ ଓ ସ୍ୱାଭିମାନ ପ୍ରଦାନ କରୁଛି।

**୫.୪.୨: ପରିଚୟର ଧାରଣା**

ଏହି ବିଭାଗରେ ଆମେ ସମସାମୟିକ କାଳରେ ପରିଚୟ ଓ ପରିଚୟ ସୃଷ୍ଟିର ଗୁରୁତ୍ୱ ସମ୍ପର୍କରେ ପଢ଼ିବା। ମୁଳତଃ, ସାମାଜିକ ଭାବେ ସ୍ୱୀକୃତିପ୍ରାପ୍ତ କ୍ରମାଗତ ବିବିଧତା ଜରିଆରେ ପରିଚୟ ସୃଷ୍ଟି ହେବା ସହ ପ୍ରତିଷ୍ଠିତ ହୋଇଥାଏ। ଏହି ବିବିଧତା ସେମାନଙ୍କ ଜୀବନର ଅଙ୍ଗ ପାଲଟି ଯାଏ। ଯଦି ସେମାନେ ବିବିଧ ରୂପେ ସହାବସ୍ଥାନ ନ କରିବେ, ତେବେ ଜଣେ ନିଜର ସ୍ୱତନ୍ତ୍ରତା ଓ ଦୃଢ଼ତା ସହ ବଞ୍ଚି ପାରିବ ନାହିଁ, (କନୋଲ୍ଲି ୧୯୯୧; ବ୍ରାଉନ୍, ୧୯୯୫ରେ ଉଦ୍ଧୃତ)। କାର୍ଲସନ୍ (୨୦୦୧) କୁହନ୍ତି ଯେ, 'କିଏ ସ୍ୱୟଂ ଓ କିଏ ଭିନ୍ନ' ଏହି ନିଆରାପଣକୁ ଦେଖାଉ ଥିବା ବା 'ଭିନ୍ନତା' ସୃଷ୍ଟି କରୁଥିବା ପରିଚୟ ଉପରେ ଆମେ ନଜର ଦେବା।

ସାମାଜିକ ଓ ସାଂସ୍କୃତିକ ନୃତତ୍ତ୍ୱ ବିଜ୍ଞାନର ସଂକ୍ଷିପ୍ତ ଅଭିଧାନରେ ପରିଚୟର ସଂଜ୍ଞା ହେଉଛି, 'କୌଣସି ବ୍ୟକ୍ତି ବା ଗୋଷ୍ଠୀକୁ ନିଜ ତଥା ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ସାମୂହିକ ଭାବେ ଚିହ୍ନଟ କରୁଥିବା ଗୁଣାବଳୀର ସମ୍ମିଶ୍ରଣ। ଜଣେ ବ୍ୟକ୍ତି ଭାବରେ ଏକ ବୈଧ ପରିଚୟକୁ ନେଇ ଲୋକେ ଯାହା ଭାବନ୍ତି, କେବଳ ସେତିକି ନୁହେଁ, ବରଂ ସେମାନେ ଅନ୍ତର୍ଭୁକ୍ତ ଥିବା- ପରିବାର, ବଂଶ ଓ ରାଷ୍ଟ୍ରର ସାମୂହିକ ପରିଚୟର ଭାବନା ଉପରେ ମଧ୍ୟ ନୃତତ୍ତ୍ୱବିତ୍‌ମାନେ ରୁଚି ରଖନ୍ତି' (ମୋରିସ୍, ୨୦୧୨)।

ପରିଚୟଗୁଡ଼ିକର ପ୍ରକୃତି ମୌଳିକ ଭାବେ ଖୁବ୍ ତରଳ, କାରଣ ସେଗୁଡ଼ିକୁ ଗଠନ ଓ ସୃଜନ କରାଯାଏ, ତେଣୁ ସମସାମୟିକ କାଳରେ ବିଭିନ୍ନ ଗୋଷ୍ଠୀ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ପାଇଁ ଦାବି କରିବାକୁ ଆଗେଇ ଆସୁଛନ୍ତି। ଅସ୍ମିତା ବା ପରିଚୟର ପ୍ରଶ୍ନ ବିଭିନ୍ନ ଆଦିବାସୀ ଆନ୍ଦୋଳନ ସୃଷ୍ଟି କରିଛି। ଏଭଳି ଉତ୍‌ଥାନ ପଛର କେତେକ କାରଣ ହେଲା:-

- ରାଷ୍ଟ୍ର ତରଫରୁ ଆଦିବାସୀମାନଙ୍କୁ ପ୍ରଦାନ କରା ଯାଉଥିବା ସ୍ୱତନ୍ତ୍ର ସୁବିଧାସୁଯୋଗ।
- ସେମାନଙ୍କ ସଂସ୍କୃତି ଓ ପରିଚୟକୁ ହରାଇବାର ଭୟ ଓ ଏହା ଫଳରେ କ୍ଷମତା ହରାଇବାର ଭୟ।
- ଏଭଳି ଉପେକ୍ଷିତ ଗୋଷ୍ଠୀଙ୍କ ପ୍ରତି ରାଷ୍ଟ୍ରର ସ୍ୱୀକୃତି ଓ ସମଦୃଷ୍ଟି
- ଅନ୍ୟ ଗୋଷ୍ଠୀଗୁଡ଼ିକରେ ବିଲୟର ଭୟ

ସୁମିତ ଗୁହାଙ୍କୁ ଉଦ୍ଧାର କରି ଖାନ୍ ମତ ଦିଅନ୍ତି ଯେ ନୃତତ୍ତ୍ୱ ବିଜ୍ଞାନ ଓ ସମାଜ ବିଜ୍ଞାନ ଗବେଷଣା ଆଦିବାସୀ ଧାରଣାଟିକୁ ଦୃଢ଼ କଲା। ଭାରତରେ ଆଦିବାସୀମାନଙ୍କୁ ଭିନ୍ନ ପ୍ରକାରର ବୋଲି ରୂପାୟିତ କରିବାରେ ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗର ଉପନିବେଶବାଦୀ ନୃତତ୍ତ୍ୱ ବିଜ୍ଞାନ ଏକ ବିଶେଷ ଭୂମିକା ଗ୍ରହଣ କଲା। ୧୭୮୪ରେ ବଙ୍ଗରେ ଏସିଆଟିକ୍ ସୋସାଇଟି ପ୍ରତିଷ୍ଠିତ ହେବା ପରେ ବ୍ରିଟିଶ ପ୍ରଶାସକ, ପାଦ୍ରୀ, ପର୍ଯ୍ୟଟକ ଓ ନୃତତ୍ତ୍ୱବିତ୍‌ମାନେ ଆଦିବାସୀମାନଙ୍କ ଉପରେ ତଥ୍ୟ ସଂଗ୍ରହ କଲେ ଓ ସେମାନଙ୍କ ଜୀବନ ଓ ସଂସ୍କୃତି ଉପରେ ଲେଖାଲେଖି କଲେ (ଆଇସିଏସ୍ଏସ୍ଆର, ୨୦୧୬)।

**୫.୪.୩: ପରିଚୟ ଓ ବିକାଶ**

ଆଦିବାସୀମାନଙ୍କ ସାମାଜିକ-ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା ତଥା ସଂରକ୍ଷଣର ବ୍ୟବସ୍ଥା କରାଯାଇଛି ଏବଂ ଭାରତ ସରକାରଙ୍କ ଦ୍ୱାରା ଆଦିବାସୀ ଉପ-ଯୋଜନା

(ଟିଏସ୍‌ପି) ଭଳି କେତେକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଆଦିବାସୀମାନଙ୍କ ଦ୍ରୁତ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଆଦିବାସୀ ଉପ-ଯୋଜନା (ଟିଏସ୍‌ପି) ରଣନୀତି ଉଦ୍ଦିଷ୍ଟ। ସରକାରଙ୍କ ଆଦିବାସୀ ଉପ-ଯୋଜନା ଲାଗି ପ୍ରଦାନ କରାଯାଉଥିବା ପାଣ୍ଠି ଅତି କମ୍‌ରେ ପ୍ରତ୍ୟେକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳର ଆଦିବାସୀ ଜନସଂଖ୍ୟାର ସମାନୁପାତିକ ହେବା ଉଚିତ (ଏନ୍‌ସିଏସ୍‌ଟି)।

ରାଷ୍ଟ୍ର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଉପେକ୍ଷିତ ଲୋକମାନଙ୍କ ସକ୍ରିୟ ଅଂଶଗ୍ରହଣ ଓ ସେମାନଙ୍କ ସମାନ ଅଧିକାର ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ସୁଦ୍ଧା ଗୋଟିଏ ଦୃଷ୍ଟିରୁ ଏହା ଆଦିବାସୀ ଓ ଅଣ-ଆଦିବାସୀମାନଙ୍କ ମଧ୍ୟରେ ଏବଂ ବିଭିନ୍ନ ଜନଜାତି ଗୋଷ୍ଠୀଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି କଲା।

ରାଷ୍ଟ୍ରୀୟ ବିକାଶ ଧାରାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ (୧୮୮୯-୧୯୬୪) ଦେଶର 'ସାମଗ୍ରିକ ବିକାଶ ସ୍ୱପ୍ନ' ଭିତରେ ଆଦିବାସୀ ଜନସମୁଦାୟକୁ ସାମିଲ କରିବା ପାଇଁ ନିମ୍ନରେ ବର୍ଣ୍ଣିତ ପଞ୍ଚସୂତ୍ରୀ ନୀତି ପ୍ରସ୍ତୁତ କଲେ। ନେହରୁଙ୍କ ଦ୍ୱାରା ପରିକଳ୍ପିତ ସେହି ୫ଟି ନୀତି ଥିଲା:

୧. ଆଦିବାସୀମାନଙ୍କୁ ସେମାନଙ୍କ ନିଜ ବିଚାରଧାରା ଅନୁଯାୟୀ ବିକଶିତ କରାଯିବା ଉଚିତ, ବାହାରର ମୂଲ୍ୟବୋଧକୁ ସେମାନଙ୍କ ଉପରେ ଲଦି ଦିଆ ଯିବାକୁ ଏଡ଼ାଯିବା ଉଚିତ ଏବଂ ସେମାନଙ୍କର ନିଜସ୍ୱ ପାରମ୍ପରିକ କଳା, ସଂସ୍କୃତି କ୍ଷେତ୍ରରେ ସେମାନଙ୍କୁ ସବୁମତେ ଉତ୍ସାହିତ କରାଯିବା ଉଚିତ।

୨. ଜଙ୍ଗଲ ଓ ଜମି ଉପରେ ଆଦିବାସୀମାନଙ୍କ ଅଧିକାରକୁ ସମ୍ମାନ ଦିଆଯିବା ଉଚିତ।

୩. ନିଜେ ନିଜର ଶାସନ ଚଳାଇବା ଓ ବିକାଶ କରିବା ପାଇଁ ନିଜସ୍ୱ ଲୋକଙ୍କର ଏକ ଦଳ ଗଠନ ପାଇଁ ଆଦିବାସୀମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଆଦିବାସୀ ଅଞ୍ଚଳରେ ଅତ୍ୟଧିକ ବାହ୍ୟ ଲୋକଙ୍କୁ ପ୍ରବେଶ କରାଇବାକୁ ଏଡ଼ାଯିବା ଉଚିତ।

୪. ଆଦିବାସୀ ଅଞ୍ଚଳରେ ଶାସନ କଳର ଅତ୍ୟଧିକ ବ୍ୟବହାର କିମ୍ବା ଅନେକ ପ୍ରକାରର ଯୋଜନା ପ୍ରଚଳନ କରାଯିବା ଅନୁଚିତ, ବରଂ ସେମାନଙ୍କ ଧର୍ମୀୟ ତଥା ସାଂସ୍କୃତିକ ଅନୁଷ୍ଠାନ ଅନୁଯାୟୀ କାର୍ଯ୍ୟ କରାଯିବା ଉଚିତ।

୫. ଫଳାଫଳକୁ ପରିସଂଖ୍ୟାନ କିମ୍ବା ବ୍ୟୟ ହୋଇଥିବା ପାଣ୍ଠି ଦୃଷ୍ଟିରୁ ଆକଳନ କରା ନଯାଇ ବରଂ ମାନବୀୟ ଚରିତ୍ରର ବିକାଶକୁ ନେଇ ଆକଳନ କରାଯିବା ଉଚିତ।

ଏଥିରୁ ସ୍ପଷ୍ଟ ଯେ ଦେଶର 'ସମଗ୍ର ଭାରତ ବିକାଶ ପ୍ରକଳ୍ପ'ରେ ଆଦିବାସୀ ଜନ ସମୁଦାୟକୁ ସାମିଲ କରିବା ପାଇଁ ନେହରୁ ଯୋଜନା କରିଥିଲେ। ବିଚ୍ଛିନ୍ନ ଓ ବିଲୟ କରିବାର ଅନ୍ୟ ସରକାରୀ ପ୍ରକ୍ରିୟାଠାରୁ ଭିନ୍ନ ସାମିଲ କରିବାର ଏହି ନିଆରା ପ୍ରକ୍ରିୟା ଏହି ସମ୍ପ୍ରଦାୟର ଉନ୍ନୟନ ପାଇଁ ସୁଯୋଗ ପ୍ରଦାନ କଲା।

**୫.୪.୪: କ୍ଷେତ୍ରୀୟ ଅନୁଧ୍ୟାନ- ଡିମସାଗଣ ଏବଂ ପରିଚୟ ପାଇଁ ସେମାନଙ୍କ ସଂଘର୍ଷ**

ଆଜିର ଦୃଶ୍ୟପଟରେ ଆଦିବାସୀ ପରିଚୟ, ରାଜନୀତି ଓ ପରିଚୟର ଶ୍ରେଷ୍ଠତା ଦାବି ଯୋଗୁଁ ବିଭିନ୍ନ ଆଦିବାସୀ ଗୋଷ୍ଠୀ ତଥା ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ବିବାଦର ବୈଚିତ୍ର୍ୟକୁ ବୁଝିବା ପାଇଁ ଏହି ବିଭାଗରେ ଏକ କ୍ଷେତ୍ର ଅନୁଧ୍ୟାନ ପ୍ରଦାନ କରାଯାଇଛି। ମୂଳ ବାସିନ୍ଦା ପରିଚୟକୁ ନେଇ ବିବାଦ ଉଠୁଥିବା ଭାରତର ଉତ୍ତର-ପୂର୍ବାଞ୍ଚଳର ଆଦିବାସୀମାନଙ୍କ କଥା ସହିତ ସରକାରଙ୍କ ବିଫଳତା ଉପରେ ମଧ୍ୟ ଆଲୋଚନା କରାଯାଇଛି।

ଡିମ୍‌ସାମାନେ ହେଉଛନ୍ତି ଭାରତୀୟ ଉପମହାଦେଶର ଉତ୍ତର-ପୂର୍ବାଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀଙ୍କର ଏକ ଜନଗୋଷ୍ଠୀ। ଏହି ପାରମ୍ପରିକ ଅଧିବାସୀମାନେ ତିବ୍‌ବତ୍-ବର୍ମା ଭାଷା ଗୋଷ୍ଠୀ ଓ ଆଦିମ ସମ୍ପ୍ରଦାୟର। ଡିମ୍‌ସା ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ବୃହତ୍ ନଦୀ ବ୍ରହ୍ମପୁତ୍ରର ସନ୍ତାନ ବା ବଂଶଧର। ଡିମସାରେ 'ଡି' ଅର୍ଥ ଜଳ, 'ମ' ଅର୍ଥ ବୃହତ୍ ଓ 'ସୁ' ଅର୍ଥ ସନ୍ତାନ (ବର୍ଦ୍ଦଲୋଇ, ୧୯୮୪)। ଦିପାଳି ଦଣ୍ଡଙ୍କ ମତରେ ଡିମସା ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ନଦୀ ବାସିନ୍ଦା। ଡିମସାମାନେ ହେଉଛନ୍ତି ଡିମାହ ସାଓ (ପୂର୍ବରୁ ଉତ୍ତର କାଚର୍ ପର୍ବତମାଳା ରୂପେ ବିଦିତ)ର ସବୁଠୁ ପ୍ରଭାବଶାଳୀ ଆଦିମ ଅଧିବାସୀ। ଆସାମର ଡିମାହ ସାଓ ଜିଲ୍ଲା ଛଡ଼ା ଏହି ପାରମ୍ପରିକ ଅଧିବାସୀମାନେ ପଡ଼ୋଶୀ ରାଜ୍ୟ ନାଗାଲ୍ୟାଣ୍ଡ (କେବଳ ଡିମାପୁର)ରେ ମଧ୍ୟ ଦେଖାଯାନ୍ତି।

ସ୍ୱାଧୀନତା ପରବର୍ତୀ କାଳରେ ଡିମସାମାନଙ୍କୁ ଏକ ସ୍ୱତନ୍ତ୍ର ଜନଜାତି ଗୋଷ୍ଠୀ ରୂପେ ଧରା ନଯାଇ କଚରି ଜନଜାତିର ଏକ ଉପ-ଜନଜାତି ରୂପେ ଚିହ୍ନିତ କରାଗଲା। ପରିଶେଷରେ ୧୯୬୧ ଜନଗଣନାରେ ଡିମସାମାନଙ୍କୁ ଏକ ସ୍ୱତନ୍ତ୍ର ଜନଜାତିର ମାନ୍ୟତା ମିଳିଲା। ଏହି ପରିଚୟ ହଠାତ୍ ଆସିଯାଇ ନଥିଲା, ବରଂ ସ୍ୱୀକୃତି ପାଇବା ପାଇଁ ଏହି ଆଦିବାସୀ ଲୋକମାନଙ୍କୁ ଦୀର୍ଘ ଲଢ଼େଇ କରିବାକୁ ପଡ଼ିଥିଲା। ବର୍ତ୍ତମାନର ସ୍ୱୟଂଚାଳିତ ଜିଲ୍ଲା ପରିଷଦର ଶୁଭାରମ୍ଭ ୧୯୫୨ ଏପ୍ରିଲ୍ ୧୯ରେ ହୋଇଥିଲା ଯାହାକୁ ସେତେବେଳେ ଉତ୍ତର କଚର ଜିଲ୍ଲା ପରିଷଦ ବୋଲି କୁହା ଯାଉଥିଲା। ଡିମସାମାନେ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପାଇଁ ଦାବି କରିଥିଲେ, କିନ୍ତୁ ସେମାନଙ୍କ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ପୂରଣ ହୋଇ ନଥିଲା, ତେବେ ନିକଟରେ ଉତ୍ତର କଚର ପର୍ବତମାଳାକୁ ନିକଟରେ ଡିମାହ ସାଓ ରୂପେ ପୁନଃନାମିତ କରାଗଲା। ଡିମାହ ସାଓ ଜିଲ୍ଲା ପରିଷଦ ଭାରତୀୟ ସମ୍ବିଧାନର ଷଷ୍ଠ ସୂଚୀର ବ୍ୟବସ୍ଥା ଅଧୀନରେ ଆସୁଛି। ଡିମସାମାନଙ୍କୁ ସ୍ୱୀକୃତି ପ୍ରଦାନ ଏହି ଜିଲ୍ଲାରେ ଅଶାନ୍ତି ସୃଷ୍ଟି କରିଥିଲା, କାରଣ ଅନେକ କ୍ଷୁଦ୍ର ଆଦିବାସୀ ଗୋଷ୍ଠୀ ଜିଲ୍ଲାର ଅଧିକ ବିଭାଜନ ପାଇଁ ଦାବି କରିଥିଲେ।

ଡିମସାମାନଙ୍କୁ ପାହାଡ଼ିଆ ଅନୁସୂଚୀତ ଜନଜାତି (ଏସ୍‌ଟିଏଚ୍) ରୂପେ ବର୍ଗୀକୃତ କରାଯାଇଛି। ତେବେ, ସମତଳ ଅଞ୍ଚଳର ବାରାକ ଉପତ୍ୟକା ଓ ନଗାଓଁ ଜିଲ୍ଲାରେ ବାସ କରୁଥିବା ଲୋକମାନଙ୍କୁ ଆସାମ ସରକାର ସମତଳିଆ ଅନୁସୂଚୀତ ଜନଜାତି (ଏସ୍‌ଟିପି) ରୂପେ ଚିହ୍ନିତ କରାଯାଇଛି। ସରକାରୀ ଭାବେ ସେମାନେ ଡିମସା ବଦଳରେ ଯଥାକ୍ରମେ ବର୍ମନ କଚରି ଓ ହୋଜାଇ କଚରି ଭାବରେ ପରିଚିତ ହେଉଛନ୍ତି। କେବଳ ଡିମାହ ସାଓ (ପୂର୍ବରୁ ଉତ୍ତର କଚର୍ ପର୍ବତମାଳା ରୂପେ ବିଦିତ) ଓ କାର୍ବିଆଙ୍ଗ୍‌ଲଙ୍ଗ୍‌ର ପାହାଡ଼ିଆ ଜିଲ୍ଲାଗୁଡ଼ିକର ଅଧିବାସୀମାନଙ୍କୁ ଡିମସା ରୂପେ ଚିହ୍ନିତ କରାଯାଇଛି। ଅନ୍ୟ ପକ୍ଷରେ ନାଗାଲ୍ୟାଣ୍ଡରେ ବାସ କରୁଥିବା ଡିମସାମାନଙ୍କୁ ସରକାରୀ ଭାବେ କଚରି କୁହାଯାଉଛି।

ଡିମସାମାନେ ନିଜକୁ ଚାରିଗୋଟି ପ୍ରମୁଖ ଗୋଷ୍ଠୀରେ ଚିହ୍ନିତ କରିଥାନ୍ତି: ଡିମସା- ନାଗାଲ୍ୟାଣ୍ଡର ଦିମାପୁର ଜିଲ୍ଲାର ବାସିନ୍ଦା, ଡେମ୍ବ୍ରାସା- କାର୍ବିଆଙ୍ଗ୍‌ଲଙ୍ଗ୍ ଓ ନଗାଓଁ ଜିଲ୍ଲାର ବାସିନ୍ଦା, କଚର ଜିଲ୍ଲାର ହାୱାର୍ସାମାନେ ବର୍ମନ ବା ବୁର୍ମନ ରୂପେ ନିଜର ପରିଚୟ ଦେଇଥାନ୍ତି ଏବଂ ହସଓସା- ଡିମାହ ସାଓ ଜିଲ୍ଲାର ଡିମସାମାନେ (କୋଲ୍‌ବ, ୨୦୧୭)।

ଆନ୍ତଃଜାତିଗତ ପାର୍ଥକ୍ୟ ବୃହତ୍ତର ଡିମସା ଶବ୍ଦର ଅର୍ଥର ପୁନର୍ବିଚାର ପାଇଁ ବାଧ୍ୟ କରିଥାଏ। ବେଟିଲ୍ଲେ (୧୯୮୬) ଯଥାର୍ଥ ଭାବେ ଯୁକ୍ତି ଦର୍ଶାନ୍ତି ଯେ ଭାରତରେ ବଡ଼ ସମସ୍ୟା ହେଉଛି ବୈଜ୍ଞାନିକ ବା ତାତ୍ତ୍ୱିକ ବିଚାରରେ ଜନଜାତିଙ୍କର ସଂଜ୍ଞା ପ୍ରଦାନ ନ କରି ସେମାନଙ୍କୁ ଚିହ୍ନିତ କରାଯିବା ଉପରେ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ। ଏହି ପରିପ୍ରେକ୍ଷୀରେ ଭାରତରେ ଏହି ଜନଜାତିକୁ ଏକ ସ୍ୱତନ୍ତ୍ର ବିଭାଗ ପ୍ରଦାନ କରିବାରେ ଊନବିଂଶ ଶତାବ୍ଦୀ ଓ ଆଦ୍ୟ ବିଂଶ ଶତାବ୍ଦୀର ଔପନିବେଶିକ ନୃତତ୍ତ୍ୱ ବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା (ଖାନ୍, ୨୦୧୬)।

ଡିମାହ ସାଓ ଜିଲ୍ଲାରେ ରହୁଥିବା ଅନେକ ଆଦିବାସୀଙ୍କୁ ରାଜ୍ୟ ସରକାର ସ୍ୱୀକୃତି ଦେଇ ନଥିବାରୁ ଏହି ଜିଲ୍ଲା ଅନେକ ଗୁପ୍ତ ଆତଙ୍କବାଦୀ ଗୋଷ୍ଠୀ ଏବଂ ପାରମ୍ପରିକ ଅଧିବାସୀ ଛାତ୍ର ଗୋଷ୍ଠୀଙ୍କ ପକ୍ଷରୁ ପୁନଶ୍ଚ ଜିଲ୍ଲା ବିଭାଜନ ଦାବିରେ ବହୁବାର ଧର୍ମଘଟ ଆହ୍ୱାନର ସମ୍ମୁଖୀନ ହେଉଛି।

## ୫.୫: ବିଷୟ ସାରାଂଶ

ବିଭିନ୍ନ ଗବେଷକ ଓ ବିଶେଷଜ୍ଞଙ୍କର ବିଭିନ୍ନ ମତ ରହି ଥିବାରୁ ଜନଜାତି ଓ ଜନଜାତି ପରିଚୟ ପ୍ରସଙ୍ଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇପାରେ।

ଜନଜାତି ପରିଚୟ ସୃଷ୍ଟି ଓ ସାମ୍ପ୍ରତିକ ଘଟଣାକ୍ରମ ଉପରେ ପୁନଃଦୃଷ୍ଟି ପକାଇଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ନୀତିଗୁଡ଼ିକ ଉପରେ ବିଚାର କରାଯାଇପାରେ। ଏହି ପରିପ୍ରେକ୍ଷୀରେ ଆଦିବାସୀ ଜନସମୁଦାୟର ପରିଚୟର ସ୍ଥାନୀୟତା ଓ ନିର୍ଦ୍ଦିଷ୍ଟତା ପାଇଁ ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲା। ଏହା ଛଡ଼ା, ଅନେକ ଅନାଲୋଚିତ ନୀତି ନିର୍ଦ୍ଧାରକ ଅଛନ୍ତି ଯେଉଁମାନେ ବର୍ତମାନର ଜନଜାତି ପରିଚୟ ସୃଷ୍ଟିର ଏକ ମୌଳିକ ଅଂଶ। ତେବେ ଗୋଟିଏ ଜନଜାତି ଗୋଷ୍ଠୀକୁ ଅନ୍ୟ ଗୋଷ୍ଠୀଭୁକ୍ତ କରାଯିବା ଯେ କୌଣସି ଆଦିବାସୀ ସମାଜର କ୍ଷମତାକୁ କ୍ଷୁଣ୍ଣ କରିଥାଏ, କାରଣ ଏହାଦ୍ୱାରା ସେମାନଙ୍କ ପରିଚୟ ଅଲୋଡ଼ା ହୋଇପଡ଼େ।

ପୂର୍ବରୁ ଜାତି ଓ ଜନଜାତି ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ନଥିଲା, ବରଂ ଉଭୟକୁ ସମାନ ବୋଲି ଧରା ଯାଉଥିଲା। ସମୟକ୍ରମେ ଜାତିକୁ ଜନଜାତି ରୂପେ ଧରି ନେବାର ଚର୍ଚ୍ଚାକୁ ବାଦ୍ ଦିଆଗଲା। ବେଟିଲ୍ଲେ (୧୯୯୮)ଙ୍କ ମତରେ ଶ୍ରେଷ୍ଠ ଜନଗଣନାକାରୀମାନେ ମଧ୍ୟ ଜନଜାତିକୁ ଜାତି ରୂପେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପକାଇଥାନ୍ତି। ଏହା ପ୍ରକାରାନ୍ତରେ ଦର୍ଶାଇଥାଏ ଯେ ଜି.ଏସ୍. ଘୁର୍ୟେଙ୍କ ଭଳି ବିଭିନ୍ନ ବିଦ୍ୱାନଙ୍କ ଉପାୟ ମୋଟାମୋଟି ଭାବେ ଜନଜାତିକୁ ବୁଝିବା ପାଇଁ ଯଥାର୍ଥ ନୁହେଁ। ତେଣୁ ଆମେ ଏହି ଉପସଂହାରରେ ଉପନୀତ ହୋଇ ପାରିବା ଯେ ଜନଜାତି ପାଇଁ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ସୃଷ୍ଟି କରିବା ଉଭୟ ବିଶେଷଜ୍ଞ ଓ ଗବେଷକମାନଙ୍କ ପକ୍ଷରେ ଅବଶ୍ୟ ଏକ ଦୁରୂହ ବ୍ୟାପାର।

## ୫.୬: ଆସ ପ୍ରଗତି ମାପିବା

୧. ଜନଜାତି ଉପ-ଯୋଜନା ରଣନୀତିର ଲକ୍ଷ୍ୟ କ'ଣ ?

------------------------------------------------------------------------

--------------------------------------------------------------------

------------------------------

୨. ଓଡ଼ିଶାର କେତେକ ଜନଜାତିର ନାମ ଉଲ୍ଲେଖ କର ?

------------------------------------------------------------------------

--------------------------------------------------------------------

------------------------------

୩. ଭାରତର ଜନଜାତିର ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଗଣମାଧ୍ୟମ କି ଭୂମିକା ଗ୍ରହଣ କରି ପାରିବ ?

------------------------------------------------------------------------

--------------------------------------------------------------------

------------------------------

**ସହାୟକ ଗ୍ରନ୍ଥସୂଚୀ:**


ଭାରତର ଜନଗଣନା ରିପୋର୍ଟ (http://censusindia.gov.in ରେ ଉପଲବ୍ଧ)

'ଅନୁସୂଚୀତ ଜନଜାତିଙ୍କ ସାମାଜିକ-ଅର୍ଥନୈତିକ ବିକାଶ' ଉପରେ ଜାତୀୟ ଅନୁସୂଚୀତ ଜନଜାତି ଆୟୋଗଙ୍କ ରିପୋର୍ଟ, http://www.nest.nic.in/sites/default/files/Socioeconomic%20development%20for%STs.pdf ରେ ଉପଲବ୍ଧ)

Odisha State Open University, Sambalpur
www.osou.ac.in
e-mail: info@osou.ac.in